RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-270 SUNDAY 29 MARCH 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୨୭୦ ରବିବାର ୨୯ ମାର୍ଚ୍ଚ ୨୦୨୬ ପୃଷ୍ଠା-୧୨ ଟ.୭.୦୦ (ସିନ୍ଦୂରା ସହ)

# ଆତଙ୍କ ଖେଳାଇଲେ ବିଜେପି ବିଧାୟକ

## ରାମନବମୀ ଶୋଭାଯାତ୍ରାରେ ନବୀନ ଜୈନଙ୍କ 'ସିରିଜ୍ ଫାୟାରିଂ'



### ଶାସ୍ତ୍ରୀ ଛକ ଓ ବ୍ୟାଙ୍କ ଛକରେ ଦୁଇରାଉଣ୍ଡ ଫାଙ୍କା ଗୁଳି

### ନବୀନ ଜୈନଙ୍କ ଗିରଫ ଦାବିକଲା ବିଜେଡି

ବଲାଙ୍ଗିର, ୨୮ ।୩ (ସମିସ): ରାମନବମୀ ଶୋଭାଯାତ୍ରାରେ ଫୁଟିଲା ଗୁଳି । ହଜାରହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଦିନ ଆଲୁଅରେ ବିଚ୍ ରାସ୍ତାରେ ଗୁଳି ଫୁଟାଇଲେ ବିଜେପି ବିଧାୟକ । ଉତ୍ତରପ୍ରଦେଶ କି ବିହାର ନୁହେଁ; ଓଡ଼ିଶା ଭଳି ଶାନ୍ତିପ୍ରିୟ ଓ ସଂସ୍କୃତିସଂପନ୍ନ ରାଜ୍ୟରେ ଏଭଳି ଏକ କାଣ୍ଡ ଘଟାଇ ବିବାଦରେ ଫସିଛନ୍ତି ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ । ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଜୋରସୋର୍‌ରେ ଭାଇରାଲ ହେଉଛି । ବିଧାୟକଙ୍କ ଏଭଳି ଆଚରଣକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ଖୋଦ୍ ଆଇନନିର୍ମାତା ଯଦି ବିଚ୍ ରାସ୍ତାରେ ଅପରାଧୀଙ୍କ ଭଳି ଏଭଳି କାଣ୍ଡ କରିବେ, ତେବେ ସାଧାରଣ ଲୋକ କାହା ଉପରେ ଭରସା କରିବେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ସେମାନଙ୍କ କହିବା କଥା, ରାଜ୍ୟରେ ଏବେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦୁଷ୍କର୍ମ, ଅସଦାଚରଣ ଭଳି ନାରୀବିରୋଧୀ ଅତ୍ୟାଚାର ସହ ତାଳ ଦେଇ ହତ୍ୟା, ଅପହରଣ, ସାଧାରଣରେ ଆତଙ୍କ ଖେଳାଇବା, ସାଂପ୍ରଦାୟିକ ହିଂସା ଭଳି ଘଟଣା ରାଜ୍ୟରେ ବଢ଼ି ଚାଲିଛି । ଏପରି ସ୍ଥିତିରେ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଦିବସରେ ସର୍ବସାଧାରଣରେ ଜଣେ ବିଧାୟକ ଫାଙ୍କା ଗୁଳିଚାଳନା କରିବା କି' ପ୍ରକାର ମାନସିକତା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଅପରପକ୍ଷେ, ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଏହି ଘଟଣାର ତଦନ୍ତ ଚାଲିଛି ବୋଲି ସୂଚନା ଦେଇଛନ୍ତି । ▶ପୃଷ୍ଠା-୭

# ଇରାନକୁ ସମର୍ଥନ: ଯୁଦ୍ଧକୁ ଡେଇଁଲେ ହୁତି



### ଇରାନ ଉପରେ ୫୦ଟି ଯୁଦ୍ଧବିମାନରୁ ଇସ୍ରାଏଲ୍‌ର ଆକ୍ରମଣ

### ଆମେରିକାର 'ପ୍ରିନ୍ସ ସୁଲତାନ ଘାଟି, ୟୁଏସ୍‌ଏସ୍ ଜେରାଲ୍ଡ ଉପରେ ଇରାନର ପାଲଟା ଆକ୍ରମଣ

ତେଲ ଅଭିଭ୍, ୨୮ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧକୁ ଆଜି ମାସେ ପୂରିଥିବା ବେଳେ ଏହା ଥମିବାର ନାମ ନେଉନାହିଁ । ଅନ୍ୟପକ୍ଷରେ ଯୁଦ୍ଧ ଆହୁରି ଭୟଙ୍କର ହେବାକୁ ଲାଗିଛି । ମଧ୍ୟସ୍ଥିଙ୍କ ଜରିଆରେ ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ଜାରି ରହିଛି । ଆଜି ଇରାନ ଉପରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଥିବା ବେଳେ ଇରାନ ମଧ୍ୟ ଇସ୍ରାଏଲ ଏବଂ ଉପସାଗରରେ ଥିବା ଆମେରିକାର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ବର୍ଷା କରିଛି । ତେବେ ଏହି ଯୁଦ୍ଧରେ ଇରାନକୁ ସମର୍ଥନ କରି ହୁତି ବିଦ୍ରୋହୀ ସାମିଲ ହୋଇଥିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଛି ।

ଶନିବାର ଇସ୍ରାଏଲ ସେନା ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଛି । ଏହି ଅପରେସନରେ ୫୦ଟି ଯୁଦ୍ଧ ବିମାନ ସାମିଲ ହୋଇ ଇରାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସାମରିକ ଏବଂ ଆଣବିକ ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିଛନ୍ତି । ଇରାନର ଅରାକ'ରେ ଥିବା ହେଭି ୱାଟର ପ୍ଲାଣ୍ଟ ଏବଂ ୟଜଦରେ ଥିବା ୟୁରାନିୟମ ଏନ୍‌ରିଚ୍‌ମେଣ୍ଟ ପ୍ଲାଣ୍ଟ ଉପରେ ବୋମାମାଡ଼ କରାଯାଇଛି । ଇସ୍ରାଏଲ ଦାବି କରିଛି ଯେ ଏହି ସ୍ଥାନଗୁଡ଼ିକରେ ଇରାନ ପରମାଣୁ ଅସ୍ତ୍ର ପାଇଁ ପ୍ଲୁଟୋନିୟମ ଓ ବିସ୍ଫୋରକ ପ୍ରସ୍ତୁତ କରୁଥିଲା । ବାଲିଷ୍ଟିକ ମିସାଇଲ ଓ ଆଣ୍ଟି-ଏୟାରକ୍ରାଫ୍ଟ ମିସାଇଲର ▶ପୃଷ୍ଠା-୭

# ମହାନଦୀ ଜଳ ବିବାଦ ଶୁଣାଣି: ଟ୍ରିବ୍ୟୁନାଲରେ ଆଉ ଏକ ତାରିଖ

- ଆସନ୍ତା ଏପ୍ରିଲ ୧୧ରେ ପରବର୍ତ୍ତୀ ଶୁଣାଣି
- କ୍ଷୋଭ ପ୍ରକାଶ କଲେ ଜଳ ବିଶେଷଜ୍ଞ
- ରାଜ୍ୟ ସରକାରଙ୍କ ପ୍ରୟାସ ଅଧପନ୍ତରିଆ
- ସାର୍ବଜନୀନ ହେଉନି ସମାଧାନର ସର୍ତ୍ତ
- କାବେରୀ ରାସ୍ତାରେ ମହାନଦୀର ଭାଗ୍ୟ!

ଭୁବନେଶ୍ୱର, ୨୮ ।୩ (ସମିସ): ଆପୋଷ ଆଲୋଚନା ମାଧ୍ୟମରେ ଛତିଶଗଡ଼-ଓଡ଼ିଶା ମଧ୍ୟରେ ଲାଗି ରହିଥିବା ଜଳ ବିବାଦର ସମାଧାନ ହେବ ବୋଲି ଓଡ଼ିଶା ସରକାର ବାରମ୍ବାର ଦୋହରାଉଛନ୍ତି । ବିବାଦ ପ୍ରଶମିତ କରିବା ପାଇଁ ମହାନଦୀ

ଟ୍ରିବ୍ୟୁନାଲଙ୍କ ଏକ ଟିମ୍ ଓଡ଼ିଶା ଓ ଛତିଶଗଡ଼ରେ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ପୂର୍ବରୁ ହୋଇଥିବା ଏକାଧିକ ଶୁଣାଣିରେ ଓଡ଼ିଶା ନିଜର ପକ୍ଷ ରଖି ସାରିଛି । ଏହି ସ୍ଥିତିରେ ମହାନଦୀ ବିବାଦର ଆଶୁ ସମାଧାନ ନେଇ ରାଜ୍ୟବାସୀ ଆଶା ରଖିଥିବାବେଳେ ଶନିବାର ପୁଣିଥରେ ଓଡ଼ିଶାକୁ ନିରାଶ ହେବାକୁ ପଡ଼ିଛି । ଆଜି ଟ୍ରିବ୍ୟୁନାଲରେ ହୋଇଥିବା ଶୁଣାଣିରୁ ଓଡ଼ିଶାକୁ ମିଳିଛି ଆଉ ଏକ ତାରିଖ । ଟ୍ରିବ୍ୟୁନାର ଅବଧି ଆସନ୍ତା ଏପ୍ରିଲ ୧୩ ତାରିଖରେ ଶେଷ ହେବାକୁ ▶ପୃଷ୍ଠା-୭

# ଅଧାରେ ରହିଗଲା ହରିଶଙ୍କର ଦର୍ଶନ: ବସ୍ ଓଲଟି ୫ ତୀର୍ଥଯାତ୍ରୀ ମୃତ



ନୟାଗଡ଼/ଦଶପଲ୍ଲା/ବ୍ରହ୍ମପୁର, ୨୮ ।୩ (ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା ଟାକରାସ୍ଥିତ କୁଟୀବାରୀ ଘାଟିରେ ଶୁକ୍ରବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ପର୍ଯ୍ୟଟକ ବସ୍ ଓଲଟି ପଡ଼ିବାରୁ ୫ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ, ବ୍ରହ୍ମପୁର ଅଶୋକନଗରର ଏଲ. ହରିପାତ୍ର, ତାଙ୍କ ସ୍ତ୍ରୀ ଏଲ. ଲକ୍ଷ୍ମୀପାତ୍ର, ବ୍ରହ୍ମପୁର ବ୍ୟାଙ୍କ କଲୋନି ଷଷ୍ଠ ଲେନ୍‌ର ନାରାୟଣ ସାହୁଙ୍କ ସ୍ତ୍ରୀ ସୁପ୍ରଭା ସାହୁ ଝିଅ ସୁମନ୍ତୀ ସାହୁ ଓ ବସ୍ ଚାଳକ କୁଲାଡ଼ ଗାଁର ପ୍ରବୀଣ କୁମାର ସାହୁ ।

ଶୁକ୍ରବାର ସନ୍ଧ୍ୟାରେ ୫୫ ତୀର୍ଥଯାତ୍ରୀଙ୍କୁ ନେଇ ବ୍ରହ୍ମପୁରରୁ ହରିଶଙ୍କର, ନୃସିଂହନାଥ ଅଭିମୁଖେ ବାହାରିଥିଲା ଅନିଲ ନାମକ ଘରୋଇ ବସ୍ । ରାତି ପ୍ରାୟ ୧୨ଟାରେ ଦଶପଲ୍ଲା ଥାନା ଟାକରା ନିକଟସ୍ଥ ପିଠାଖାଇ ଘାଟିରେ ବୁଲାଣି ବୁଲୁଥିବା ବେଳେ ▶ପୃଷ୍ଠା-୭








ସକାଳ THE SAKALA
www.sakalaepaper.com

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧକୁ ପୂରିଲା ମାସେ

# ବାହାରିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ



ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶନିବାର ଏକ ମାସ ପୂରଣ ହୋଇଛି । କିନ୍ତୁ ଏହି ଯୁଦ୍ଧ ଏପର୍ଯ୍ୟନ୍ତ କୌଣସି ନିର୍ଣ୍ଣାୟକ ମୋଡ଼ ନେଇ ପାରିନାହିଁ। ଆମେରିକା ଓ ଇସ୍ରାଏଲ ଭାବିଥିଲେ ଯେ ଆକାଶମାର୍ଗରୁ ଇରାନ ଉପରେ ବୋମାମାଡ଼ କରି ଇରାନର ନେତୃତ୍ୱକୁ

**ଯୋଗାଣର ତଣ୍ଟି ଚିପିଛି ଇରାନ**

ଶେଷ କରିଦେଲେ ସବୁକିଛି ସହଜ ହୋଇଯିବ, ମାତ୍ର ବାସ୍ତବରେ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଯୁଦ୍ଧରେ ଆମେରିକା ଓ ଇସ୍ରାଏଲର ପ୍ରାରମ୍ଭିକ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ହୋଇଥିଲା । ଫଳରେ ଆମେରିକା ଓ ଇସ୍ରାଏଲ ଯୁଦ୍ଧ ଅଳ୍ପ ଦିନ ମଧ୍ୟରେ ଶେଷ ହୋଇଯିବ ବୋଲି ଭାବିଥିଲେ। କିନ୍ତୁ ଏକ ମାସର ଯୁଦ୍ଧ ପରେ କଥା ଅଲଗା ହୋଇଛି। ଆମେରିକା ଓ ଇସ୍ରାଏଲ ଲକ୍ଷ୍ୟ ହାସଲରୁ ବହୁ ଦୂରରେ ରହିଛନ୍ତି। ଏବେ ଯୁଦ୍ଧରୁ ବାହାରିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ। ଫେବୃଆରୀ ୨୮ରେ ଏହି ୱାସିଂଟନ ଓ ତେଲ ଅଭିଭ୍ ଇରାନର ତେହରାନ, ମିନାବ ଓ ଅନ୍ୟ ସହରଗୁଡ଼ିକ ଉପରେ ଆକାଶମାର୍ଗରୁ ବିମାନ ଆକ୍ରମଣ କରିଥିଲା । ଇରାନ ମଧ୍ୟ ଏହାର ପ୍ରତି ଜବାବ ଦେଇଥିଲା । ଇରାନ ପକ୍ଷରୁ ଇସ୍ରାଏଲ ସମେତ କୁଏତ, ୟୁଏଇ, ସାଉଦି ଆରବ ଓ ଜୋର୍ଡାନ ଭଳି ଉପସାଗରୀୟ ଦେଶଗୁଡ଼ିକ ଉପରେ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ଏପର୍ଯ୍ୟନ୍ତ ୪, ୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। କେବଳ ଇରାନରେ ୧, ୯୦୦ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ୧୭୫ ଜଣ ସ୍କୁଲ ଛାତ୍ରୀ ଅଛନ୍ତି। ଇରାନରେ ୩୨ ଲକ୍ଷ ଲୋକ ବାସହରା ହୋଇଛନ୍ତି। ଲେବାନନ୍‌ରେ ଇସ୍ରାଏଲ-ହିଜବୁଲ୍ଲା ସଂଘର୍ଷ ଯୋଗୁଁ ଲକ୍ଷ ଲକ୍ଷ ବିସ୍ଥାପିତ ହୋଇଛନ୍ତି। ଆମେରିକା ଦାବି କରିଛି ଯେ ସେମାନେ ଇରାନର ୧୦, ୦୦୦ରୁ ଅଧିକ ଲକ୍ଷ୍ୟସ୍ଥଳ (ଭୂତଳ କେନ୍ଦ୍ର ଓ ପ୍ରତିରକ୍ଷା କାରଖାନା) ନଷ୍ଟ କରିଛନ୍ତି ଏବଂ ୧୫୦ଟି ନୌସେନା ଜାହାଜକୁ ବୁଡ଼ାଇ ଦେଇଛନ୍ତି । କେବଳ ପ୍ରଥମ ୩ ସପ୍ତାହ ଯୁଦ୍ଧ ପାଇଁ ଆମେରିକାକୁ ୧.୪ରୁ ୨.୯ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡ଼ିଛି । ତେଣେ ଯୁଦ୍ଧ ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇବାରେ ସଫଳ ହୋଇଛି। ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ଇରାନ ବିଶ୍ୱର ୨୦ ପ୍ରତିଶତ ତୈଳ ଯୋଗାଣକୁ ବାଧାପ୍ରାପ୍ତ କରିଛି, ଯାହା ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶ ଛୁଆଁ ହୋଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଆଲୋଚନା ପାଇଁ ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଆକ୍ରମଣକୁ ସ୍ଥଗିତ ରଖିଛି। ତେବେ ଏଥିପାଇଁ ଇରାନ ଆମେରିକା ଆଗରେ କଡ଼ା ସର୍ତ୍ତ ରଖିଛି । ଇରାନ ସମ୍ପୂର୍ଣ୍ଣ ରୂପେ ହର୍ମୁଜ ପ୍ରଣାଳୀ ଉପରେ ନିଜର ସମ୍ପୂର୍ଣ୍ଣ ଅଧିକାର ଓ ଯୁଦ୍ଧ କ୍ଷତିପୂରଣ ଦାବି କରୁଛି। ସେପଟେ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଇରାନ ଉପରେ ଆକ୍ରମଣରେ କୌଣସି ଶିଥିଳତା ଦେଖାଯିବ ନାହିଁ। ତେଣୁ ଏହି ଯୁଦ୍ଧ ଆଉ କେତେଦିନ ଆଗକୁ ଯିବ ଓ ଏହା କେତେ ଦୂର ପର୍ଯ୍ୟନ୍ତ ଲମ୍ବିବ ତାହା କହିବା କଷ୍ଟକର।

## ଫୋନ୍ କରି ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଭାନ୍ସ

ୱାସିଂଟନ/ଜେରୁଜେଲମ, ୨୮ ।୩(ଏଜେନ୍ସି): ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଆମେରକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଫୋନ କଲ୍ ହୋଇଛି। ଏ ନେଇ ଆମେରିକୀୟ ନ୍ୟୁଜ୍ ୱେବ୍‌ସାଇଟ୍ 'ଆକ୍ସିଓସ୍' ରିପୋର୍ଟ କରିଛି । ଯୁଦ୍ଧ ଆରମ୍ଭ ହେବା



ପୂର୍ବରୁ ନେତନ୍ୟାହୁ (ବିବି) ଦାବି କରିଥିଲେ ଯେ ଇରାନରେ ଶାସନ ପରିବର୍ତ୍ତନ ଅତି ସହଜରେ ହୋଇଯିବ । ମାତ୍ର ବାସ୍ତବରେ ତାହା ହୋଇନାହିଁ। ଜେଡି ଭାନ୍ସ ଏହି ପ୍ରସଙ୍ଗରେ ନେତନ୍ୟାହୁଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭାନ୍ସ ଚାହୁଁନାହାନ୍ତି ଯେ ଆମେରିକା ପୁଣି ଏକ ଅସରନ୍ତି ଯୁଦ୍ଧରେ ସାମିଲ ହେଉ। ସେ ଯୁଦ୍ଧ ଶୀଘ୍ର ସମାପ୍ତ ପାଇଁ ଚେଷ୍ଟା କରୁଛନ୍ତି। ଅମେରିକାର ଜଣେ ବରିଷ୍ଠ ଅଧିକାରୀ ଦାବି କରିଛନ୍ତି ଯେ, ଇସ୍ରାଏଲ ଜାଣିଶୁଣି ଜେଡି ଭାନ୍ସଙ୍କ ଭାବମୂର୍ତ୍ତି ଖରାପ କରିବାକୁ ଚେଷ୍ଟା କରୁଛି। ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପକ୍ଷରୁ ଏପରି ଖବର ପ୍ରସାରଣ କରାଯାଉଛି ଯେ ଇରାନ କୁଆଡ଼େ ଭାନ୍ସଙ୍କ ସହ ଆଲୋଚନା କରିବାକୁ ଅଧିକ ପସନ୍ଦ କରୁଛି, କାରଣ ସେ ଯୁଦ୍ଧ ବନ୍ଦ କରିବା ପାଇଁ ଅଧିକ ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି । ଆମେରିକୀୟ ଅଧିକାରୀଙ୍କ ମତରେ ଏହା 'ଜେଡ଼ି ଭାନ୍ସଙ୍କ ବିରୋଧରେ ଏକ ଇସ୍ରାଏଲ ଅପରେସନ'। ଅନ୍ୟପଟେ ହ୍ୱାଇଟ୍ ହାଉସ୍‌ର ଅଧିକାରୀ ବିଶ୍ୱାସ କରନ୍ତି ଯେ ଜେଡି ଭାନ୍ସ ହେଉଛନ୍ତି ଯୁଦ୍ଧ ବନ୍ଦ କରିବା ପାଇଁ ସବୁଠାରୁ ଉପଯୁକ୍ତ ବ୍ୟକ୍ତି। ଯଦି ଇରାନୀମାନେ ଭାନ୍ସଙ୍କ ସହ ବୁଝାମଣା କରିବେ ନାହିଁ, ତେବେ ସେମାନଙ୍କୁ ଆଉ କୌଣସି ସୁଯୋଗ ମିଳିବ ନାହିଁ। ସେ ହିଁ ସେମାନଙ୍କ ସର୍ବୋତ୍ତମ ବିକଳ୍ପ ବୋଲି ଜଣେ ଅଧିକାରୀ କହିଛନ୍ତି। ଭାନ୍ସ ପୂର୍ବରୁ ଜଣେ ମେରାଇନ୍ ସୈନିକ ଭାବେ ଇରାନରେ କାର୍ଯ୍ୟ କରିସାରିଛନ୍ତି। ସେ ସବୁବେଳେ ବିଦେଶୀ ଯୁଦ୍ଧରେ ଆମେରିକାର ହସ୍ତକ୍ଷେପକୁ ବିରୋଧ କରିଆସିଛନ୍ତି। ଯଦିଓ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଅପରେସନ ଏପିକ ଫ୍ୟୁରୀ'କୁ ସମର୍ଥନ କରୁଛନ୍ତି, କିନ୍ତୁ ସେ ଏହାକୁ ଅଧିକ ଦିନ ଟାଣିବାକୁ ଚାହୁଁନାହାନ୍ତି।

## ଇରାନ ଯୁଦ୍ଧରେ ସାମିଲ ହେବ ୟୁଏଇ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଗୋଟିଏ ମାସ ପୁରଣ କରିବାକୁ ଯାଉଛି । ଉପସାଗରୀୟ ଅଞ୍ଚଳରେ ପ୍ରାୟ ୧୧ଟି ଦେଶ ଇରାନ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି । ଇସ୍ରାଏଲ ପରେ ଯଦି କୌଣସି ଦେଶ ଇରାନ ଆକ୍ରମଣରେ ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି, ତାହା ହେଉଛି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) । ଏବେ ୟୁଏଇର ସମ୍ବେଦନଶୀଳ ଆଭିମୁଖ୍ୟରୁ ସୂଚନା ମିଳିଛି ଯେ ଏହି ଦେଶ ଖୁବ୍‌ଶୀଘ୍ର ଆମେରିକା ଓ

**ଧୈର୍ଯ୍ୟ ହରାଉଛି ଆବୁଧାବି**

ଇସ୍ରାଏଲ ସହିତ ମିଶି ଇରାନ ବିରୋଧରେ ସ୍ଥଳସେନା ଅଭିଯାନରେ ସାମିଲ ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ, ଗତ ୩ ସପ୍ତାହ ମଧ୍ୟରେ ଇରାନ ୟୁଏଇ ଉପରକୁ ୨, ୨୦୦ରୁ ଅଧିକ ମିସାଇଲ ଓ ଡ୍ରୋନ ନିକ୍ଷେପ କରିଛି । ୟୁଏଇର ବାୟୁପ୍ରତରକ୍ଷା ପ୍ରଣାଳୀ ଏହି ଆକ୍ରମଣ ମଧ୍ୟରେ ୯୫ ପ୍ରତିଶତ କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ନଷ୍ଟ କରିବାରେ ସକ୍ଷମ ହୋଇଛି । ଇରାନ ପକ୍ଷରୁ ଦୁବାଇ, ଆବୁଧାବିର ବିମାନବନ୍ଦର, ଜେବେଲ ଅଲି ବନ୍ଦର, ଆବାସିକ ଅଞ୍ଚଳ ଏବଂ ଆମେରିକୀୟ ବାୟୁସେନା ଘାଟି 'ଅଲ ଧାଫ୍ରା'କୁ ଟାର୍ଗେଟ କରାଯାଉଛି। ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଆବୁ ମୁସା ଓ ଟନବ ଦ୍ୱୀପକୁ ନେଇ ୧୯୭୧ରୁ ଇରାନ ଓ ୟୁଏଇ ମଧ୍ୟରେ ବିବାଦ ଲାଗି ରହିଛି । ଇରାନ ଆଶଙ୍କା କରୁଛି ଯେ, ୟୁଏଇ ଏହି ଯୁଦ୍ଧର ସୁଯୋଗ ନେଇ ଦ୍ୱୀପଗୁଡ଼ିକୁ ଦଖଲ କରିବାକୁ ଚାହୁଁଛି। ୨୦୨୦ର 'ଆବ୍ରାହମ ଏକର୍ଡ' ପରଠାରୁ ୟୁଏଇ ଓ ଇସ୍ରାଏଲ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି, ଯାହା ଇରାନକୁ ଅସନ୍ତୁଷ୍ଟ କରିଛି। ଇରାନର ସନ୍ଦେହ ଯେ ୟୁଏଇ ନିଜର ଆଡଭାନ୍ସ ଏଆଇ ସିଷ୍ଟମକୁ ବ୍ୟବହାରେ କରି ଇରାନର ସାମରିକ ତଥ୍ୟ ଆମେରିକା ଓ ଇସ୍ରାଏଲକୁ ଦେଉଛି। ୟୁଏଇ ଯଦି ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହୁଏ, ତେବେ ଭାରତ ପାଇଁ ଏହା ଚିନ୍ତାର ବିଷୟ ହେବ। ଏହା ହେଲେ ୟୁଏଇରେ ରହୁଥିବା ୪୫ ଲକ୍ଷ ଭାରତୀୟ, ଯାହା ସେଠାକାର ଜନସଂଖ୍ୟାର ପ୍ରାୟ ୪୦% ଓ ଏମାନଙ୍କ ସୁରକ୍ଷା ବିପଦରେ ପଡ଼ିବ।





ଯୁଦ୍ଧର ୩୦ତମ ଦିନରେ ଇସ୍ରାଏଲ, ଇରାନର ଆକ୍ରମଣ

## ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ରାଜସ୍ଥାନରେ ହଜାର ହଜାର ଚିଲଙ୍କ ଆଗମନ

ବିକାନେର, ୨୮ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ପ୍ରଥମଥର ପାଇଁ ବିପୁଳ ସଂଖ୍ୟାରେ ବିଦେଶୀ ଷ୍ଟେପି ଇଗଲ ଅର୍ଥାତ ଚିଲ ରାଜସ୍ଥାନର ବିକାନେର ଓ ଜୈସଲମେରକୁ ପଳାଇ ଆସିଛନ୍ତି। ଯୁଦ୍ଧ କାରଣରୁ ସେମାନଙ୍କ ପ୍ରାକୃତିକ ବାସସ୍ଥାନ ନଷ୍ଟ ହୋଇଥିବାରୁ ଭାରତକୁ ନିଜର ସୁରକ୍ଷିତ ସ୍ଥାନ ଭାବେ ବାଛିଛନ୍ତି। ବିକାନେରର ଜୋରବୀରରେ ପ୍ରାୟ ୨୨୦୦ ଏବଂ ଜୈସଲମେରରେ ଡେଜର୍ଟ ନ୍ୟାସନାଲ ପାର୍କରେ ପ୍ରାୟ ୧୭୦୦ ଚିଲ ଦେଖାଦେଇଛନ୍ତି। ସାଧାରଣତଃ ଏହି ପକ୍ଷୀମାନେ ରୁଷ ଓ ମଙ୍ଗୋଲିଆରୁ ଇରାକ-ଇରାନ ଆଡକୁ ଯାଇଥାନ୍ତି। ମାତ୍ର ଯୁଦ୍ଧ ଯୋଗୁଁ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହୋଇଥିବାରୁ ସେମାନେ ଭାରତ ମୁହାଁ ହୋଇଛନ୍ତି। ପ୍ରାୟ ୨୫ ଦିନର କ୍ରମାଗତ ଉଡ଼ାଣ ପରେ ଏହି ବିଦେଶୀ ପକ୍ଷୀ ମାନେ ରାଜସ୍ଥାନରେ ପହଞ୍ଚିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚିଲମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ହେଉଛନ୍ତି ଜୁଭେନାଇଲ ଅର୍ଥାତ ଦୁଇବର୍ଷରୁ କମ୍ ବୟସର। ବନ୍ୟପ୍ରାଣୀ



ବିଶେଷଜ୍ଞ ଡଃ ଦାଉ ଲାଲ ବୋହରାଙ୍କ ଅନୁଯାୟୀ, ସାଧାରଣତଃ ଏହି ପକ୍ଷୀମାନେ କେନ୍ଦ୍ର ଏସିଆରୁ ଇରାନ- ଇରାକ ଆଡକୁ ଯାଇଥାନ୍ତି। କିନ୍ତୁ ଯୁଦ୍ଧ କାରଣରୁ ସେମାନଙ୍କ ଆଶ୍ରୟସ୍ଥଳୀ ବିପଦରେ ପଡ଼ିଛି। ଫଳରେ ସେମାନେ ନିଜର ଗତିପଥ ବଦଳାଇ ରାଜସ୍ଥାନର ମରୁଭୂମି ଅଞ୍ଚଳକୁ ଆସିଛନ୍ତି। ତେବେ ଏତେ ବଡ଼ ସଂଖ୍ୟାରେ ପକ୍ଷୀଙ୍କ ଆଗମନ ପରିବେଶ ପାଇଁ ଏକ ସତର୍କ ଘଣ୍ଟି ହୋଇଛି । ଏହା ଦ୍ୱାରା ସଂକ୍ରାମକ ରୋଗ ବ୍ୟାପୀବାର ଆଶଙ୍କା ରହିଛି। ମୃତ ପଶୁଙ୍କୁ ଦିଆଯାଉଥିବା ନିମୁସୁଲାଇଡ୍ ଓ ଡାଇକ୍ଲୋଫେନାକ ଭଳି ଔଷଧ ଏହି ଚିଲଙ୍କ ପାଇଁ ମାରାତ୍ମକ। ୨୦୦୮ ରେ ଏହି କାରଣରୁ ୪୦ ଚିଲଙ୍କର ମୃତ୍ୟୁ ହୋଇଥିଲା । ଏହି ଷ୍ଟେପି ଇଗଲ ବିଶ୍ୱସ୍ତରରେ ବିଲୁପ୍ତ ପ୍ରାୟ। ସାରା ବିଶ୍ୱରେ ଏବେ ମାତ୍ର ୨୫, ୦୦୦ ଷ୍ଟେପି ଇଗଲ ବଞ୍ଚିଛନ୍ତି । ରାଜସ୍ଥାନର ଜୋରବୀର ବର୍ତ୍ତମାନ ଏମାନଙ୍କ ସଂରକ୍ଷଣ ପାଇଁ ଏକ ପ୍ରମୁଖ ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ପରିଚିତ ହେଉଛି । ଏହି ପକ୍ଷୀମାନେ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଏଠାରେ ରହିବେ ଓ ପରେ ନିଜ ଅଞ୍ଚଳକୁ ଫେରିଯିବେ।

## ଫୋନ୍‌ରେ ମୋଦୀ-ଟ୍ରମ୍ପ ଆଲୋଚନା

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନରେ ମଙ୍ଗଳବାର ହୋଇଥିବା କଥାବାର୍ତ୍ତାକୁ ନେଇ ଭାରତ ସରକାର ଏକ ବଡ଼ ସ୍ପଷ୍ଟୀକରଣ ଦେଇଛନ୍ତି । ଏହି ଫୋନ୍ କଲ୍‌ରେ ବିଶିଷ୍ଟ ବ୍ୟବସାୟୀ ତଥା କୋଟିପତି ଏଲନ ମସ୍କ ସାମିଲ ଥିବା ନେଇ ଆସିଥିବା ଖବରକୁ ଭାରତ ପ୍ରତ୍ୟାଖ୍ୟାନ କରିଛି । ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ ମାର୍ଚ୍ଚ ୨୪ରେ ଟେଲିଫୋନ ଆଲୋଚନା କେବଳ ପ୍ରଧାନମନ୍ତ୍ରୀ ଓ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିଲା । ଏଥିରେ ଅନ୍ୟ କୌଣସି ବ୍ୟକ୍ତି ସାମିଲ ନଥିଲେ । ପୂର୍ବରୁ ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ଯେ ଦୁଇ ଦେଶର ମୁଖ୍ୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମୟରେ ମସ୍କ ମଧ୍ୟ ଉପସ୍ଥିତ ଥିଲେ। ଟ୍ରମ୍ପଙ୍କ ସହ ପୂର୍ବରୁ ମସ୍କଙ୍କ ମନାନ୍ତର ଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କଲ୍‌ରେ ତାଙ୍କର ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ଓ ଉନ୍ମୁକ୍ତ ରଖିବା ବିଶ୍ୱ ପାଇଁ ଅତ୍ୟନ୍ତ ଜରୁରୀ। ଏହା ଉପରେ ଉଭୟ ନେତା ଏକମତ ହୋଇଛନ୍ତି। ଭାରତ ପକ୍ଷରୁ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଓ ଯୁଦ୍ଧ ରୋକିବା ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ମୋଦୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

**ମସ୍କ ସାମିଲ ଥିବା ଖବରକୁ ଖଣ୍ଡନ କଲା ଭାରତ**

## ୧୬୪ ଆସନରେ ଲଢ଼ିବ ଡିଏମ୍‌କେ, ସହଯୋଗୀଙ୍କୁ ୭୦

ଚେନ୍ନଇ, ୨୮ ।୩(ଏଜେନ୍ସି): ଏପ୍ରିଲ ୨୩ରେ ତାମିଲନାଡୁରେ ବିଧାନସଭା ନିର୍ବାଚନ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଶନିବାର ନିର୍ବାଚନ ପାଇଁ ଆସନ ବୁଝାମଣା ଚୂଡାନ୍ତ କରିଛନ୍ତି। ମୋଟି ୨୩୪ଟି ଆସନରୁ ଡିଏମ୍‌କେ ୧୬୪ଟିରେ ଆସନରେ ପ୍ରତିଦ୍ୱନ୍ଦ୍ୱୀତା କରିବ। ଏଥିରେ ଚେନ୍ନଇର ଗୁରୁତ୍ୱପୂର୍ଣ୍ଣ ଆସନଗୁଡ଼ିକ ସାମିଲ ରହିଛି। ଡିଏମ୍‌କେ ନିଜ ସହଯୋଗୀ ଦଳଗୁଡ଼ିକ ପାଇଁ ୭୦ଟି ଆସନ ଛାଡ଼ି ଦେଇଛି। ଏହିକ୍ରମରେ କଂଗ୍ରେସ ୨୮, ଡିଏମ୍‌ଡିକେ ୧୦, ଭିସିକେ ୫, ସିପିଆଇ ୫, ସିପିଆଇ(ଏମ୍) ୫ ଓ ଏମ୍‌ଡିଏମ୍‌କେ ୪ଟି ଆସନରେ ନିର୍ବାଚରେ ଅବତୀର୍ଣ୍ଣ ହେବେ। ଷ୍ଟାଲିନ୍ କୋଲଥୁର ଆସନରୁ ପୁଣି ନିର୍ବାଚନ ଲଢ଼ିବେ। ଡିଏମ୍‌କେ ଦେଇଥିବା ପ୍ରାର୍ଥୀ ତାଲିକାରେ ୬୦ ଜଣ ନବାଗତ ଅର୍ଥାତ ନୂଆ ମୁହଁ ଅଛନ୍ତି। ପ୍ରାର୍ଥୀମାନଙ୍କ ମଧ୍ୟରେ ୨୯ ଜଣ ଓକିଲ, ୧୭ ଜଣ ଇଞ୍ଜିନିୟର, ୧୫ ଜଣ ଡାକ୍ତର ଏବଂ ୭ ଜଣ ପିଏଚ୍‌ଡି ଧାରୀ ଅଛନ୍ତି। ମହିଳାମାନଙ୍କୁ ୧୮ଟି ଆସନରେ ପ୍ରାର୍ଥୀ କରାଯାଇଛି। ପୂର୍ବରୁ ବିରୋଧୀ ଏନ୍‌ଡିଏ ମଧ୍ୟ ମେଣ୍ଟର ସ୍ଥିତି ସ୍ପଷ୍ଟ କରିସାରିଛି। ଏଆଇଏଡିଏମ୍‌କେ ୧୬୯, ବିଜେପି ୨୭, ପିଏମ୍‌କେ ୧୮ ଓ ଏଏମ୍‌ଏମ୍‌କେ ୧୧ଟି ଆସନରେ ଲଢ଼ିବ।

## ହର୍ମୁଜ ଦେଇ ଆସିଲା ଭାରତର ଆଉ ୨ଟି ଏଲ୍‌ପିଜି ଟ୍ୟାଙ୍କର

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସତ୍ତ୍ୱେ ଇରାନର ନିଜର ବନ୍ଧୁ ରାଷ୍ଟ୍ର ଭାରତକୁ ଏକ ବଡ଼ ଆଶ୍ୱସ୍ତି ଦେଇଛି। ଅତ୍ୟନ୍ତ ସମ୍ବେଦନଶୀଳ ହର୍ମୁଜ ପ୍ରଣାଳୀ ଦେଇ ଭାରତ ଅଭିମୁଖେ ଆସୁଥିବା ଆଉ ଦୁଇଟି ଏଲ୍‌ପିଜି ଟ୍ୟାଙ୍କରକୁ ଯିବା ପାଇଁ ଇରାନ ଅନୁମତି ଦେଇଛି । ଏହି ଦୁଇଟି ଟ୍ୟାଙ୍କର ନାମ 'ବିଡବ୍ଲ୍ୟୁ ଇଏଲ୍‌ଏମ୍' ଓ 'ବିଡବ୍ଲ୍ୟୁ ଟିୱାଇଆର' । ଏହି ଦୁଇଟି ବିଶାଳ ଟ୍ୟାଙ୍କର ଶନିବାର ଏହି ଜଳପଥ ଦେଇ ଗତି କରିଛନ୍ତି । ଇରାନ ପୂର୍ବରୁ ଘୋଷଣା କରିଥିଲା ଯେ ଭାରତ ସମେତ ୫ଟି ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରର ଜାହାଜଗୁଡ଼ିକୁ ଏହି ଯୁଦ୍ଧ ସମୟରେ ଚଳାଚଳ ପାଇଁ ଅନୁମତି ଦିଆଯିବ। ସିପିଂ ଡାଟା ଅନୁଯାୟୀ, ଏହି ଟ୍ୟାଙ୍କରଗୁଡ଼ିକ ବିପଜ୍ଜନକ କରିଡର ଅତିକ୍ରମ କରି ଏବେ ଓମାନ ସାଗର ଆଡକୁ ଅଗ୍ରସର ହେଉଛନ୍ତି । ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୮ ରୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି, ଯାହା ବିଶ୍ୱର ତୈଳ ଓ ଗ୍ୟାସ୍ ଯୋଗାଣ ପାଇଁ ଏକ ପ୍ରମୁଖ ପଥ । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ଜାହାଜକୁ ଅନୁମତି ମିଳିବା ଦ୍ୱାରା ଭାରତରେ ଏଲ୍‌ପିଜି ଯୋଗାଣ ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଛି । ପୂର୍ବରୁ ମଧ୍ୟ ଭାରତ ୫ଟି ଯଥା ଏମ୍‌ଟି ଜଗ ବସନ୍ତ, ପାଇନ ଗ୍ୟାସ, ଶିବାଲିକ ଓ ନନ୍ଦାଦେବୀ। ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବ୍ବାସ ଆରାଗଚି ସ୍ପଷ୍ଟ କରିଛନ୍ତି ଯେ ଭାରତ, ଚୀନ, ରୁଷିଆ, ପାକିସ୍ତାନ ଓ ଇରାକ ଭଳି ବନ୍ଧୁ ରାଷ୍ଟ୍ରଙ୍କ ଜାହାଜଗୁଡ଼ିକୁ ଯିବା ପାଇଁ ଅନୁମତି ଦିଆଯାଉଛି ।

## ଯାନ୍ତ୍ରିକ ତ୍ରୁଟି: ଇଣ୍ଡିଗୋ ବିମାନର ଜରୁରିକାଳୀନ ଅବତରଣ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟନାରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଇଣ୍ଡିଗୋର ଏକ ବିମାନ (୬ଇ ୫୭୯) ଶନିବାର ସକାଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ଜୁରରୀକାଳୀନ ଅବତରଣ କରିଛି। ବିମାନର ଇଞ୍ଜିନ୍‌ରେ ତ୍ରୁଟି ଦେଖାଯିବା ପରେ କର୍ତ୍ତୃପକ୍ଷ ତୁରନ୍ତ 'ଫୁଲ୍ ଇମେର୍ଜେନ୍ସି' ଘୋଷଣା କରିଥିଲେ। ସାକାଳ ପ୍ରାୟ ୧୦.୫୩ ମିନିଟ୍‌ରେ ଜରୁରୀକାଳୀନ ସୂଚନା ମିଳିଥିଲା ଏବଂ ୧୦.୫୯ରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା । ବିମାନରେ ୧୬୧ ଜଣ ଯାତ୍ରୀ ଥିଲେ ଓ ସମସ୍ତେ ସୁରକ୍ଷିତ ଅଛନ୍ତି । ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରର ୨୮ ନମ୍ବର ରନ-ୱେରେ ଏହି ବିମାନ ଅବତରଣ କରିଥିଲା। ବିମାନର ଜରୁରୀକାଳୀନ ଅବତରଣ ପାଇଁ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି କରାଯାଇଥିଲା। ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର (ଏସ୍‌ଓପି) ଅନୁଯାୟୀ, ରନ-ୱେ ଚାରିପାଖରେ ଅଗ୍ନିଶମ ଗାଡ଼ି ଏବଂ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା। ଦିଲ୍ଲୀ ପୁଲିସ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିଶ୍ଚିତ କରିଛନ୍ତି ଯେ, ଇଞ୍ଜିନ ବିଫଳତା ପରି ପରିସ୍ଥିତି ଯୋଗୁଁ ଏହି ପଦକ୍ଷେପ ନିଆଯାଇଥିଲା ।

## ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଗିରଫ

କାଠମାଣ୍ଡୁ, ୨୮ ।୩(ଏଜେନ୍ସି): ନେପାଳର ରାଜନୈତିକ ଇତିହାସରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି । ରାପର୍‌ରୁ ନେତା ସାଜିଥିବା ବାଲେନ ଶାହା ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର ୨୪ ଘଣ୍ଟା ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରାଯାଇଛି । ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ଦୁର୍ନୀତି ଓ ଅର୍ଥନୈତିକ ସଙ୍କଟ ବିରୋଧରେ ଯୁବପିଢ଼ି (ଜେନ-ଜେଡ୍) ପକ୍ଷରୁ ଏକ ବିଶାଳ ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନ ସମୟରେ ପୁଲିସର ଦମନଲୀଳା ଯୋଗୁଁ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । ଏକ ଉଚ୍ଚସ୍ତରୀୟ ତଦନ୍ତ କମିସନ ଓଲି ସରକରାଙ୍କୁ ଏଥିପାଇଁ ଦାୟୀ କରିଥିଲେ। ଶନିବାର ସକାଳେ ପୁଲିସ ଓଲିଙ୍କୁ ତାଙ୍କ ଭକ୍ତପୁରସ୍ଥିତ ବାସଭବନରୁ ଗିରଫ କରିଛି । ତାଙ୍କ ସହ ପୂର୍ବତନ ଗୃହମନ୍ତ୍ରୀ ରାମେଶ ଲେଖକଙ୍କୁ ମଧ୍ୟ ଗିରଫ କରାଯାଇଛି । ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ବାଲେନ ପ୍ରଥମ କ୍ୟାବିନେଟ ବୈଠକରେ ହିଁ ଜେନ-ଜେଡ୍ ହିଂସାର ତଦନ୍ତ ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ । ନୂତନ ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ କହିଛନ୍ତି ଯେ ଆଇନ ଆଗରେ କେହି ବଡ଼ ନୁହନ୍ତି । ଏହା କୌଣସି ପ୍ରତିଶୋଧ ନୁହେଁ, ବରଂ ନ୍ୟାୟର ଆରମ୍ଭ ।

## ନୋଏଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦର ଉଦ୍‌ଘାଟିତ



ନୂଆଦିଲ୍ଲୀ, ୨୮ ।୩ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତ୍ତରପ୍ରଦେଶର ଜେୱାରଠାରେ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୧୧, ୨୦୦ କୋଟି ଟଙ୍କା ବ୍ୟୟରେ ସରକାରୀ- ଘରୋଇ ସହାଭାଗିତା ମଡେଲରେ ଏହି ଅତ୍ୟାଧୁନିକ ବିମାନବନ୍ଦର ନିର୍ମିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ବିମାନବନ୍ଦର ବାର୍ଷିକ ୧.୨ କୋଟି ଯାତ୍ରୀଙ୍କୁ ସେବା ଯୋଗାଇବ। ଭବିଷ୍ୟତରେ ଏହାକୁ ୭ କୋଟି ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଚାପ କମାଇବା ପାଇଁ ଏହା ଏକ ପ୍ରମୁଖ ବିକଳ୍ପ ହେବ। ଏହି ନୂଆ ବିମାନବନ୍ଦରରେ ଅତ୍ୟାଧୁନିକ ରନ୍-ୱେର ବ୍ୟବସ୍ଥା କରାଯାଇଛି। ଏଠାରେ ୩, ୯୦୦ ମିଟର ବିଶିଷ୍ଟ ଏକ ରନ-ୱେ ରହିଛି, ଯେଉଁଠାରେ ବଡ଼ ଧରଣର ବିମାନ ସହଜରେ ଅବତରଣ କରିପାରିବ। ଏହା ସହିତ ସମସ୍ତ ପ୍ରକାର ପାଣିପାଗରେ ବିମାନ ଚଳାଚଳ ପାଇଁ ଅତ୍ୟାଧୁନିକ ଉପକରଣ ଲଗାଯାଇଛି । ଯାତ୍ରୀ ପରିବହନ ସହିତ ଏହା ଉତ୍ତର ଭାରତରେ ଏକ ପ୍ରମୁଖ ପଣ୍ୟ ପରିବହନ (କାର୍ଗୋ) କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହାକୁ ଏକ ନେଟ୍-ଜିରୋ ବିମାନବନ୍ଦର ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

## ପାକ୍, ବାଂଲା ସୀମାରେ ଆଣ୍ଟି-ଡ୍ରୋନ୍ ସେନ୍ସର ମୁତୟନ

ନୂଆଦିଲ୍ଲୀ, ୨୮ ।୩(ଏଜେନ୍ସି): ଗଲୱାନ ଘାଟି ସଂଘର୍ଷ ଓ 'ଅପରେସନ ସିନ୍ଦୂର' ପରେ ଭାରତ ନିଜର ସୀମା ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି । ପାକିସ୍ତାନ ଓ ବାଂଲାଦେଶ ସୀମାରେ ଡ୍ରୋନ ଅନୁପ୍ରବେଶ ରୋକିବା ପାଇଁ ଅତ୍ୟାଧୁନିକ ଆଣ୍ଟି-ଡ୍ରୋନ ସିଷ୍ଟମ, ସେନ୍ସର ଓ ଲେଜର ବ୍ୟବହାର କରାଯାଉଛି । ଏହା ସହିତ ଚୀନ୍ ସୀମାରେ ମଧ୍ୟ ପାଟ୍ରୋଲିଂ ବ୍ୟବସ୍ଥାକୁ ତିନି ଗୁଣା ବୃଦ୍ଧି କରାଯାଇଛି । ଲଦାଖରେ ଚୀନ୍ ସୀମାରେ ୨୯ଟି ନୂଆ ଆଉଟ୍‌ପୋଷ୍ଟ ସ୍ଥାପନ କରାଯାଇଛି । ଏହା ସହିତ ଆଇଟିବିପିର ସମୁଦାୟ ଆଉଟ୍‌ପୋଷ୍ଟ ସଂଖ୍ୟା ୧୮୦ରୁ ବୃଦ୍ଧି ପାଇ ୨୦୯ରେ ପହଞ୍ଚିଛି। ୨୦୧୭-୧୮ ମସିହାରେ ମାସିକ ହାରହାରି ୧୭୩ଟି ପାଟ୍ରୋଲିଂ ହେଉଥିବା ବେଳେ, ୨୦୨୩-୨୪ରେ ଏହା ୫୦୦କୁ ବୃଦ୍ଧି ପାଇଛି। କମ୍ପ୍ରିହେନସିଭ ଇଣ୍ଟିଗ୍ରେଟେଡ୍ ବର୍ଡର ମ୍ୟାନେଜମେଣ୍ଟ ସିଷ୍ଟମ (ସିଆଇବିଏମ୍‌ଏସ୍) ଅଧୀନରେ ଜମ୍ମୁ (ଭାରତ- ପାକ ସୀମା) ଏବଂ ଆସାମର ଧୁବ୍ରି (ଭାରତ- ବାଂଲାଦେଶ ସୀମା)ର ୫ କିଲୋମିଟର ପରିଧି ମଧ୍ୟରେ ଦୁଇଟି ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି। ସୀମାରେ ବଢ଼ୁଥିବା ଡ୍ରୋନ ବିପଦକୁ ଦୃଷ୍ଟିରେ ରଖି ସୁରକ୍ଷା ବଳକୁ ସ୍ୱତନ୍ତ୍ର ତାଲିମ ଏବଂ ଆଧୁନିକ ଯନ୍ତ୍ରପାତି ଦିଆଯାଇଛି। ଏହା ଦ୍ୱାରା ଶତ୍ରୁ ପକ୍ଷର ଡ୍ରୋନ୍‌କୁ ଚିହ୍ନଟ କରି ନଷ୍ଟ କରାଯାଇପାରିବ। ସୀମାବର୍ତ୍ତୀ ଅଞ୍ଚଳରେ ସଠିକ ମ୍ୟାପିଂ ଓ ଜିଆଇଏସ୍ ଲେୟାର ଏବଂ ପିଏମ୍ ଗତି ଶକ୍ତି ପୋର୍ଟାଲର ସହାୟତା ନିଆଯାଇଛି।



### ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ସ୍ଥଳସେନା ମୁଖ୍ୟ

# ସେନାକୁ ଶକ୍ତିଶାଳୀ କରିବା ପାଇଁ ପ୍ରାର୍ଥନା କଲେ



ପୁରୀ,୨୮।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତର ସ୍ଥଳ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ। ଏହି ଅବସରରେ ଭାରତୀୟ ସେନା କିଭଳି ଆହୁରି ଅଧିକ ଶକ୍ତିଶାଳୀ ହେବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସ୍ଥଳ ସେନା ମୁଖ୍ୟ ଶ୍ରୀ ଦ୍ୱିବେଦୀ ଶନିବାର ସକାଳେ ସପରିବାର ପୁରୀ ଗସ୍ତରେ ଆସିଥିଲେ। ତାଳବଣିଆ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ଦ୍ୱିବେଦୀ ସପରିବାର କଡ଼ା ସୁରକ୍ଷା ବଳୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସେବାୟତ ସେମାନଙ୍କୁ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ମା' ବିମଳା, ମା' ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ ସ୍ଥଳ ସେନା ମୁଖ୍ୟ। ସେ କହିଥିଲେ, 'ପୁରୀ ନଗରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ଆଗାମୀ ଦିନରେ ଯେକୌଣସି ପରିସ୍ଥିତି ଆସୁ ଭାରତୀୟ ସେନା ତା'କୁ କିଭଳି ସାମ୍ନା କରିବେ ଏବଂ ଭାରତୀୟ ସେନାର ଶକ୍ତି କିଭଳି ଅଧିକ ବୃଦ୍ଧି ପାଇବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ବିଶେଷକରି ପୁରୀ ଓ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇବା ସହ ଦେଶର ମଙ୍ଗଳ କାମନା ନେଇ ମହାପ୍ରଭୁଙ୍କ ନିକଟରେ ମଧ୍ୟ ପ୍ରାର୍ଥନା କରିଛନ୍ତି ଶ୍ରୀ ଦ୍ୱିବେଦୀ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ସ୍ଥଳସେନା ମୁଖ୍ୟ ବଳିଆପଣ୍ଡାସ୍ଥିତ ପୁରୀ ସୈନିକ ସଦନରେ କିଛି ସମୟ ଅତିବାହିତ କରିଥିଲେ। ଏହାପରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଳବଣିଆ ହେଲିପ୍ୟାଡ୍ ଯାଇ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଗୋପାଳପୁରର ମିଲିଟାରୀ ଷ୍ଟେସନ ଅଭିମୁଖେ ଯାତ୍ରା କରିଥିଲେ।

# ଗଞ୍ଜାମ ଜିଲ୍ଲା ହୋମ୍‌ଗାର୍ଡ ପରୀକ୍ଷାରେ ମହାଦୁର୍ନୀତି

## ଡବଲ ଇଞ୍ଜିନ ସରକାରରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା ଦୁର୍ନୀତି

ଭୁବନେଶ୍ୱର,୨୮।୩(ସମିସ): ଗଞ୍ଜାମ ଜିଲ୍ଲା ହୋମ୍‌ଗାର୍ଡ ପରୀକ୍ଷା ଫଳ ପ୍ରକାଶନରେ ଆଉ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ବିଶେଷକରି ମେଧା ତାଲିକାକୁ ନେଇ ସାଧାରଣରେ ଦ୍ୱନ୍ଦ ଓ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଆସିବା ପରଠୁ ଓଡ଼ିଶାର ଯୁବକଯୁବତୀ ପ୍ରତିଦିନ ଚାକିରି କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି। ଏହାପୂର୍ବରୁ ୨୦ ମାସର ଏ ସରକାରରେ ୨୦ ପରୀକ୍ଷାରେ ମହାବିଭ୍ରାଟ ହୋଇଥିଲା। ଏହା ସହିତ ଆଉ ଏକ ମହାଦୁର୍ନୀତିର ଫର୍ଦ୍ଦ ଯୋଡ଼ି ହୋଇଗଲା। ଯେଉଁଥିରେ ପ୍ରତି ହୋମ୍‌ଗାର୍ଡ ପରୀକ୍ଷାର୍ଥୀଙ୍କଠାରୁ ୩ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଛି।

ଗଞ୍ଜାମ ଏସ୍‌ପିଙ୍କୁ ପ୍ରଶ୍ନ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ଗତ ୨୬ ତାରିଖରେ ଜିଲ୍ଲା ହୋମ୍‌ଗାର୍ଡ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୧୬୫/ଏଚ୍‌ଜିଏସ୍ ହୋମ୍‌ଗାର୍ଡ ମେଧା ତାଲିକା ପ୍ରକାଶିତ ହୋଇଥିଲା। ରାଜ୍ୟ ହୋମ୍‌ଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନ କ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମ୍‌ଗାର୍ଡ ରୂପେ ଚୟନ



କରାଯାଇଥିବା ସମ୍ପର୍କିତ ଆଉ ଏକ ତାଲିକା ଏସ୍‌ପି ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସମାନ ଚିଠି ନମ୍ବର ଥାଇ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ କରିଥିଲେ। ଏଠି ପ୍ରଶ୍ନ ଉଠୁଛି କେଉଁ ଫଳାଫଳଟି ଠିକ୍? ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ଓଡ଼ିଶାର ଡିଜିପି ଏହି ପରୀକ୍ଷାର ସଂପୂର୍ଣ୍ଣ ପ୍ରକ୍ରିୟା ଉପରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରନ୍ତୁ। ସର୍ବୋପରି ଯେହେତୁ ଏସ୍‌ପିଙ୍କ ଇନ୍‌ଷ୍ଟାଗ୍ରାମରେ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ ପାଇଛି, ତେଣୁ ସେ ନିଜେ ଏହି ସଂପୂର୍ଣ୍ଣ ଘଟଣା ଉପରେ ସ୍ପଷ୍ଟୀକରଣ ରଖିବାର ଆବଶ୍ୟକତା ଅଛି।

### ପରୀକ୍ଷାର୍ଥୀମାନଙ୍କୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଶ୍ରୀ ପଣ୍ଡା କହିଛନ୍ତି ଯେ ପୂର୍ବରୁ ଏସ୍‌ଆଇ ସ୍କାମ୍‌ରେ ମଧ୍ୟ ୨୫ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିଲା, ଯାହାର ସତ୍ୟାସତ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀ ପାଇଲେ ନାହିଁ। ଗଞ୍ଜାମ ଜିଲ୍ଲାରେ ସବୁଠାରୁ ଅଧିକ ପରୀକ୍ଷା ସଂପର୍କିତ ଦୁର୍ନୀତି ହୋଇଛି। ଆଗାମୀ ଦିନରେ ଯଦି ସରକାର ଏହା ଉପରେ ସ୍ପଷ୍ଟୀକରଣ ନ ଦେଇ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତା'ହେଲେ ବିଜୁ ଜନତା ଦଳ ଏହି ଘଟଣା ରାଜରାସ୍ତାରୁ ଆରମ୍ଭ କରି ରାଜ୍ୟ ଏବଂ ଜାତୀୟ ମାନବାଧିକାର ଆୟୋଗ ପର୍ଯ୍ୟନ୍ତ ମାମଲାକୁ ନେବ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି।

### ■ ରାମନବମୀ ଶୋଭଯାତ୍ରା ଡିଜେ ହେଲା କାଳ

# ପୂର୍ବତନ ରଣଜୀ କ୍ରିକେଟ ଖେଳାଳି ଗୁରୁତର

ବାରିପଦା, ୨୮।୩(ସମିସ):"ଶୁକ୍ରବାର ସନ୍ଧ୍ୟାରେ ବାରିପଦା ସହରରେ ରାମ ନବମୀ ଶୋଭଯାତ୍ରା ଡିଜେ ଶବ୍ଦରେ ମୟୂରଭଞ୍ଜ ଜିଲ୍ଲାର"ବରିଷ୍ଠ ତଥା ପୁରାତନ ରଣଜୀ କ୍ରିକେଟ ଖେଳାଳୀ ତଥା ବିଜେଡି ଜିଲ୍ଲା ସମ୍ପାଦକ ଲଲାଟେନ୍ଦୁ ବେହେରା ହୃଦଘାତ ଜନିତ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେ ବଡଦାଣ୍ଡ କଲେଜ ଛକରେ ସାଙ୍ଗ ମାନଙ୍କ ଗହଣରେ ବସିଥିବା ବେଳେ ଗୋଟାଏ ପରେ ଗୋଟାଏ ଏପରି ୩ଟି ରାବନବମୀ ଶୋଭଯାତ୍ରା ଅତିକ୍ରମ କରିଥିଲା। ଶୋଭଯାତ୍ରାରେ ସାମିଲ ଡିଜେଗୁଡିକର ଅତ୍ୟଧିକ ଶବ୍ଦ ପାଇଁ ଶ୍ରୀ ବେହେରା ହୃଦଘାତରେ ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରନ୍ତୁ ଶନିବାର ସ୍ୱାସ୍ଥାବସ୍ଥାରେ ଅବନତି ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶଂସକ ମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ସମସ୍ତଙ୍କୁ ଉଚ୍ଚଶବ୍ଦ ଡିଜେ ବ୍ୟବହାର ବନ୍ଦ ପାଇଁ ଅନୁରୋଧ କରିଛନ୍ତି।



### କାଳ ବୈଶାଖୀ ଜନିତ ଝଡ଼ତୋଫାନ

# ୨ ବାଇକ ଆରୋହୀ ମୃତ, ୩ ଆହତ

ବାରିପଦା, ୨୮।୩(ସମିସ):"ଶୁକ୍ରବାର ରାତି ୧୦ଟା ସମୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ ପବନ ହୋଇଥିବା ବେଳେ ୨ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ନେଇ ଜଣାପଡିଛି। କୁଳିଅଣା ଥାନାର ଅସନଯୋଡା ଓ ଖୁଣ୍ଟା ଥାନାର ଖୁଣ୍ଟା କଲେଜ ଛକ ନିକଟର ୨ଟି ପୃଥକ ଘଟଣାରେ ଏହି ୨ଜଣଙ୍କ ମୃତ ହୋଇଥିବା ବେଳେ ୩ଜଣ ଜଣ ଆହତ ହୋଇଥିବା ନେଇ ସୂଚନା ମିଳିଛି। ହଠାତ ଝଡ ତୋଫାନ ପାଇଁ ୧୮ ନଂ ଜାତୀୟ ରାଜପଥର ବାରିପଦା-କୁଳିଅଣା ରାସ୍ତା ଅସନଯୋଡ଼ା ଛକରେ ଏକ ଗଛ ପଡ଼ି ଯିବାରୁ ବାଇକ୍ ଆରୋହୀ କୁଳିଅଣା ଥାନା ଅନ୍ତର୍ଗତ କାଠଶିରସି ଅଞ୍ଚଳର ରାମଦାସ ହାଁସଦାଙ୍କର ମୃତ୍ୟୁ ଘଟିଛି। ସେ ବାରିପଦାରେ ଘରୋଇ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ଭଳି କାର୍ଯ୍ୟରେ ଯୋଗଦେବାକୁ ଯିବା ସମୟରେ ଏହି ଅଘଟଣ ଘଟିଥିଲା।"ଅନ୍ୟପଟେ ବାରିପଦା-ଉଦଳା ୧୯ନଂ ରାଜ୍ୟ ରାଜପଥର ଖୁଣ୍ଟା ଠାରେ ଝଡ ତୋଫାନରେ ପଡିଥିବା ଗଛରେ ବାଇକ୍ ଆରୋହୀ ଗଛରେ ପିଟି ହୋଇ ମୃତ୍ୟୁ ହୋଇଥିବା ନେଇ ଜଣାପଡିଛି। ମୃତ ବାଇକ୍ ଆରୋହୀ ଜଣକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ କାଦଡିହା ଅଞ୍ଚଳର ନଗେନ ମୁର୍ମୁ। ଉଭୟ ମୃତ ଦେହକୁ ବାରିପଦା ମେଡିକାଲରେ ପହଞ୍ଚିବା ପରେ ବ୍ୟବଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ୩ ଜଣ ଆହତ ମାନେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଝଡତୋଫାନରେ କୁଳିଅଣା, ଶ୍ୟାମାଖୁଣ୍ଟା, ବାରିପଦା ସହର ସମେତ ବଡସାହି, ବେତନଟୀ ଓ ଗୋପବନ୍ଧୁନଗର ବ୍ଲକ ଅଞ୍ଚଳରେ ଜୋର୍ ପବନ ଘଡଘଡି ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାରିପଦା ସହରର ଶୂନଗଡିଆ ଅଞ୍ଚଳରେ ବାସନ୍ତୀ ପୂଜା ତୋରଣ ଭାଙ୍ଗି ଯାଇଥିଲା। କିଛି ସମୟ ପାଇଁ ଭାଙ୍ଗିଥିବା ବାଉଁଶ ତୋରଣ ମଧ୍ୟରେ ରାମନବମୀ ଶୋଭାଯାତ୍ରାରେ ଯୋଗଦେଇ ଫେରୁଥିବା ଟ୍ରାକ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଷ୍ଟେସନ ରୋଡ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଜେସିବି ଦ୍ୱାରା ବାଉଁଶ ତୋରଣ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

### ସର୍ବଭାରତୀୟ ପୁଲିସ ସୁଟିଂ

# ଓଡ଼ିଶା ପୁଲିସକୁ ରୌପ୍ୟ ପଦକ



କଟକ, ୨୮।୩(ସମିସ): ହରିୟାଣାର ଗୁରୁଗ୍ରାମସ୍ଥିତ ସିଆର୍‌ପିଏଫ୍‌ଠାରେ ଅନୁଷ୍ଠିତ ୨୬ତମ ସର୍ବଭାରତୀୟ ପୁଲିସ ସୁଟିଂ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟପଦକ ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ସୁଟର୍ ଅକ୍ଷୟ କୁମାର ସାହାଣୀ ୩୦୦ ୟାର୍ଡ ସ୍ନାପ୍ ବିଭାଗରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟପଦକ ଜିତିଛନ୍ତି। ଶ୍ରୀ ସାହାଣୀ ବର୍ତ୍ତମାନ ଏସ୍‌ଏସ୍‌ବିଏନ୍ ଭୁବନେଶ୍ୱରରେ କାର୍ଯ୍ୟରତ। ଏହି ଅବସରରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୁଲିସ ଟିମ୍ ଏବଂ ପଦକ ବିଜେତା ଶ୍ରୀ ସାହାଣୀ ଓ ଡେପୁଟି କମାଣ୍ଡାଣ୍ଟ, ଟିମ ମ୍ୟାନେଜର୍ ତଥା କୋଚ୍ ଏମ.ଏସ.ଏ ଫରିଦଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୨ରୁ ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସ ରାଇଫଲ ସୁଟିଂ (୭୪୩ ପଏଣ୍ଟ), ପିସ୍ତଲ ସୁଟିଂ (୫୩୧ ପଏଣ୍ଟ) ଏବଂ କାରବାଇନ ସୁଟିଂରେ (୩୨୭ ପଏଣ୍ଟ) ସର୍ବମୋଟ ୧୬୦୧ ପଏଣ୍ଟ ପାଇ ସମସ୍ତ ରାଜ୍ୟ ପୁଲିସ ବାହିନୀମାନଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

# ଏପ୍ରିଲ ୧ରୁ 'ସୁଭଦ୍ରା'ର ନୂତନ ଆବେଦନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୮।୩(ସମିସ): ଆସନ୍ତା ଏପ୍ରିଲ ୧ତାରିଖରୁ ଆରମ୍ଭ ହେବ 'ସୁଭଦ୍ରା'ର ନୂତନ ଆବେଦନ ପାଇଁ ପଞ୍ଜୀକରଣ ପ୍ରକ୍ରିୟା। ସୁଭଦ୍ରା ଯୋଜନା ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପ୍ରିଲ ତାରିଖରୁ ୩୦ ତାରିଖ ଯାଏ ୧ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ୍ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡିକ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ଏବଂ ଆମ ସେବା କେନ୍ଦ୍ର (ଏଏସ୍‌କେ) ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର (ଏଡବ୍ଲ୍ୟୁସି) ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ଉପଲବ୍ଧ ରହିଛି।

# ଥାନା ହାଜତରୁ କଏଦୀ ଚମ୍ପଟ

ବ୍ରହ୍ମବରଦା, ୨୮।୩ (ସମିସ): ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନାରୁ ଅଭିଯୁକ୍ତ ଫେରାର୍। ରାତିରେ ଧରା ହୋଇ ଆସିଥିବା ଅଭିଯୁକ୍ତ ସକାଳୁ ଥାନା ଗେଟ୍ ଖୋଲି ଥାନାରୁ ମୋବାଇଲ, ଟାବଲେଟ୍, ବାଇକ୍ ନେଇ ଫେରାର୍ ହୋଇଯାଇଛି। ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କ ସହ ୨ କନଷ୍ଟେବଲଙ୍କୁ ନିଲମ୍ବିତ କରିଛନ୍ତି ଜିଲ୍ଲା ଏସ୍‌ପି।

ସୂଚନାନୁସାରେ, ଗତ ନଭେମ୍ବରରେ ରାଉତରାପୁର ପଞ୍ଚାୟତସ୍ଥିତ କୁଣ୍ଡପାଟଣା ଗ୍ରାମରେ ଥିବା କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର୍ ଥିଲା। ବ୍ରହ୍ମବରଦା ପୁଲିସ ଖବର ପାଇ ଉତ୍ତରପ୍ରତାପ ପଞ୍ଚାୟତର ଚାନ୍ଦମୋହିନି ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ ବେହେରା(୨୪)କୁ ଗିରଫ କରି ଗତ ରାତିରେ ଥାନାକୁ ଆଣିଥିଲା। ତାକୁ ହାଜତରେ ରଖାଯାଇଥିଲା। ତେବେ ନାଇଟ ପାଟ୍ରୋଲିଂରେ ଯାଇଥିବା ଟିମ୍ ଥାନାରେ ପହଞ୍ଚି ଶୋଇ ପଡ଼ିଥିଲେ। କର୍ମଚାରୀମାନେ ଶୋଇ ପଡ଼ିଥିବା ଏବଂ ଥାନା ହାଜତ ଖୋଲାଥିବା ଦେଖି ଏହି ମଉକାରେ ଆଜି ଭୋର୍‌ରେ ଅଭିଯୁକ୍ତ ଥାନାରୁ ଖସି ଯାଇଥିଲା।

ହାଜତରୁ ବାହାରି ଟେବୁଲ୍ ଉପରେ ଥିବା ଚାବି ଧରି ଥାନା ମେନ୍ ଗେଟ୍‌କୁ ଖୋଲିଥିଲା। ଥାନାରୁ ମୋବାଇଲ, ଏକ ଟାବଲେଟ୍ କୌଶଳକ୍ରମେ ନେଇ ଖସି ପଳାଇଥିଲା। ଥାନା ନିକଟରେ ଥିବା ବରଦାସାହିରୁ ଚିନ୍ମୟ କୁମାର ରାଉତ (ରାଜୁ)ଙ୍କ ଏକ ବାଇକ୍ (ନଂ ଓଡି୦୪ ଏସ୦୭୭୯) ଚୋରି କରି ପଳାଇବା ସମୟରେ ସାମନ୍ତରାପୁରସ୍ଥିତ କଚେରି ମେଳଣ ପଡ଼ିଆଠାରେ ଥିବା ପାଚେରି ସହ ବାଇକ୍ ଧକ୍କା ହାଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ସେ ଚିକିତ୍ସିତ ହେଉଥିବା ବେଳେ ସେଠାରୁ ମଧ୍ୟ ଖସିଯିବାକୁ ସକ୍ଷମ ହୋଇଥିଲା। ଦିନତମାମ ଏତେ ସବୁ ଘଟଣା ଘଟୁଥିବା ବେଳ ପୁଲିସ୍ କିନ୍ତୁ ଚୁପ୍ ବସିଥିଲା। ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ପାତ୍ର ବ୍ରହ୍ମବରଦା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ରାତ୍ରୀ ଦାୟିତ୍ୱରେ ଥିବା ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ, କନଷ୍ଟେବଳ ବିଦ୍ୟାପତି ପଲେଇ ଓ ସନ୍ତୋଷ ସାହୁଙ୍କୁ ଜିଲ୍ଲା ଆରକ୍ଷୀ ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ତେବେ ଅଭିଯୁକ୍ତ ଖସି ଯାଇଛି ନା ତାକୁ ଖସାଇ ଦିଆଯାଇଛି, ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ଫେରାର୍ ବେଳେ ନେଇଗଲା ମୋବାଇଲ, ଟାବଲେଟ୍, ବାଇକ୍**
**■ ଏଏସ୍‌ଆଇଙ୍କ ସମେତ ୨ କନଷ୍ଟେବଲ ନିଲମ୍ବିତ**

# ତରଭୁଜ ଗାଡ଼ିରେ ୧ କୋଟିର ଗଞ୍ଜେଇ

ସୋହେଲା,୨୮।୩(ସମିସ): ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଚାଲାଣ ହେଉଥିବା ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ସିଂଘୋଡ଼ା ପୁଲିସ ଦ୍ୱାରା ଜବତ ହୋଇଛି। ପୁଲିସ ଏହି କାରବାରରେ ବ୍ୟବହୃତ ଏକ ପିକ୍-ଅପ୍ ଏବଂ ଦାମୀ କାର ସମେତ ୬ଜଣ ଅନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପଡ଼ୋଶୀ ଛତିଶଗଡ଼ ସମେତ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜରାଟ ପ୍ରଭୃତି ରାଜ୍ୟକୁ ବିଭିନ୍ନ ଯାନବାହନମାନଙ୍କରେ ନିୟମିତ ବେଆଇନ ଗଞ୍ଜେଇ ଚୋରାଚାଲାଣ ଚାଲିଛି।

### ସରିଲା + ୨ ପରୀକ୍ଷା

# ୫୦୩୧ ଛାତ୍ରଛାତ୍ରୀ ଡ୍ରପ୍‌ଆଉଟ୍

ଭୁବନେଶ୍ୱର, ୨୮।୩(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ + ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ସମୁଦାୟ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି ବା ଦ୍ୱାଦଶ ଶ୍ରେଣୀ ପାଇଁ ଡ୍ରପ୍‌ଆଉଟ୍ ହୋଇଛନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ପରୀକ୍ଷା ସରିବା ପରେ ଖାତାଦେଖା ପ୍ରକ୍ରିୟାକୁ ତ୍ୱରିତ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ସରିଛି। ସମୁଦାୟ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ଉଭୟ ପର୍ଯ୍ୟାୟରେ ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ ଟି ଏବଂ ଅଫ୍‌ଲାଇନ୍ ଖାତାଦେଖା ପାଇଁ ୭୬ଟି ଲେଖାଏଁ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୬ ତାରିଖ ଯାଏଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଖାତାଦେଖା ହେବ। ପରୀକ୍ଷା ଖାତା ଦେଖିବା ପାଇଁ ଉଭୟ ପର୍ଯ୍ୟାୟରେ ପ୍ରାୟ ୪ ହଜାର ଲେଖାଏଁ ମୋଟ୍ ୧୬,୪୯୪ ଜଣ ଅଧ୍ୟାପକ ଅଧ୍ୟାପିକା ନିୟୋଜିତ ହୋଇଛନ୍ତି। ମାସକ ମଧ୍ୟରେ ମୂଲ୍ୟାୟନ ସରିବା ପରେ

**■ ଏପ୍ରିଲ ୨ରୁ ଖାତାଦେଖା; ମେ ଦ୍ୱିତୀୟ ସପ୍ତାହରେ ଫଳ**
**■ ୩୦୨ କେନ୍ଦ୍ରରେ ଖାତା ଦେଖିବେ ୧୬୪୯୪ ପରୀକ୍ଷକ**
**■ ମାର୍କ ବଢ଼ାଇବାକୁ ଦେଇପାରିବେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା**

ଟେବୁଲେସନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ଦିନ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଅର୍ଥାତ୍ ମେ ଦ୍ୱିତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ପ୍ରଥମଥର ପାଇଁ ଇମ୍ପ୍ରୁଭମେଣ୍ଟ ଛାତ୍ରଛାତ୍ରୀଙ୍କୁ ଆଉ ଏକ ସୁଯୋଗ ମିଳିବ। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରଛାତ୍ରୀମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ ବିଷୟରେ ପାସ୍ କରିଥିବା ପିଲା ନିଜର ମାର୍କ ବା ପର୍‌ସେଣ୍ଟ୍ ବଢ଼ାଇବା ପାଇଁ ଇମ୍ପ୍ରୁଭମେଣ୍ଟ୍ ପରୀକ୍ଷା ଦେଇପାରିବ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀମାନେ ସୁଯୋଗ ପାଇବେ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ୍ ପରୀକ୍ଷା ଦେଇପାରିବେ ନାହିଁ। ଇନ୍‌ଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭମେଣ୍ଟ୍ ପରୀକ୍ଷା ହେବ। ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷାର ଫଳ ପ୍ରକାଶ ପାଇବାର ୬୦ ଦିନ ବା ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ଫଳ ପ୍ରକାଶ ପାଇବ।

# ଖପୁରିଆ କରତକଲରେ ରଥକାଠ ଚିରଟ ଆରମ୍ଭ

କଟକ, ୨୮।୩ (ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଆଜିଠାରୁ ବିଧିବଦ୍ଧ ଭାବେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ପବିତ୍ର ରାମ ନବମୀର ଶୁଭ ଅବସରରେ କଟକ ଖପୁରିଆସ୍ଥିତ ସରକାରୀ କରତକଲରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠ ଚିରଟ ପ୍ରକ୍ରିୟାର ଅନୁକୂଳ କରାଯାଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ଆଜ୍ଞାମାଳ କରତକଲରେ ପହଞ୍ଚିବା ପରେ ସେବାୟତ ଓ ମନ୍ଦିର ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଘଣ୍ଟଘଣ୍ଟା, ଶଙ୍ଖ ଏବଂ ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ଆଧ୍ୟାତ୍ମିକମୟ ହୋଇ ଉଠିଥିବା ବେଳେ ପରମ୍ପରା ଅନୁଯାୟୀ ପ୍ରଥମେ ୩ଟି ଧଉରା କାଠର ଚିରଟ କାର୍ଯ୍ୟ ଆରମ୍ଭ କରାଯାଇଛି। ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ମହାରଣା ସେବାୟତମାନେ ଏହି ପବିତ୍ର କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ଯେ ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ।




● ସୋର ବାର ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ

# ଚନ୍ଦ୍ରଶେଖର ସଭାପତି, ସଂଜୀବ ସମ୍ପାଦକ

ସୋର, ୨୮।୩ (ସମିସ): ସୋର କୋର୍ଟ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଚନ୍ଦ୍ରଶେଖର ମହାନ୍ତି ଏବଂ ସମ୍ପାଦକ ଭାବେ ସଂଜୀବ ଦ୍ୱିବେଦୀ ବିଜୟୀ ହୋଇଛନ୍ତି। ସଭାପତି ଭାବେ ଚନ୍ଦ୍ରଶେଖର ମହାନ୍ତି ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଅଜୟ ଦ୍ୱିବେଦୀଙ୍କୁ ୧୩ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ଶ୍ରୀ ମହାନ୍ତି ୭୨ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ଦ୍ୱିବେଦୀ ୫୯ ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ସଂଜୀବ କୁମାର ଦ୍ୱିବେଦୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଗଙ୍ଗାଧର ଦାସଙ୍କ ଠାରୁ ୭୯ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସଂଜୀବ ୧୦୫ ଖଣ୍ଡ ଭୋଟ ପାଇ ଥିବା ବେଳେ ଗଙ୍ଗାଧର ୨୬ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ଭାବେ ଚିତ୍ତରଞ୍ଜନ ମହାପାତ୍ର, ସହ ସମ୍ପାଦକ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଯୁଗପ୍ରଭା ପାତ୍ର ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଚକ୍ରଧର ବେହେରା, କୋଷାଧକ୍ଷ ଭାବେ ଧୀରେନ୍ଦ୍ର ଦାସ, କାର୍ଯ୍ୟକାରୀ ସଦସ୍ୟ ଭାବେ ଯୋଗେଶ ଚନ୍ଦ୍ର ମହାପାତ୍ର, ଜ୍ୟୋତି ଶଙ୍କର ଦାଶ, ଜିତେନ୍ଦ୍ର କୁମାର ନାୟକ, ଅବନ୍ତୀ ଧଳ, ସସ୍ମିତା ବାରିକ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ସୁକାନ୍ତ ମିଶ୍ର କାର୍ଯ୍ୟ ତୁଲାଇ ଥିବା ବେଳେ ବିଜୟକୃଷ୍ଣ ମହାପାତ୍ର, ମୋନାଲିସା ପଟ୍ଟନାୟକ ତାଙ୍କୁ ସହଯୋଗ କରିଥିଲେ। ଆଗାମୀ ଦିନରେ କୋର୍ଟର ବିଭିନ୍ନ ସମସ୍ୟା ଏବଂ ସଙ୍ଘର ବିଭିନ୍ନ ସମସ୍ୟାକୁ ଦୃଷ୍ଟି ଦେବା ସହିତ କୋର୍ଟକୁ ଆସୁଥିବା ଲୋକଙ୍କ ସମସ୍ୟାକୁ ସମାଧାନ କରିବେ ବୋଲି ସଭାପତି ଏବଂ ସମ୍ପାଦକ ସୂଚନା ଦେଇଛନ୍ତି।

# ସରିଲା ବାଲେଶ୍ୱର ବାର୍ ଆସୋସିଏସନର ନିର୍ବାଚନ

ବାଲେଶ୍ୱର,୨୮।୩(ସମିସ)

ଓଡ଼ିଶା ବାର କାଉନସିଲର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବାର୍ ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଏହି କ୍ରମରେ ବାଲେଶ୍ୱର ବାର ଆସୋସିଏସନର ମତଦାନ ସକାଳ ୭ଟା ୩୦ମିନିଟରୁ ଆରମ୍ଭ ହୋଇ ଅରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଏ ନେଇ୨ନଂ ବାରରେ୧୨ଟି ବୁଥ ସ୍ଥାନ କରାଯାଇଥିଲା। ଏଥିରେ ମୋଟ ୧୩୯୧ଜଣ ଭୋଟର ରହିଥିବା ବେଳେ ସଭାପତି(୩), ଉପସଭାପତି(୨), ସମ୍ପାଦକ(୨), ସହ ସମ୍ପାଦକ(୪), କୋଷାଧକ୍ଷ (୨) ଏବଂ କାର୍ଯ୍ୟକାରିଣୀ ସଦସ୍ୟ(୨୨) ଭାବେ ମୋଟ ୩୫ଜଣ ପ୍ରାର୍ଥି ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେଥିମଧ୍ୟରୁ ମୋଟ୧୨୦୩ଜଣ ମତଦାନ କରିଥିବା ଜଣାଯାଇଛି। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ସି ପ୍ରକାଶ କରିଛନ୍ତି। ବିଳମ୍ବିତ ରାତ୍ରି ହେଲେ ମଧ୍ୟ ଭୋଟ ଗଣତି ଶେଷ ହେବା ସହ ସଙ୍ଗେ ସଙ୍ଗେ ଫଳାଫଳ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମତଦାନ ଓ ଭୋଟ ଗଣତି ଆଦି ନିର୍ବାଚନୀ କାର୍ଯ୍ୟ ପରିଚାଳନା ପାଇଁ ମୋଟ୧୮ଜଣ ଓକିଲ ସହଯୋଗ କରୁଛନ୍ତି। ଚଳିତ ନିର୍ବାଚନରେ ବାଲେଶ୍ୱର ବାର ଆସୋସିଏସନର ସଭାପତି ପଦ ପାଇଁ ମନୋଜ କୁମାର ନାୟକ, ନାରାୟଣ ଚନ୍ଦ୍ର ସାହୁ ଓ ରଘୁନାଥ ପ୍ରଧାନଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ଓକିଲ ମହଲରେ ଆଲୋଚନା ହେଉଛି। ସେହିଭଳି ଉପ ସଭାପତି ପଦରେ ସୂର୍ଯ୍ୟକାନ୍ତ କର ଓ ରଞ୍ଜିତ ପଣ୍ଡା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସମ୍ପାଦକ ପଦରେ ଦୀପକ କୁମାର ଦାଶ ଓ ସମ୍ବିତ କୁମାର ନନ୍ଦୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିପରି ସହ ସମ୍ପାଦକ ଭାବେ ଅଜୟ କୁମାର ବାରିକ, ଜୀତେନ୍ଦ୍ର କୁମାର ଉପାଧ୍ୟାୟ, ଏସକେ ମହମ୍ମଦ ଗୋଲାମ ହାମିଦ ଓ ସୌରୀ ଶଙ୍କର ପରିଡା ପ୍ରତିଦ୍ୱନ୍ଦିତା କରୁଛନ୍ତି। କୋଷାଧକ୍ଷ ପଦବୀ ପାଇଁ ବିଜୟ କୁମାର ପରିଡା ଓ ଶିବଶଙ୍କର ପଣ୍ଡା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ସହ କୋଷାଧକ୍ଷ ପଦବୀ ପାଇଁ ନିଦ୍ୱର୍ନ୍ଦରେ ବାସନ୍ତୀ ସାହୁ ନିର୍ବାଚିତ ହୋଇଛନ୍ତି। ଏହାଛଡା ୨୨ଜଣ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିଦ୍ୱନ୍ଦିତା କରୁଛନ୍ତି ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ସି ସୂଚନା ଦେଇଛନ୍ତି।




ସୂଚନାଯୋଗ୍ୟ ଯେ, ପୂର୍ବରୁ ପ୍ରତି ୩ବର୍ଷରେ ଥରେ ବାର ଆସୋସିଏସନ ନିର୍ବାଚନ ହେଉଥିଲା । ମାତ୍ର ରାଜ୍ୟ ବାର କାଉନସିଲର ସଂଶୋଧିତ ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ଶନିବାର ନିର୍ବାଚନ ହେଉଛି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ଆଇନଜୀବୀ ଶ୍ରୀ ସି ସୂଚନା ଦେଇଛନ୍ତି ।

# ନୀଳଗିରି ଓକିଲସଂଘ ନିର୍ବାଚନ

ନୀଳଗିରି, ୨୮।୩ (ସମିସ): ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶରେ ଆଜି ସମସ୍ତ ଓକିଲ ସଂଘର ନିର୍ବାଚନ ଶେଷହୋଇଛି। ଅନୁରୂପ ଭାବେ ନୀଳଗିରିର ଉଭୟ ବାର୍‌ର ନିର୍ବାଚନ ହୋଇଥିଲା। ତେବେ ପୂର୍ବରୁ ଉପଖଣ୍ଡବାରର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିବାବେଳେ କେବଳ ଆନୁଷ୍ଠାନିକ ଘୋଷଣା ବାକିରହିଥିଲା। ଉପଖଣ୍ଡ ଓକିଲସଂଘରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି ଏବଂ କିଶୋର କୁମାର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସଂଘର ଅନ୍ୟସମସ୍ତ ସଦସ୍ୟ ମଧ୍ୟ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ। କାର୍ତ୍ତିକ କୁମାର ରାଉତ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ। ମାତ୍ର ୫୫ସଦସ୍ୟ ବିଶିଷ୍ଟ ନୀଳଗିରି ଓକିଲ ସଂଘର ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଦେଖିବାକୁ





ମିଳିଥିଲା। ଏହି ନିର୍ବାଚନରେ ୪୯ଜଣ ଆଇନଜୀବୀ ଭୋଟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ ଏବଂ ସୁନୀଲ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ମିହିର କୁମାର ରାଉତ ୩୭ଖଣ୍ଡ ଭୋଟପାଇ ସଭାପତି ନିର୍ବାଚିତ ହୋଇଥିବା ବେଳେ ସୁନୀଲ କୁମାର ବିଶ୍ୱାଳ ୧୨ଖଣ୍ଡ ପାଇ ପରାଜିତ ହୋଇଥିଲେ। ସମ୍ପାଦକ ଭାବେ ଶୁଭେନ୍ଦ୍ର କୁମାର ବିଶ୍ୱାଳ, ଅନନ୍ତ ପ୍ରସାଦ ଉପସଭାପତି, ଶରତ କୁମାର ବେହେରା ସହସଂପାଦକ, କରୁଣାକର ସ୍ୱାଇଁ କୋଷାଧକ୍ଷ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟଭାବେ ନିବେଦିତା ଜେନା, ପ୍ରତିମା ମହାନ୍ତି, ରାଜଲକ୍ଷ୍ମୀ ପଟ୍ଟନାୟକ, ପ୍ରଶାନ୍ତ ରଣା ଓ ଶାନ୍ତନୁ କୁମାର ବିଶ୍ୱାଳ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଥିଲେ। ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ଦାସ ନିର୍ବାଚନ ପରିଚାଳନା କରିଥିବା ବେଳେ ମିହିର କୁମାର ରାଉତ ବିପୁଳ ଭୋଟରେ ବିଜୟଲାଭ କରିଥିବାରୁ ତାଙ୍କୁ ନୀଳଗିରି ଓକିଲସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା।

## ପୂର୍ବଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

ଖଇରା,୨୮।୩ (ସମିସ): ଖଇରା ଥାନା ଅଧୀନ କୁପାରୀ ଗ୍ରାମରେ ପୂର୍ବଶତ୍ରୁତାକୁ ବିଜୟ ଗିରି ଓ ସଞ୍ଜୟ ଗିରି ତଥା ଅନ୍ୟକିଛି ସହଯୋଗୀଙ୍କ ଆକ୍ରମଣରେ ବଗେଇପୁର ଗ୍ରାମର ଦୀପକ ମହାରଣା ଗୁରୁତର ଓ ତାଙ୍କର ଅନ୍ୟ ୨ସହଯୋଗୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖଇରା ପୁଲିସ ଏକ ମାମଲା ରୁଜୁ କରିଛି। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ଦୀପକ ଅନ୍ୟକିଛି ସହଯୋଗୀଙ୍କ ସହ ରାମନବମୀ ଶୋଭାଯାତ୍ରାକୁ ଯାଉଥିବା ବେଳେ ଶୂନ୍ୟମଣ୍ଡପ ନିକଟରେ ବିଜୟ ଓ ତାଙ୍କର ସହଯୋଗୀ ଅଚାନକ ଆକ୍ରମଣ କରିଥିବା ନେଇ ଖଇରା ଥାନାରେ ଅଭିଯୋଗ କରିଥିଲେ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ସୋର,୨୮।୩ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ମାଟିଆପଲ୍ଲା ଛକ, ଈଶ୍ୱରପୁରସ୍ଥ ଭାରତୀୟ ବିଦ୍ୟା ନିକେତନର ୨୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସଭାପତି ମହେନ୍ଦ୍ର ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ର ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଯୋଗ ଦେଇ ଶିଶୁକୁ ଶିକ୍ଷା ଦେବାରେ ପ୍ରଥମେ ପିତାମାତା ପରେ ବିଦ୍ୟାଳୟ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଭାବେ ଗ୍ରହଣ କରିଥାଏ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହପାତ୍ର ଯୋଗ ଦେଇ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କର ସ୍ୱାଧୀନତା, ଚରିତ୍ର ଗଠନ ଓ ସଂସ୍କାର ଶିକ୍ଷା ଦେବାରେ ମା ଓ ବାପା ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି, ପରେ ବିଦ୍ୟାଳୟର



ଗୁରୁଜୀ ଓ ଗୁରୁମା ମାନେ ନିଷ୍ଠାର ସହିତ କାମ କଲେ ବିଦ୍ୟାଳୟ ର ଶିକ୍ଷାଦାନ ସଫଳ ହୋଇଥାଏ। ବରେଣ୍ୟ ଅତିଥି ଭାବେ ସୋର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଗୌରୀ ଶଙ୍କର ଘଡେଇ, ସମ୍ମାନିତ ଅତିଥି ଭାବେ ସୋର ପୁରୁବାଇ କନ୍ୟାଶ୍ରମ ର ସମ୍ପାଦିକା ସୁମତି ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନନ୍ତ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସହିତ ସଂପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ପାଦକ ଜନ୍ମେଜୟ ମିଶ୍ର ଉପସ୍ଥିତ ଥିଲେ। ଗୁରୁଜୀ ଚନ୍ଦନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଗୁରୁଜୀ ମନ୍ମଥ ପଣ୍ଡା, ରାଜେଶ ପାତ୍ର, ଗୁରୁମା ରାଜଲକ୍ଷ୍ମୀ ରାଉତ, ବିମଳା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅଣ୍ଡାଇଲୋ ଗ୍ରାମରେ ମଧୁଗଣେଶ ମହୋତ୍ସବ

ଖଇରା,୨୮।୩ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ମଧୁଗଣେଶ ପୂଜା ୨୦୩ ବର୍ଷରେ ପଦାର୍ପଣ କରିଥିବା ବେଳେ ୬ଦିନ ଧରି ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା କରାଯିବା ପରେ ଶୁକ୍ରବାର ଅନ୍ତିମ ସଂଧ୍ୟାରେ ମଧୁଗଣେଶ ମହୋତ୍ସବକୁ ଗ୍ରାମବାସୀ ଏବଂ ଦର୍ଶକ ମାନେ ମନଭରି ଉପଭୋଗ କରିଛନ୍ତି। ୨୨ତାରିଖ ଦିନ ଗଜାନନଙ୍କ ଆଗମନ ପରିପ୍ରେକ୍ଷୀରେ ମନ୍ଦରଧର ନାୟକ, ନିରଞ୍ଜନ ବିଶ୍ୱାଳ, ପୁରୁଷୋତ୍ତମ ଜେନା, ଜୟଦେବ ବିଶ୍ୱାଳ, ସଦାନନ୍ଦ ନାୟକ, ବରେନ୍ଦ୍ର ପୃଷ୍ଟି ଓ ଭରତ ଚନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା କଳସ ଅଣାଯାଇଥିଲା। ୨୭ତାରିଖ ଉଦଯାପନୀ ସଂଧ୍ୟାରେ ଆୟୋଜିତ ମଧୁଗଣେଶ ବାର୍ଷିକ ମହୋତ୍ସବରେ କମିଟି ସଭାପତି ମାନସ କୁମାର ଭଞ୍ଜ ପୌରହିତ୍ୟ କରିଥିଲେ। ଲାୟନ୍ସ କ୍ଲବ ସଭାପତି ହିମାଂଶୁ ଦାସ, ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦାମୋଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷିତ କୁମାର ଜେନା, ଶିକ୍ଷୟିତ୍ରୀ ସୁଲୋଚନା ଭୋଳ, ସରପଞ୍ଚ ମମତାରାଣୀ ପରିଡା, ସମିତିସଭ୍ୟ ନଳିନୀ ସାହୁ ଖଇରା ଥାନା ଏଏସଆଇ ଗୌରହରୀ ବୁଗୁଡାଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

## 'ସ୍ରଷ୍ଟା' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

ବାଲେଶ୍ୱର,୨୮।୩ (ସମିସ): 'ସ୍ରଷ୍ଟା' ନାଟ୍ୟାନୁଷ୍ଠାନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମାକଳପୁରସ୍ଥିତ ପ୍ରେକ୍ଷାଳୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ



ହୋଇଯାଇଛି। 'ସ୍ରଷ୍ଟା' ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାଷା ବିକାଶ ଆନ୍ଦୋଳନ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, 'ସ୍ରଷ୍ଟା'ର ସଭାପତି ଆଲୋକ କୁମାର ସାହୁ, ସଂଗ୍ରାମକେଶରୀ ମହାନ୍ତି, ପ୍ରସନ୍ନ କୁମାର ଦାସ ପ୍ରମୁଖ ନାଟକ କିଭଳି ସାମାଜିକ ଜୀବନରେ ଘଟୁଥିବା ନିତି ଦିନିଆ ଘଟଣା ମାନ ପ୍ରଦର୍ଶିତ କରି ସମାଜକୁ ଦିଗଦର୍ଶନ ଦେଇ ଏକ ଯୁକ୍ତାଶକ ପରିବର୍ତ୍ତନ ଆଡ଼କୁ ନେଇଯାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅଭିନେତ୍ରୀ ସ୍ୱାତୀ ପଣ୍ଡାଙ୍କୁ ସ୍ରଷ୍ଟା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରସନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ 'ସ୍ରଷ୍ଟା'ର ସଭ୍ୟ ନାଟ୍ୟକାର ପୀତାମ୍ବର ଦାସଙ୍କ ଲିଖିତ ନାଟକ 'ହୃଦୟର ଘର' ବିଶିଷ୍ଟ ନିର୍ଦ୍ଦେଶକ ଓ କଳାକାର ଗୌରୀ ଶଙ୍କର ସାହାଣୀଙ୍କ ମାର୍ଗଦର୍ଶନରେ ରଶ୍ମି ରଞ୍ଜନ ଦାସ ନାଟକ ନିର୍ଦ୍ଦେଶନା ଦେବା ସହିତ ସଙ୍ଗୀତ ପରିଚାଳନା କରିଥିଲେ। କଳାକାର ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଦିବାକର ମହାନ୍ତି, ଶ୍ୟାମ ରାଇ କାର, ସରୋଜ କୁମାର ରାଉତ, ସୌରଜିତ ସାହୁ, ଋତୁରାଜ ବାରିକ, ପୁଷ୍ପିତା ପାଢ଼ୀ, ସ୍ୱାଗତିକା ବାରିକ ଓ ଅନୁଭା ଶତପଥୀଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ବିମୋହିତ କରିଥିଲା।

# ସ୍କୁଲ ଛାଡ଼ି ଶିକ୍ଷକ ପଳାଇଯିବାକୁ ନେଇ ଉତ୍ତେଜନା

ରାଜଘାଟ, ୨୮।୩ (ସମିସ): ବସ୍ତା ଥାନା ଅନ୍ତର୍ଗତ ନିଶ୍ଚିନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ସମୟରେ କୌଣସି ଶିକ୍ଷକ ସ୍କୁଲ ପରିସରରେ ନ ଥିବାରୁ ଛାତ୍ରଛାତ୍ରୀ ଫାଟକ ବାହାରେ ଏଣେତେଣେ ବୁଲିବା ଘଟଣାକୁ ନେଇ ପରିଚାଳନା କମିଟି ସଭାପତି ସମେତ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଗତ ବୁଧବାର ଶିଶୁ ବାଟିକା ଚୟନ ଲାଗି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ ରାମ କୁଳଡିହା ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ବେଳେ ସହକାରୀ ଶିକ୍ଷକ ପଞ୍ଚାନନ ବେହେରା ଛାତ୍ରଛାତ୍ରୀଙ୍କ ଦାୟିତ୍ୱରେ ଥିଲେ। ତେବେ ମଧ୍ୟାହ୍ନ ବିରତି ସମୟରେ ଶ୍ରୀ ବେହେରା ସ୍କୁଲ କେଉଁ ଆଡେ ପଳାଇଯାଇଥିଲେ। ପାଚିକା ସହାୟିକା ମଧ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ବଢାବଢି ଓ ଧୂଆପୋଛା ସାରି ଘରକୁ ପଳାଇଥିଲେ। ଏହି ସମୟରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଫାଟକ ବାହାରେ ଏଣେତେଣେ ବୁଲାବୁଲି କରୁଥିବା ଦେଖି ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ବେହେରା, ସଦସ୍ୟ ଅନ୍ତର୍ଯ୍ୟାମୀ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ କ୍ଷୁବ୍ଧ ହୋଇଯାଇଥିଲେ। ବିଦ୍ୟାଳୟ ମୁରବି ଶୂନ୍ୟ ଥିବା ଦେଖି ସେମାନେ ବିଦ୍ୟାଳୟ ଭିତରର ଭିଡିଓ ଉତ୍ତୋଳନ କରିଥିଲେ। ପାଖା ପାଖି ଘଣ୍ଟାଏ ପରେ ସହକାରୀ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟକୁ ଆସିବାରୁ ସଭାପତି ଏବଂ ସଦସ୍ୟ ସ୍କୁଲ ଛାଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବାର କାରଣ ପଚାରିଥିଲେ। ମାତ୍ର ଶ୍ରୀ ବେହେରା କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସେଠାରେ ଉତ୍ତେଜନା ଲାଗି ରହିବା ସହ ଘଟଣା ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିବା ସହ ଉକ୍ତ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଫଳରେ ଚକ୍ରଡ଼ା ସିଆରସିସି ବିରେନ୍ଦ୍ର ହାଁସଦା ତଦନ୍ତ ଶନିବାର କରିଥିବା ବେଳେ ତଦନ୍ତ ରିପୋର୍ଟ ଶ୍ରୀ ବେହେରାଙ୍କ ବିରୁଦ୍ଧରେ ଯାଇଥିବା ଜଣାପଡ଼ିଛି। ଉକ୍ତ ଦାୟିତ୍ୱହୀନ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରିଚାଳନା କମିଟି ସଭାପତି ଏବଂ ସଦସ୍ୟ ଦାବି କରିଛନ୍ତି।

## ପ୍ରକୃତି ବନ୍ଦନା ଉତ୍ସବ ଓ ବିଦାୟ କାଳୀନ ସଭା

ଜଳେଶ୍ୱର, ୨୮।୩ (ସମିସ): ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରକୃତି ବନ୍ଦନା ଉତ୍ସବ ପାଳନ ସହିତ ପ୍ରକୃତିକୁ ରକ୍ଷା କରିବାର ଶପଥ ପାଠ। ଏହି ବିଷୟକୁ ନେଇ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱବାତାୟନ ଉପରେ ଆଲୋଚନା ସହିତ ମନରେ ପ୍ରକୃତି ପ୍ରେମ ଜାଗ୍ରତ କରିବା ପାଇଁ ଏକ ଅଭିନବ ନୂଆ ରୂପ ଓ ନୂଆ ଢଙ୍ଗରେ ପ୍ରକୃତି ବନ୍ଦନା ଉତ୍ସବ ପାଳନ କରାଯାଇଛି। ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜଗାଇର କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ରାଜନୀତି ବିଭାଗର ବରିଷ୍ଠ ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ମଙ୍ଗଳକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ସକରାତ୍ମକ ଚିନ୍ତନ ସହିତ ଭଲ ମଣିଷ ହୋଇ ସମାଜରେ ନିର୍ଭୀକ ସେବା ପ୍ରଦାନ କରିବାର ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ରାମକୃଷ୍ଣ ନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ଲିପିକା ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଗର ସାପ ଉଦ୍ଧାର

ନୀଳଗିରି, ୨୮।୩ (ସମିସ): ନୀଳଗିରି ଉପଖଣ୍ଡ ଅଧୀନ ବାଉଁଶବଣିଆ ପଞ୍ଚାୟତ ହାଟସାହି ଗ୍ରାମ ସନ୍ତୋଷ କୁମାର ମହାରଣାଙ୍କ ଘରୁ ଏକ ଅଜଗର ସାପ ଉଦ୍ଧାର ହୋଇଛି। ଶନିବାର ହାଟସାହି ଗ୍ରାମ ସନ୍ତୋଷ କୁମାର ମହାରଣାଙ୍କ ପରିବାର ଅଜଗର ସାପକୁ ଦେଖିବା ପରେ ପ୍ରଥମେ ସ୍ଥାନୀୟ ଅଞ୍ଚଳର ଲୋକେ ରଣଜିତ କୁମାର ପଣ୍ଡିତଙ୍କୁ ଖବର ଦେଲା ପରେ ରଣଜିତ କୁମାର କୁଲଡିହା ରେଞ୍ଜ ଅଧିକାରୀଙ୍କୁ ଖବର ଦେଇଥିଲେ। ସୁବ୍ରତ ବେହେରା, ମହେଶ୍ୱର ବେହେରା ଓ ଜୟନ୍ତ ସେଠୀଙ୍କୁ ତୁରନ୍ତ ପଠେଇ ଅଜଗର ସାପକୁ ଉଦ୍ଧାର କରି ନିକଟସ୍ଥ କୁଲଡିହା ଅଭୟାରଣ୍ୟରେ ଛାଡିଦେଇଛନ୍ତି।

## ମେଡିକାଲରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ମକ୍‌ଡ୍ରିଲ



ବାଲେଶ୍ୱର,୨୮।୩(ସମିସ): ନିକଟରେ କଟକ ଏସସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟି ୧୦ଜଣ ରୋଗୀ ମୃତ୍ୟୁବରଣ କରିବା ପରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ନିଶମ ବିଭାଗ ସଜାଗ ହୋଇଛି। ବାଲେଶ୍ୱର ମେଡିକାଲରେ ଏଭଳି ଅଗ୍ନିକାଣ୍ଡ ନଘଟୁ ସେଥିପାଇଁ ଆଜି ଅଗ୍ନିଶମ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ସଚେତନତାମୂଳକ ପଦକ୍ଷେପ ସହ ଫାୟାର ମକଡ୍ରିଲ କରାଯାଇଛି। ଏହି ମକଡ୍ରିଲରେ ଅଗ୍ନିଶମ ବିଭାଗର ଅତିରିକ୍ତ ଫାୟାର ଅଫିସର ସମୀର କୁମାର ବିଶ୍ୱାଳ, ଷ୍ଟେସନ ଅଫିସର ବିଶ୍ୱଜିତ ରାଉତ ଏବଂ୨୫ଜଣ କର୍ମଚାରୀଙ୍କ ସମେତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ପୌରକର୍ମଚାରୀ, ଏନଏସି କର୍ମଚାରୀମାନେ ସାମିଲ ହୋଇଥିଲେ। ଅଗ୍ନିଶମ ବିଭାଗର ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିବା ବେଳେ ପ୍ରଥମଥର ପାଇଁ ଅଟୋମେଟିକ ଫାୟାର ରୋବର୍ଟ ଡେମୋ ପ୍ରଦର୍ଶନ କରାଯାଇଥିଲା।

## ମହିଳାଙ୍କ ପେଟରୁ ବାହାରିଲା ୮କେଜିର ଟ୍ୟୁମର

ବାଲେଶ୍ୱର,୨୮।୩(ସମିସ): ସ୍ଥାନୀୟ ଏକ ନର୍ସିଂ ହୋମରେ ଅସ୍ତ୍ରୋପଚାର ଦ୍ୱାରା ଜଣେ ମହିଳାଙ୍କ ପେଟରୁ ୮କେଜି ୨୫୦ଗ୍ରାମ ଓଜର ଏକ ଟ୍ୟୁମର ବାହାରିଛି। ବସ୍ତା ଥାନା ଅର୍ନ୍ତଗତ କୁସୁଡିହା ଗ୍ରାମର ପଂଚାନନ ମଣ୍ଡଳଙ୍କ ପତ୍ନୀ ଝରଣାଙ୍କର ୩ବର୍ଷ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଆଇଟିଆଇସ୍ଥିତ ଏକ ନର୍ସିଂ ହୋମରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଝରଣାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କ ପେଟରେ ଟ୍ୟୁମର ଥିବା ଜଣାପଡିଥିଲା। ପରେ ଡାକ୍ତର ଓ ନର୍ସଙ୍କ ସହାୟତାରେ ଦୀର୍ଘ ୪ଘଂଟା ଅସ୍ତ୍ରୋପଚାର କରାଯାଇ ତାଙ୍କ ପେଟରୁ ଏହି ଟ୍ୟୁମର ବହାର କରାଯାଇଥିଲା। ଏବେ ସେ ସୁସ୍ଥ ଥିବା ନେଇ ଜଣାଯାଇଛି।

## ରାମ ନବମୀରେ ଶ୍ରୀରାମ କଥା



ବାଲେଶ୍ୱର,୨୮।୩ (ସମିସ): ଟାଉନ ଅନ୍ତର୍ଗତ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଶ୍ରୀରାମ କଥା ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜା ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜସେବୀ ବୀରେନ୍ଦ୍ର କର ଓ ତାଙ୍କ ସହଧର୍ମିଣୀ ସଂକଳ୍ପ ପୂଜାରେ ବସିଥିଲେ। ପରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରାଣୀ ନାୟକ ଓ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ହରିଶ ଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଡ଼ିଆରେ ପଶିଗଲା ଟ୍ରାକ୍ଟର

ନୀଳଗିରି, ୨୮।୩ (ସମିସ): ଡ୍ରାଇଭରର ବେପାରୁଆ ଗାଡ଼ି ଚାଳନା ପାଇଁ ଗଡ଼ିଆ ଭିତରକୁ ପଶିଗଲା ଟ୍ରାକ୍ଟର। ନୀଳଗିରି ଥାନା ଗୋପିନାଥପୁର ଗ୍ରାମରେ ତାର ଜାଲି ନେଇ ଏକ ନମ୍ବର ବିହୀନ ଟ୍ରାକ୍ଟର ଗ୍ରାମକୁ ଯାଉଥିବା ବେଳେ ଲକ୍ଷ୍ମୀଧର ରାଉଳଙ୍କ ଗଡିଆ ମଝିକୁ ପଳାଇ ଯାଇଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରିଥିବା ବେଳେ ଟ୍ରାକ୍ଟରଟି ଗାଡ଼ିଆ ଭିତରେ ପଡ଼ି ରହିଥିବାର ଦେଖିବାକୁ ମିଳିଛି।



# ଚୌଘରୀ-ଚୋରମରା ସେତୁ ନିର୍ମାଣରେ ବିଳମ୍ବ

ଜଳେଶ୍ୱର, ୨୮।୩ (ସମିସ)



ଗଡସାହିବାଲିଆପାଳ ପଞ୍ଚାୟତରୁ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ଯିବାକୁ ହେଲେ ପ୍ରାୟ ୩୦କି.ମି. ଦୂର ରାସ୍ତା ଅତିକ୍ରମ କରିବାକୁ ପଡେ। ବନ୍ୟା ପ୍ରପୀଡିତ ଅଞ୍ଚଳଭାବେ ପରିଚିତ ଏହି ପଂଚାୟତକୁ ତୁରନ୍ତ ପ୍ରଶାସନିକ ସେବା ଯୋଗାଇବା ସମ୍ଭବ ହୋଇପାରେ ନାହିଁ। ତେଣୁ ବ୍ଲକ କାର୍ଯ୍ୟାଳୟ ସହିତ ଯୋଡିବାପାଇଁ ସୁବର୍ଣ୍ଣରେଖା ନଦୀ ଉପରେ ବସ୍ତା ବ୍ଲକର ଚୌଘରୀ-ଚୋରମରା ସେତୁ ନିର୍ମାଣ ଲାଗି ୨୦୧୯ ମସିହାରେ ଯୋଜନା ହୋଇଥିଲା। ଏକ ସେତୁ ପିଡବ୍ଲୁଡି ପକ୍ଷରୁ ନିର୍ମାଣ ଲାଗି ୧୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏଥିଲାଗି ଆବଶ୍ୟକ ଏଲାଇନ୍‌ମେଣ୍ଟ, ଡ୍ରଇଂ, ଟେଣ୍ଡର ସରିଥିବା ବେଳେ ଆପ୍ରୋଚ ରୋଡ ଲାଗି ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇନାହିଁ। ଏପରିକି ପୋଲ ନିର୍ମାଣ ଲାଗି ଲୋକଙ୍କ ବ୍ୟକ୍ତିଗତ ଜମି ରହିଥିବାରୁ ଅଧିଗ୍ରହଣ ଶେଷ ହୋଇନାହିଁ। ଏବେ ବ୍ୟକ୍ତିଗତ ଜମିର କେତେକ ଲିଗାଲ ହେୟାର ମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବା ବସ୍ତା ପିଡବ୍ଲୁଡି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଏହି ସେତୁଟି ନିର୍ମାଣ ହେଲେ ପଂଚାୟତର ୩ ହଜାର ଲୋକେ ଉପକୃତ ହେବା ସହିତ ଜଳେଶ୍ୱରକୁ ପ୍ରାୟ ୧୫କି.ମି. ଦୂରତା କମିଯିବ। ସେତୁରୁ ଆସୁଥିବା ଆପ୍ରୋଚ ରୋଡ ୯୦୦ମିଟର ଆସି କେଶପୁରା-ଡିଙ୍ଗାଶୋଳ ରାସ୍ତାକୁ ସଂଯୋଗ ହେଲେ ପଂଚାୟତବାସୀଙ୍କ ବହୁ ଉପକାର ସାଧିତ ହୋଇପାରିବ। ଫଳରେ ପଞ୍ଚାୟତବାସୀଙ୍କ ଉତ୍ପନ୍ନ ପରିବା, ଡାଲି, ମୁଗ ଇତ୍ୟାଦିକୁ ବିଭିନ୍ନ ହାଟରେ ବିକ୍ରି କରିବା ସହିତ ଜଳେଶ୍ୱର ରେଳ ଷ୍ଟେସନ, ଡାକ୍ତରଖାନା, ତହସିଲ, ବ୍ଲକ କାର୍ଯ୍ୟାଳୟକୁ ଯିବା ଆସିବାରେ ସହଜ ହେବ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ ରାଜନୈତିକ ଇଚ୍ଛାଶକ୍ତି, ଅଧିକାରୀଙ୍କ ମନମାନି ଯୋଗୁଁ କାର୍ଯ୍ୟଟି ବିଳମ୍ବ ହେଉଥିବା ଚୋରମରା ସରପଂଚ ପ୍ରତିନିଧି ପରିତୋଷ କାମିଲା କହିଛନ୍ତି। ତେଣୁ ଶୀଘ୍ର ଜମି ଅଧିଗ୍ରହଣ କରିବା ସହିତ ଠିକାଦାର ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ରଗଡ଼ି ଅଚଳରୁ ମୋରମ ଚୋରା ବିକ୍ରି ମାମଲା**

# ଡିଏଫ୍‌ଓଙ୍କ ପାଖରେ ଖବର, ରେଞ୍ଜର ଜାଣିପାରୁନାହାନ୍ତି

ବ୍ୟାସନଗର,୨୮ ।୩(ସମିସ):

ସ୍ଲରୀ ପାଇପ୍ ବିଛା ନାମରେ ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ରଗଡି ଅଞ୍ଚଳରେ ବେଧଡ଼କ ଚାଲିଛି ଦୈନିକ ଶହ ଶହ ଟ୍ରିପ ମୋରମ୍ ଲୁଟ୍ । ସରକାରୀ ନିୟମକୁ ମୋଡ଼ିମକଚି ସ୍ଥାନୀୟ ଜଙ୍ଗଲ ବାବୁଙ୍କୁ ହାତବାରିସ୍ କରି ଜନୈକ ଅଧିକାରୀ ଚଳାଇଛନ୍ତି ମାଫିଆରାଜ । ଗୋଟିଏ ସ୍ଥାନରୁ ଅନ୍ୟତ୍ର ହାଇୱା ଯୋଗେ ଚାଲିଛି ମୋରମ୍ ଚୋରା ଚାଲାଣ । ଏପଟେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏଭଳି ବେଆଇନ ଘଟଣାକୁ ଜୋରଦାର ବିରୋଧ ଏବଂ କଟକ ଡିଏଫ୍‌ଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ଡିଏଫଓଙ୍କ ନିର୍ଦ୍ଦେଶ ପରେ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୋରମ ତାଡୁଥିବା ଏକ୍ସାଭେଟରକୁ ଛାଡ଼ ଲୋକଦେଖାଣିଆ ଭାବେ ମୋରମ ବୋଝେଇ ହାଇୱାକୁ ଗତ ଗୁରୁବାର ଜବତ କରି ରେଞ୍ଜ ଅଫିସରେ ରଖିଥିଲେ । ତେବେ କଟକରେ ରହି ଡିଏଫ୍‌ଓ ଘଟଣା ସମ୍ପର୍କରେ ଅବଗତ ହେବା ସୁଚାଉଛି ସ୍ଥାନୀୟ ଲୋକେ ନିଶ୍ଚୟ ସ୍ଥାନୀୟ ରେଞ୍ଜର ଏବଂ ରେଞ୍ଜ ଅଫିସକୁ ଏଭଳି ବେଆଇନ କାର୍ଯ୍ୟ ନେଇ ଖବର ଦେଇଥିବେ । ତେବେ ଖବର ପାଇବା ପରେ ଏହି ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ କାହିଁକି ଚୁପ୍ ରହିଲେ ଏବଂ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ସୂଚନାଯୋଗ୍ୟ ଯେ ଏହି ପାଇପ୍ ବିଛା କାର୍ଯ୍ୟରେ ନିୟୋଜିତ ଥିବା ଏକ କମ୍ପାନୀର ଜେସିବି ବା ପୋକ୍‌ଲିନ ସାହାଯ୍ୟରେ ବେଆଇନ୍ ଲୋଡିଂ କରି ୨୦ ନମ୍ବର୍ ଜାତୀୟ ରାଜପଥ ସନ୍ନିକଟ ରଗଡ଼ି ଛକ ନିକଟରୁ ବାହାରୁଥିବା ମୋରମକୁ କମ୍ପାନୀ କର୍ତ୍ତୃପକ୍ଷ ଦୀର୍ଘ ଦିନ ଧରି ପଡ଼ୋଶୀ କେନ୍ଦୁଝର ଜିଲ୍ଲାକୁ ଚାଲାଣ କରୁଥିବା ବେଳେ ରଗଡି ଛକରେ ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ । କମ୍ପାନୀ ସ୍ଲରୀ ପାଇପ୍ ଲାଇନ୍ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ କର୍ମଚାରୀ ବ୍ୟାପକ ଅନିୟମିତତା କରି ବେଆଇନ୍ ଭାବେ ମନଇଚ୍ଛା ଯାଜପୁର ରୋଡ୍ ବନବିଭାଗ ରେଞ୍ଜ ଅନ୍ତର୍ଗତ ପଛିକୋଟ ଡିପିଏଫ୍‌ଓ ରଗଡ଼ି ମୌଜା ଜଙ୍ଗଲ ଜମିରୁ ମୋରମ ଭଳି ଲଘୁ ଖଣିଜ୍ ଦ୍ରବ୍ୟ ଚାଲାଣ କରୁଥିବା ସତ୍ତ୍ୱେ ବାରମ୍ବାର ସ୍ଥାନୀୟ ଲୋକେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ । ଘଟଣାସ୍ଥଳରେ ନିୟୋଜିତ କମ୍ପାନୀ ସୁପରଭାଇଜରଙ୍କ କହିବା ଅନୁଯାୟୀ କମ୍ପାନୀରେ କାର୍ଯ୍ୟରତ ସଞ୍ଜୟ ମହାଳିକ ନାମକ କର୍ମଚାରୀଙ୍କ ନିର୍ଦ୍ଦେଶରେ ଏହି ମୋରମ୍ ଅନ୍ୟତ୍ର ଚାଲାଣ କରାଯାଉଥିଲା । ତେବେ ଦୀର୍ଘ ଦିନ ଧରି ପାଇପ୍ ବିଛାଇବା ପାଇଁ ରଗଡି ଅଞ୍ଚଳରେ ଖୋଳା ଯାଇଥିବା ଗର୍ତ୍ତରୁ ବାହାରୁଥିବା ମୋରମ୍ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରୁଥିବା ସଞ୍ଜୟ ମହାଳିକଙ୍କ ବିରୋଧରେ କାହିଁକି ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ତାହା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶୁଣିବାକୁ ମିଳୁଛି କି କମ୍ପାନୀ ଅଧିକାରୀ ସଞ୍ଜୟ ମହାଳିକ ଓ ଯାଜପୁର ରୋଡ୍ ବନ ବିଭାଗ ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନ ମିଳିମିଶି ମୋରମ ଲୁଟ୍ କରାଇବା ସହିତ କୋଟି କୋଟି ସରକାରୀ ସମ୍ପତ୍ତି ନଷ୍ଟ କରୁଛନ୍ତି ।

ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଖବରପାଇ କଟକ ଡିଏଫଓ ଅନିଲ କୁମାର ରାୟଙ୍କ ନିର୍ଦ୍ଦେଶରେ ଯାଜପୁର ରୋଡ୍ ବନ ଅଧିକାରୀ ଦେବେନ୍ଦ୍ର ମାଝୀ ସଦଳବଳେ ରଗଡ଼ିରେ ପହଞ୍ଚି ଚୋରା ଚାଲାଣରେ ନିୟୋଜିତ ହାଇୱାକୁ ଜବତ କରି ବନ ବିଭାଗ କାର୍ଯ୍ୟାଳୟରେ ଆଣି ରଖିଥିବା ବେଳେ ଜେସିବି ମେସିନକୁ ଘଟଣାସ୍ଥଳରେ ଛାଡ଼ି ଚାଲି ଯାଇଥିବା ଅଭିଯୋଗ ହୋଇଛି । ବ୍ୟାସନଗର ତହସିଲ ଅଧୀନ ପଛିକୋଟ ରାଜସ୍ୱ ନିରୀକ୍ଷକଙ୍କ ସମ୍ପ୍ରତି ରଗଡ଼ି ମୌଜା ଜଙ୍ଗଲ ଜମିରୁ କମ୍ପାନୀ କର୍ତ୍ତୃପକ୍ଷ ବ୍ୟାପକ ମୋରମ ଲୁଟି ନେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ ସ୍ଲରୀ ପାଇପ ଲାଇନ୍ ପାଇଁ ଖନନ ହେଉଥିବା ଗର୍ତ୍ତରୁ ବାହାରୁ ଥିବା ମୋରମ ସେହି ସ୍ଥାନର ପୋତାଯିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ପ୍ରୋକଲିନ ସାହାଯ୍ୟରେ ଲୋଡିଂ କରି ହାଇୱାରେ ଅନ୍ୟତ୍ର ଚୋରା ଚାଲାଣ କରୁଛନ୍ତି । ତେବେ ରାସ୍ତା କଡରେ ମୋରମ ତାଡୁଥିବା ଏକ୍ସାଭେଟରକୁ ବନ ବିଭାଗ ନିଜ ହେପାଜତକୁ ନ ଆଣି କମ୍ପାନୀ ହେପାଜତରେ ରଖିବାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରୁନାହାନ୍ତି । ବନ ବିଭାଗ ରେଞ୍ଜ ଅଫିସରେ ୧୨ ଜଣ କର୍ମଚାରୀ ମହଜୁଦ୍ ରହିଥିବା ବେଳେ ନିଜ କର୍ମଚାରୀ ସେଠାରେ ନ ଜଗାଇ ପରୋକ୍ଷରେ ମେସିନ୍‌କୁ ଘଟଣାସ୍ଥଳରୁ ଫେରାର କରାଇବାକୁ ରେଞ୍ଜର ସୁଯୋଗ ପ୍ରଦାନ କରିଛନ୍ତି । ଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ରେଞ୍ଜରଙ୍କ ଭୂମିକା ଏବଂ ସରକାରୀ ସମ୍ପତ୍ତି ଲୁଟରେ ସହଯୋଗ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ସ୍ଥାନୀୟ ଲୋକେ ତୁରନ୍ତ ସମ୍ପୃକ୍ତ ଏକ୍ସାଭେଟରକୁ ଜବତ କରିବାକୁ ଦାବି କରିବା ସହିତ କମ୍ପାନୀ କର୍ମଚାରୀ ସଞ୍ଜୟ ମହାଳିକକୁ ତଦନ୍ତ ପରିସରଭୁକ୍ତ କରି ଗିରଫ କରିବାକୁ ଦାବି କରିଛନ୍ତି । ଏନେଇ ମତାମତ ନିମନ୍ତେ ଯାଜପୁର ରୋଡ୍ ରେଞ୍ଜ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ କାଟି ଦେଇଥିଲେ ।

**● ଯାଜପୁର ଓକିଲ ସଂଘ ନିର୍ବାଚନ**

## ପ୍ରଫୁଲ୍ଲ ସଭାପତି, ରୁଦ୍ର ସମ୍ପାଦକ



ଯାଜପୁର,୨୮ ।୩(ସମିସ): ଯାଜପୁରର ତିନୋଟି ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ସର୍ବପୁରାତନ ବାର୍ ଆସୋସିଏସନ ଯାଜପୁରର ନିର୍ବାଚନ ଶେଷ ହୋଇଥିବା ବେଳେ ପ୍ରଫୁଲ୍ଲ କୁମାର ସାମଲ ସଭାପତି ରୂପେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ରୁଦ୍ରନାରାୟଣ ମହାନ୍ତି ସାଧାରଣ ସମ୍ପାଦକ, ଝୁମରବର ପରିଡ଼ା ଉପସଭାପତି ଓ ପିତାମ୍ବର ମିଶ୍ର ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ କାଳୀକିଙ୍କର ଚାଟାର୍ଜୀ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରୁଥିଲେ । ଯାଜପୁର ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏସନ ପକ୍ଷରୁ କିଶୋର ଚନ୍ଦ୍ର କର ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସନ୍ତୋଷ କୁମାର ପଣ୍ଡା ସାଧାରଣ ସମ୍ପାଦକ, ଉପସଭାପତି ଭାବେ ଗୋପାଳ ଚନ୍ଦ୍ର ମହାନ୍ତି ଓ ସୁବାସ ଚନ୍ଦ୍ର ସାମଲ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନକୁ ଡିଷ୍ଟ୍ରିକ୍ଟ କ୍ରିମିନାଲ ବାର୍ ଆସୋସିଏସନର ବରିଷ୍ଠ ସଭ୍ୟ ଆଇନଜୀବୀ ଲକ୍ଷ୍ମୀଧର ସାହୁ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରୁଥିଲେ । ସେହିପରି ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ପକ୍ଷରୁ ଅମୀୟ କୁମାର ମହାନ୍ତି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଦିବାକର ମହାନ୍ତି ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ଝରଣା ମିଶ୍ର ଓ ସହ ସମ୍ପାଦକ ଭାବେ ଚିନ୍ମୟୀ ଜେନା ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଜେନା ପରିଚାଳନା କରିଥିଲେ ।

**■ ଚଣ୍ଡିଖୋଲ କୋର୍ଟ ବାର୍ ନିର୍ବାଚନ**

## ଦେବରାଜ୍ ସଭାପତି, ପ୍ରକାଶ ସଂପାଦକ





ବଡ଼ଚଣା,୨୮ ।୩(ସମିସ): ଆଜି ଚଣ୍ଡିଖୋଲ ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ମୋଟ୍ ୧୯୨ ଜଣ ଭୋଟରଙ୍କ ମଧ୍ୟରୁ ୧୮୦ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ । ଏଥିରେ ସଭାପତି ଭାବେ ଦେବରାଜ ବେହେରା, ଉପସଭାପତି ଜ୍ଞାନେଶ୍ ମହାନ୍ତି, ସଂପାଦକ ପ୍ରକାଶ ଚନ୍ଦ୍ର ଦାସ, ଯୁଗ୍ମ ସଂପାଦକ, ସୁତ୍ରଳ କବି, କୋଷାଧ୍ୟକ୍ଷ, ବେବିନା ଓଝା, ସାଂସ୍କୃତିକ ସଂପାଦକ ଦୀନବନ୍ଧୁ ନାୟକ, ପାଠାଗାର ସଂପାଦକ ଇନ୍ଦିରା ପ୍ରିୟଦର୍ଶିନୀ ଜେନା ପ୍ରମୁଖ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ରେଣୁବାଳା ମହାନ୍ତି, ସହ ନିର୍ବାଚନ ଅଧିକାରୀ ସମ୍ବିତ ମହାପାତ୍ର ଓ ଶଶାଙ୍କ ଶେଖର ଶତପଥୀ ଜଣାଇଛନ୍ତି ।

## ଏପ୍ରିଲ ୧ରୁ ତରାପୁର ମା' ହିଙ୍ଗୁଳାଙ୍କ ଯଜ୍ଞ

ବ୍ୟାସନଗର,୨୮ ।୩(ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ଅଗ୍ନି ସ୍ୱରୂପିଣୀ ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ଆସନ୍ତା ଅପ୍ରେଲ



୧ ତାରିଖରୁ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ଯଜ୍ଞୋତ୍ସବ ଅନୁଷ୍ଠିତ ହେବାକୁ ଥିବା ଦିନମାନଙ୍କରେ ସ୍ଥାନୀୟ ଅଞ୍ଚଳରେ ରାତ୍ରୀ ସମୟରେ ପାକ ନିଷେଧ ହେବା ସହିତ ଅଞ୍ଚଳର ପ୍ରାୟ ୫ କିମି ବ୍ୟାସାର୍ଦ୍ଧରେ ଆମିଷ ପଦାର୍ଥ ବିକ୍ରିକୁ ନିଷେଧ କରାଯାଇଛି । ୧ ତାରିଖ ବୁଧବାର ମା' ହିଙ୍ଗୁଳାଙ୍କ ଶୁଭାଧିବାସ ସ୍ଥାପନ, ଅଙ୍କୁରାରୋପଣ ଏବଂ ଘଟସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ୨ ତାରିଖରେ ମହାଯଜ୍ଞୋତ୍ସବ, ଅଖଣ୍ଡ ନାମଯଜ୍ଞର ଶୁଭାଧିବାସ ସ୍ଥାପନ କରାଯିବ । ୩ ତାରିଖ ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ଏହି ଦିନ ସ୍ୱୟଂ ମା' ଆବିର୍ଭୂତା ହେବେ ଏବଂ ସ୍ୱତଃ ଅଗ୍ନି ପଣା ହାଣ୍ଡିରେ ଘୋଡ଼ା ହୋଇଥିବା ପାଟରେ ସଂଯୋଗ ହେବା ସହିତ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣର କାର୍ଯ୍ୟକ୍ରମ ରହିଛି । ୫ ତାରିଖ ରାତ୍ର ୪ ଘଟିକାରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ । ପ୍ରଭାତରେ ଯଜ୍ଞ ଚରୁ ବଣ୍ଟନ କରାଯିବ । ପରେ ସନ୍ଧ୍ୟାରେ ନାଟକ ପରିବେଷଣ କରାଯିବ । ସେହିପରି ୬ ତାରିଖ ନଗର ପରିକ୍ରମା କରାଯିବ । ଚୈତ୍ର ପୂର୍ଣ୍ଣିମା ଦିନ ୨୪ ପ୍ରହର ନାମଯଜ୍ଞର ଶୁଭାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ୯ ତାରିଖ ସକାଳ ୮ ଘଟିକା ସମୟରେ ମହାମାୟୀଙ୍କ ମହାସ୍ନାନ କରାଯିବା ପରେ ୯ ଘଟିକାରେ ବାଲ୍ୟଲୀଳା ଏବଂ ଅପରାହ୍ନ ୧ ଘଟିକାରେ ପବିତ୍ର ଯଜ୍ଞଭସ୍ମର ବିସର୍ଜନ ଶୋଭାଯାତ୍ରା କରାଯାଇ ବୈତରଣୀ ନଦୀରେ ବିସର୍ଜନ କରାଯିବ ବୋଲି ଆଞ୍ଚଳିକ ହିଙ୍ଗୁଳା କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି । ଏହି ଯଜ୍ଞୋତ୍ସବ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ଉପସଭାପତି ରଣଜିତ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ସହ ସମ୍ପାଦକ ରଜତ କୁମାର ନାୟକ, ଯୁଗ୍ମ ସମ୍ପାଦକ ତପନ କୁମାର ମଲ୍ଲିକ, ଅଫିସ ସହକାରୀ ପ୍ରଶାନ୍ତ କୁମାର ମହାନ୍ତି, ସମସ୍ତ ସକ୍ରିୟ ସଭ୍ୟ ଏବଂ ସ୍ଥାନୀୟ ଲକ୍ଷ୍ମୀନଗର ପଞ୍ଚାୟତର ସମସ୍ତ ବାସିନ୍ଦା ସହଯୋଗ କରିଛନ୍ତି ।

## ଦେଶୀ ମଦ ଜବତ; ବେପାରୀ ଗିରଫ

ପାଣିକୋଇଲି,୨୮ ।୩(ସମିସ): ପାଣିକୋଇଲି ପୁଲିସ ସନ୍ଧ୍ୟାକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ବ୍ୟାପକ ପରିମାଣରେ ଦେଶୀ ମଦ ଜବତ କରିଛି । ପୁଲିସ୍ ବିଭିନ୍ନ ସ୍ଥାନ ସହ ବଡ଼ବରୁଣାଇପଦା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଠାରୁ ଫୋନ କଲ ପାଇ କାଜିପାଟଣା ଛକରେ ଚଢ଼ଉ କରିଥିଲା । ସେଠାରେ ଜଣେ ବ୍ୟକ୍ତିର ଚାଲିଚଲଣ ଉପରେ ସନ୍ଦେହ ହେବାରୁ ତାକୁ ଧରିଥିଲେ । ତା' ନିକଟରୁ ୪୫ ବୋତଲ (୯ଲିଟର) ଦେଶୀ ମଦ (ଆସ୍କାଫର୍ଟି) ମିଳିଥିଲା । ତାକୁ ଥାନାକୁ ଆଣିବା ପରେ ସେ ପଥରପଦା କାଜିପାଟଣା ଗ୍ରାମର ରାଜକିଶୋର ଦାସଙ୍କ ପୁଅ ହରେକୃଷ୍ଣ ଦାସ(୪୭)କୁ ଗିରଫ କରିଥିଲା । ଏନେଇ ଏକ ମାମଲା ୯୮/୨୬ରେ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

**● କଙ୍ଗାରୁକୋର୍ଟ ଘଟଣାରେ ପୁଲିସ୍‌ର ଟାଳଟୁଳ ନୀତି**

## ୩୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ

ଯାଜପୁର,୨୮ ।୩(ସମିସ): ଯାଜପୁର ଜିଲ୍ଲା ସଦର ଥାନା ଅଞ୍ଚଳରେ ହୋଇଥିବା କଙ୍ଗାରୁକୋର୍ଟ ଘଟଣାରେ ପୁଲିସ୍‌ର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ ମାତ୍ର ୩ ଜଣଙ୍କୁ ଗିରଫ କରି ନିଜର ଦାୟିତ୍ୱ ସାରିଦେଇଛି ବୋଲି ଶନିବାର ଯାଜପୁରସହର ଶାନ୍ତିମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ସଂଗଠନର ସଭ୍ୟମାନେ ଅଭିଯୋଗ କରିଛନ୍ତି । ଗତ ୪ତାରିଖ ଦିନ ମହେଶ୍ୱରପୁର ଗ୍ରାମରେ ଏକ ବାଇକ୍ ଚୋରିକୁ ନେଇ ସନ୍ଦେହ ଘଟଣାରେ ସେହି ଗ୍ରାମର ରାଜେନ୍ଦ୍ର ମହାରଣା, କଣ୍ଟାବଣିଆ ଗ୍ରାମର ଦେବାଶିଷ ମଲିକକୁ ପୁଲିସ ଉଠାଇ ନେଇ ହାତଗୋଡ ବାନ୍ଧି ମାଡମାରି କଙ୍ଗାରୁ କୋର୍ଟ କରିଥିଲା । ମାଡ଼ ଖାଇଥିବା ବ୍ୟକ୍ତିମାନଙ୍କ ପରିବାର ଲୋକଙ୍କୁ ସଦର ପୁଲିସ ନ୍ୟାୟ ଦେବା ବଦଳରେ ଅତି ଅମାନୁସିକ ଭାବେ ୨/୩ ଦିନ ଥାନାରେ ଅଟକ ରଖି ଥାର୍ଡ ଡିଗ୍ରୀ ଦେବା ସହ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ । ଏହି ଘଟଣାକୁ ଗତ ୯ ତାରିଖରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମେତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ କରି କଙ୍ଗାରୁକୋର୍ଟ କରିଥିବା ଶତାଧିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା । ଏତଦ୍‌ବ୍ୟତିତ ବିନା କାରଣରେ ସଦର ପୁଲିସ ୨/୩ ଦିନ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁଲିସ କଙ୍ଗାରୁ କୋର୍ଟ କରିଥିବା ବ୍ୟକ୍ତି ବିଶେଷଙ୍କ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆସନ୍ତା ୩୧ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ଚେତାବନୀ ଦିଆଯାଇଛି । ଏଥିରେ ଯାଜପୁରର ବହୁଜନ, ଗଣତାନ୍ତ୍ରିକ ସଂଗଠନ ସମୂହ, ମୁଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ, ଭୀମ୍ ଆର୍ମୀ, ସାନ୍ତାଳ ସମାଜ, ବିଶ୍ରାବିଗ୍ରେଡ୍, ବହୁଜନସମାଜ ପାର୍ଟି, ଆମ୍ବେଦକର ଫାଉଣ୍ଡେସନ୍‌ଙ୍କ ସମେତ ବହୁ ସଂଗଠନର ବ୍ୟକ୍ତିବିଶେଷ ଯୋଗଦେଇଥିଲେ ।

## ଡମ୍ଫର ଚକାତଳେ ବାଇକ୍

ପାଣିକୋଇଲି,୨୮ ।୩(ସମିସ): ପାରିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମିର୍ଜାପୁର ଛକରେ ଆଜି ଡମ୍ଫର ଚକା ତଳେ ବାଇକ ପଡିଯାଇଥିଲା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛି । ପ୍ରକାଶଯେ ଏକ ଡମ୍ଫର ଓଭରବ୍ରିଜ ଦେଇ ଶଗଡି ଆଡକୁ ଯାଉଥିବା ବେଳେ ଟିକର ପଟୁ ଆସୁଥିବା ଏକ ବାଇକ ଆରୋହୀ ବାଇକ ସହ ଚକାତଳେ ପଡିଥିଲା । ସୌଭାଗ୍ୟ ବଶତଃ ବାଇକଟି ଭାଙ୍ଗିଥିବା ବେଳେ ଚାଳକ ବର୍ତ୍ତିଯାଇଥିଲା । ସ୍ଥାନୀୟ ଲୋକମାନେ ପହଞ୍ଚି ତାକୁ ବୁଝାସୁଝା କରି ଉଭୟଙ୍କୁ ନିଜ ଗନ୍ତବ୍ୟ ସ୍ଥାନକୁ ପଠାଇଥିବା ଜଣାପଡିଛି ।

## ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ



ଯାଜପୁର,୨୮ ।୩(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ଅଧୀନସ୍ଥ ମତାବାଜ ଗ୍ରାମର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପଞ୍ଚାୟତ କଂଗ୍ରେସ ସଭାପତି ମହମ୍ମଦ ହୁସେନ୍ ଖାଁଙ୍କର ୭୩ ବର୍ଷ ବୟସରେ କଟକ ବଡ଼ ମେଡିକାଲରେ ପରଲୋକ ହୋଇଯାଇଛି । ସେ ଜଣେ ଆଦର୍ଶ ନେତୃସ୍ଥାନୀୟ ବ୍ୟକ୍ତି ଭାବରେ ସ୍ଥାନୀୟଅଞ୍ଚଳରେ ପାରିବାରିକ ଦ୍ୱନ୍ଦ୍ୱ ଓ ବିବାଦ ସମାଧାନ କରିବାରେ ଜଣେ ଧୂରନ୍ଧର ମଣିଷ ଥିଲେ । ତାଙ୍କୁ ଆଖପାଖ ୨/୩ଗୋଟି ପଞ୍ଚାୟତରେ ନ୍ୟାୟ ନିଶାବରେ ସମସ୍ତେ ମୁରବୀ ହିସାବରେ ମାନୁଥିଲେ । ତାଙ୍କର ବିୟୋଗରେ ଶ୍ରମିକ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଦିଗମ୍ବର କର, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ସନ୍ତୋଷ କୁମାର ନନ୍ଦ, ମନୋଜ କୁମାର ରାଉତ, ହୃଷୀକେଶ ପତି, ବିଭୂତି ଭୂଷଣ ମହାପାତ୍ର, ଅବଦୁଲ ସଲିମ, ନାରାୟଣ ସାମନ୍ତ, ଗଦାଧର ଦାସ, ଆଦିତ୍ୟ ମହାନ୍ତି, ରବି ସ୍ୱାଇଁ, ବିଷ୍ଣୁ ସାହୁ, ଅନନ୍ତ ବାସୁଦେବ ମିଶ୍ର, ଚନ୍ଦନ ମିଶ୍ର, ଅଶୋକ ଦାସ, ବିଳାସ ରାଉତରାୟ, ଭାସ୍କର ମହାନ୍ତି, ବିଜୟ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ ଦାଶ, ସଂଗ୍ରାମ ଜେନା ଓ ସଂଗ୍ରାମ ସାହାଣୀ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପ୍ରଫେସର ବୈରାଗୀ ଜେନାଙ୍କ ସ୍ମୃତିସଭା



ପ୍ରୀତିପୁର,୨୮ ।୩(ସମିସ): ପ୍ରଫେସର ଡ. ବୈରାଗୀ ଚରଣ ଜେନା ଓଡ଼ିଆ ଭାଷା ସାହିତ୍ୟ ଜଗତର ଜଣେ ମହନୀୟ ପ୍ରତିଭା ଥିଲେଫ ପ୍ରୀତିପୁର ସ୍ଥିତ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ର ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ବିୟୋଗରେ କେବଳ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ପୂର୍ବାଞ୍ଚଳ ସାହିତ୍ୟ ସାଂସ୍କୃତିକ ପରିଷଦ ଆୟୋଜନରେ ରିଜିଓନାଲ ଇଂଲିସ ମିଡିୟମ ସ୍କୁଲ ସଭାକକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକସଭାରେ ପୂର୍ବାଞ୍ଚଳ ସାହିତ୍ୟ ସାଂସ୍କୃତିକ ପରିଷଦର ସଭାପତି ରତିଲାଲ ଭୂୟାଁ ସଭାପତିତ୍ୱ କରିଥିଲେ । ରତନଲାଲ ଭୂୟାଁ, ସଇଫୁର ରହେମାନ, ରମାଲାଲ ଭୂୟାଁ, ଅମୀନ ଅଲ୍ଲୀ, ନବକିଶୋର ବେହେରା, ରବୀନ୍ଦ୍ର କୁମାର ବେହେରା, ରବିନାରାୟଣ ମହାନ୍ତି ପ୍ରମୁଖ ପ୍ରଫେସର ଡ. ବୈରାଗୀ ଚରଣ ଜେନାଙ୍କର ସ୍ମୃତିତି ବୟାନ କରିଥିଲେ । ସିଂହପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ସର୍ବୋଦୟ କର୍ମୀ ସର୍ବେଶ୍ୱର ନାୟକଙ୍କ ଜ୍ୟେଷ୍ଠାକନ୍ୟାକୁ ବିବାହ କରିବା ସହିତ ସେ ବିଞ୍ଝାରପୁର ଅଞ୍ଚଳ ସମ୍ପର୍କକୁ ସାରାଜୀବନ ମଜବୁତ କରି ପାରିଥିଲେ । ଓଡିଆ ସମାଲୋଚନା ସାହିତ୍ୟରେ ସେ ଜଣେ ପରିଚିତ ସାହିତ୍ୟିକ ଥିଲେ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ ।

## ଗୁଳି କରି ଲୁଟିଲେ ତିନି ମୁଖାଧାରୀ ଯୁବକ

ବାଲିଚନ୍ଦ୍ରପୁର,୨୮ ।୩(ସମିସ): ବନ୍ଧୁକରୁ ଗୁଳି କରିବା ସହିତ ଭୟଭୀତ କରାଇ ଦୁଇ ଜଣ ବାଇକ୍ ଆରୋହୀଙ୍କ ବାଇକ୍ ସହିତ ମୋବାଇଲ ଝାମ୍ପି ନେଇ ତିନି ଜଣ ମୁଖାପିନ୍ଧା ଯୁବକ ଫେରାର ହୋଇଯାଇଥିବା ଭଳି ଏକ ଅଭାବନୀୟ ଘଟଣା ଗତ କାଲି ରାତିରେ ଘଟିଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ତେବେ ଘଟଣା ସ୍ଥଳରୁ ଗୋଟିଏ ଜୀବନ୍ତ ଗୁଳି ମଧ୍ୟ ଜବତ ହୋଇଛି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ପଞ୍ଚାୟତ ଅହମ୍ମଦନଗର ଗ୍ରାମର ରିୟାଜ ଖାଁ ଗତକାଲି ରାତି ୧୧ ଟାରେ ତାଙ୍କର ଜଣେ ସାଙ୍ଗଙ୍କ ସହିତ ଏକ ବାଇକ୍ (ନଂ.ଓଡି୨୯ ଏଚ ୫୮୭୭) ଯୋଗେ ଘର ନିକଟସ୍ଥ କଟିକଟା ଛକକୁ କୌଣସି କାମରେ ଯାଉଥିବା ବେଳେ ସେହି ଛକ ନିକଟ କଣ୍ଢେଇ ଢାବା ନିକଟରେ ସେମାନଙ୍କ ବାଇକକୁ ତିନି ଜଣ ମୁଖା ପିନ୍ଧା ଯୁବକ ଏକ ବାଇକ୍ ଯୋଗେ ଆସି ଅଟକାଇଥିଲେ । ପରେ ସେମାନେ ବନ୍ଧୁକରୁ ଗୁଳି ଫୁଟାଇ ଭୟଭୀତ କରିବା ସହିତ ରିୟାଜଙ୍କ ବାଇକ ଓ ଦୁଇଟି ମୋବାଇଲ ଛଡାଇ ଦ୍ରୁତ ଗତିରେ କେନ୍ଦ୍ରାପଡା ଅଭିମୁଖେ ପଳାଇ ଯାଇଥିଲେ । ଏହି ଘଟଣା ପରେ ରିୟାଜ ସଙ୍ଗେ ସଙ୍ଗେ ଥାନାକୁ ଜଣାଇଥିଲେ । ଖବର ପାଇ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସେଠାରେ ପଡିଥିବା ଜୀବନ୍ତ ଗୁଳି ଜବତ କରିବା ସହିତ ଘଟଣାର ଛାନଭିନ କରିଥିଲେ । ତେବେ ଆଜି ଏନେଇ ରିୟାଜ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୧୧୬/୨୬ ରେ ଏକ ମାମଲା ରୁଜୁ କରାଯାଇ ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳକୁ ଯାଇ ଜୋରଦାର ତଦନ୍ତ କରିଥିଲେ । ତେବେ ଖୁବଶୀଘ୍ର ଏହି ଘଟଣାର ପର୍ଦ୍ଦା ଫାସ କରାଯିବ ବୋଲି ଥାନାଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## ଭଡ଼ା ଘରୁ ଟଙ୍କା ଓ ସୁନା ଲୁଟ

ଦଶରଥପୁର,୨୮ ।୩(ସମିସ): ମଙ୍ଗଳପୁର ଥାନା ଠାରୁ ଅତି ନିକଟରେ ବନ୍ଦ ରହିଥିବା ଏକ ଭଡ଼ା ଘରେ ପଶି ଲୁଟେରା କଳାକନା ବୁଲାଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ମଙ୍ଗଳପୁର ଥାନା ଅଧୀନ ବିରିପଟା ଅଞ୍ଚଳର ନିହାର ରଞ୍ଜନ ସାମଲ ଥାନା ନିକଟରେ ଥିବା ଲକ୍ଷ୍ମୀନଗର ସ୍ଥିତ ଏକ ଘର ଭଡ଼ାରେ ନେଇ ରହୁଥିବା ବେଳେ ଗତ ୧୪ ତାରିଖରେ ନିଜ ମାଆଙ୍କ ଦେହାନ୍ତ ଯୋଗୁ ଘରେ ତାଲା ପକାଇ ଶୁଦ୍ଧିକ୍ରିୟା ପାଇଁ ଗାଁକୁ ଯାଇଥିଲେ । ଗତ ଶୁକ୍ରବାର ରାତିରେ କେହି ଲୁଟେରା ତାଲା ଭାଙ୍ଗି ଘର ଭିତରେ ଥିବା ଆଲମିରା ଭିତରୁ ୧୫ ହଜାରରୁ ଅଧିକ ଟଙ୍କା ଓ ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଆଜି ସକାଳେ ଗାଁରୁ ଫେରି ନିହାର ଦେଖିବା ପରେ ମଙ୍ଗଳପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଶ୍ରୀରାମ ସେବାସମିତି ପକ୍ଷରୁ ଶୋଭାଯାତ୍ରା

ଯାଜପୁର,୨୮ ।୩(ସମିସ): ରାମନବମୀ ଉପଲକ୍ଷେ ଶ୍ରୀରାମ ସେବାସମିତି ପକ୍ଷରୁ ଶନିବାର ଦିନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଯାଜପୁରସହର ଯାଉଁଳିବନ୍ଧ ମଙ୍ଗଳାମନ୍ଦିର ଠାରୁ ଆରମ୍ଭ ହୋଇ ଯୋଡିକୁଅ, ଗରିଆପୁର, ମେଡିକାଲଛକ, ଗାନ୍ଧିଛକ, ହାବେଳି ବଜାର ଛକ, ମାର୍କେଟ ଛକ, ହରପାର୍ବତୀ ଛକ, ବଡବଜାର ଛକ ଦେଇ ଦେବୀଗଡା ଠାରେ ରାମ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା । ଯାଜପୁରସହର ସମସ୍ତ ଗଳିକନ୍ଦିରେ ଗେରୁଆ ପତାକା ସହ ରାମ ନାମ ପତାକା ଲଗାଯାଇଛି । ଏହି ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ, ରାମ ଲୀଳା ମୂର୍ତ୍ତି, ରାମ ଲାଲ ମୂର୍ତ୍ତି, ହନୁମାନ ମୂର୍ତ୍ତି ଓ ବିଭିନ୍ନ ବାଦ୍ୟ ପରିବେଷଣ କରି ଜୟ ଶ୍ରୀରାମ ଧ୍ୱନୀରେ ସହରକୁ ପ୍ରକମ୍ପିତ କରିଥିଲେ ।

# ଯାଜପୁରରେ ସମାନ୍ତରାଳ ରାମନବମୀ ଶୋଭାଯାତ୍ରା

ଯାଜପୁର,୨୮ ।୩(ସମିସ):

ପବିତ୍ର ରାମନବମୀ ଅବସରରେ ଯାଜପୁର ଅଞ୍ଚଳରେ ଶ୍ରୀରାମଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାନୀୟ ସଂଗଠନ ପକ୍ଷରୁ ସହର ସଂଲଗ୍ନ ମୋଟରଙ୍ଗାପାଳ ଠାରୁ ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଗୌତମ ରାୟ, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ । ଯୁବ ବିଜେପି ନେତା ସଂଗ୍ରାମ କୁମାର ପାତ୍ର ଓ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତପନ କୁମାର ନନ୍ଦ ଶୋଭାଯାତ୍ରାକୁ ସଞ୍ଚାଳନ କରିଥିଲେ । ଏହି ଶୋଭାଯାତ୍ରାଟି କିଲ୍ଲାଘାଟ, ମେଡିକାଲ କଲେଜ ରୋଡ଼, କିଆନାଳୀ ଡକ୍, ସର୍କିଟ ହାଉସ ରୋଡ୍ ଦେଇ ମାନସା ପୋଲ ନିକଟରେ ଥିବା ରାମମନ୍ଦିର ଠାରେ ପହଞ୍ଚିଥିଲେ । ସେଠାରେ ସଦର



ବ୍ଲକର ବାସୁଦେବପୁର, ସୁକିନ୍ଦା, ବରୀ, ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳରୁ ଆସିଥିବା ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା । ଉକ୍ତ ଦୀର୍ଘ ଲମ୍ବାର ଶୋଭାଯାତ୍ରାଟି ରେଡକ୍ରସ ଛକ, ମେଡିକାଲ ଛକ, ଗରିଆପୁର ଛକ, ବଡ଼ବଜାର ଛକ, ହାବେଳିବଜାର ଦେଇ ଗାନ୍ଧୀ ଛକରେ ପହଞ୍ଚିଥିଲେ । ସେହିପରି ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମର୍ଥକମାନେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ହିନ୍ଦୁ ଏକତା ମଞ୍ଚ ମଧ୍ୟ ବିଶାଳ ଶୋଭାଯାତ୍ରାରେ ଯାଜପୁର ସହର ପରିକ୍ରମା କରିଛି । ସ୍ଥାନୀୟ ରାମ ମନ୍ଦିର ଠାରୁ ଏହି ସଂଗଠନ ଶୋଭାଯାତ୍ରା ଆରମ୍ଭ କରି ମେଡିକାଲ ଛକ, ମହିଳା କଲେଜ ଛକ, କୁସୁମା, ଯୋଡିକୁଅଁ ଛକ, ଅମ୍ବିକାଇ, ଶୀତଳେଶ୍ୱର, ଗରିଆପୁର, ନାରାୟଣ ଛକ. ବଡ଼ ବଜାର ଦେଇ ଦେବୀଗଡା ଘାଟିରେ ପହଞ୍ଚିଥିଲା । ଏହିଶୋଭାଯାତ୍ରାରେ ମଧ୍ୟ ଅନେକ ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିବା ଦେଖାଯାଇଥିଲା । ତେବେ ଏହି ଉଭୟ ଶୋଭାଯାତ୍ରାରେ ମୁସଲମାନ ସମ୍ପ୍ରଦାୟର ସ୍ୱେଚ୍ଛାସେବୀ ସାମିଲ ହୋଇ ସର୍ବତ ଓ ପାନୀୟ ଜଳ ବଣ୍ଟନ କରିଥିଲେ । ବିରଜା କ୍ଷେତ୍ର ଯାଜପୁରରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ଓ ଭାଇଚାରା ଏବେ ମଧ୍ୟ ବଜାୟ ରହିଛି ତାହା ସମଗ୍ରକୁ ଏକ ସୁବାର୍ତ୍ତା ଦେଇଛି ।

ସୃଜନିକା

ସକାଳ
THE SAKALA
www.sakalaepaper.com



ମୂଳ ସ୍ପାନିସ (ଚିଲି): ଆଲବାର୍ଟୋ ଫୁଗେଟ
ଅନୁବାଦ: ନନ୍ଦିତା ମହାନ୍ତି

# ନିଖୋଜ



ଏପରି ଏକ ଦେଶରେ ଯେଉଁଠି ମଣିଷମାନେ ନିଖୋଜ ହୋଇଯିବା ଏକ ସାଧାରଣ କଥା। ସେଠାରେ ଅଦୃଶ୍ୟ ହୋଇଯିବା ସତରେ ଖୁବ୍ ସହଜ। ଯେତେବେଳେ ସମସ୍ତଙ୍କର ନଜର କେବଳ ମୃତକମାନଙ୍କ ଉପରେ ସୀମିତ, ସେତେବେଳେ ଆମ ପରି କିଛି, ଯେଉଁମାନେ ଏବେ ସୁଦ୍ଧା ଜୀବିତ ସେମାନେ ମାନସପଟଳରୁ ଖୁବ୍ ଶୀଘ୍ର ଅପସରି ଯିବା ମଧ୍ୟ ସମ୍ଭବ। ସେମାନେ ତୁମକୁ ଖୋଜିବାକୁ ଆସନ୍ତି ନାହିଁ, ସେମାନେ ମନେ ମଧ୍ୟ ରଖନ୍ତି ନାହିଁ । ଦେଖ, ସେଠାରେ ସମସ୍ତଙ୍କର ମନର ଅତଳ ତଳେ କିଛି ନା କିଛି ଦୁଃଖଦ ସ୍ମୃତି ରହିଥାଏ। ହୁଏତ ସେମାନେ ତାକୁ ଭୁଲି ଯାଇଥାନ୍ତି କିମ୍ବା ସେମାନେ ମନେ ରଖିବାକୁ ଚାହାନ୍ତି ନାହିଁ।

ଜଣେ ପ୍ରଫେସର୍ ଥରେ ମୋତେ କହିଥିଲେ ଯେ, ମୁଁ କୁଆଡ଼େ ହଜିଯାଇଛି । ମୁଁ ତାଙ୍କୁ ଉତ୍ତର ଦେଇଥିଲି ନିଜକୁ ଭୁଲିବା ପାଇଁ ପ୍ରଥମେ ଜାଣିବାକୁ ହେବ ଯେ ତୁମେ ପ୍ରକୃତରେ କେଉଁଠି ଅଛ ।

ଏକଥା କହି ସାରି ମୁଁ ଭାବିଲି, ଏହାର ବିପରୀତ ତେବେ କ'ଣ ହୋଇପାରିବ ?

ମୁଁ ପନ୍ଦର ବର୍ଷ ଧରି ସମସ୍ତଙ୍କର ମାନସପଟରୁ ପୋଛି ହୋଇ ଯାଇଥିଲି। ମୁଁ ସବୁକିଛି ପରିତ୍ୟାଗ କରିଥିଲି, ଏପରିକି ନିଜକୁ ମଧ୍ୟ। ଏଥିରେ ଏକ ପ୍ରଶ୍ନବାଚୀ ଥିଲା ଯାହାକୁ ମୁଁ ସବୁବେଳେ ଅଣଦେଖା କରୁଥିଲି। ସେଦିନ ମୋ ବାନ୍ଧବୀର ଜନ୍ମଦିନ ସମାରୋହ ଥିଲା, ହେଲେ ମୁଁ ସେଥିରେ ଯୋଗ ଦେଇ ନଥିଲି। ମୁଁ ଲସ୍ ଭିଲୋସ୍ ଯାଉଥିବା ଏକ ବସରେ ଚଢ଼ି ଯାଇଥିଲି। ମୋର ପାଖରେ କୌଣସି ବିଧିବଦ୍ଧ ଯୋଜନା ନଥିଲା; ବାସ୍ ଏହା କେବଳ ଘଟି ଯାଇଥିଲା। ଏହା ବୋଧହୁଏ ହେବାର ଥିଲା ଆଉ ସେଥିରୁ ପ୍ରତ୍ୟାବର୍ତ୍ତନର ବାଟ ହୁଏତ ନଥିଲା।

ପ୍ରଥମେ ମୋତେ ନିଜକୁ ଦୋଷୀ ଲାଗୁଥିଲା। ହେଲେ ତାପରେ ମୁଁ ତାକୁ ଗ୍ରହଣ କରିନେଲି। ସେମାନେ କ'ଣ ମୋତେ ଖୋଜୁଥିବେ ? ସେମାନେ କ'ଣ ମୋତେ ଖୋଜିପାରିବେ? ମୁଁ ଯଦି କାହା ସହିତ କେବେ ସାମ୍ନାସାମ୍ନି ହୋଇଯାଏ ତେବେ କ'ଣ ହେବ?

ହେଲେ ମୁଁ କାହାର ସାମ୍ନାସାମ୍ନି ହୋଇ ନଥିଲି।

ସେମାନେ କୁହନ୍ତି ଯେ, ପୃଥିବୀଟା ଗୋଟେ ରୁମାଲ ଭଳି । କିନ୍ତୁ ନା ! ଯେଉଁମାନେ ଏପରି କୁହନ୍ତି ସେମାନେ ଜମାରୁ ଜାଣିନାହାନ୍ତି ପୃଥିବୀଟା କେମିତି। ଏହା ଖୁବ୍ ବିରାଟ ଓ ସର୍ବୋପରି ସଂପୂର୍ଣ୍ଣ ଅଜଣା ଓ ଅଦ୍ଭୁତ। ତୁମେ ଯୁଆଡ଼େ ଇଚ୍ଛା ସିଆଡ଼େ ଚାଲି ଯାଇପାର ଓ କେହି ତୁମର ଖୋଜଖବର ମଧ୍ୟ ନେବେ ନାହିଁ।

ଏବେ ମୁଁ ଜଣେ ବୟସ୍କ ବ୍ୟକ୍ତି। କିଛି ଦୃଷ୍ଟିରୁ। କେମିତି କେଜାଣି ମୋ ପିଠିରେ କେଶ ଉଠିଛି ଓ ସେଥିପାଇଁ ବେଳେବେଳେ ମୋର ଜିପ୍‌ର ଚେନ୍ ସେଥିରେ ଅଟକିଯାଏ। ମୁଁ ଅନେକ ସ୍ଥାନ ବୁଲିଛି ଓ ଏମିତି ଅନେକ କାର୍ଯ୍ୟ କରିଛି ଯାହାକୁ କରିବି ବୋଲି ମୁଁ କେବେ ହେଲେ ଚିନ୍ତା କରି ନଥିଲି। କିନ୍ତୁ ତୁମେ ବଞ୍ଚିଯିବ। ତୁମେ ସବୁ ଜିନିଷ ସହିତ ଅଭ୍ୟସ୍ତ ହୋଇଯିବ। କିଛି ବି ଖରାପ ନୁହେଁ। କିଛି ବି।

ମୁଁ ଅନେକ ସ୍ଥାନ ବୁଲିଛି। ତୁମେ କ'ଣ କେବେ ଟମ୍ବସ୍ ଯାଇଛ? ଆଉ ବ୍ୟୁନାଭେଣ୍ଟୁରା ବନ୍ଦରକୁ? କିମ୍ବା ସାନ୍ ପେଡ୍ରୋ ସୁଲାକୁ ? ଆଉ ତୁମେ ମେମ୍ଫିସ୍ ବିଷୟରେ କ'ଣ ଜାଣିଛ ?

ଗୋଟେ ଛୋଟିଆ କୁକୁର ଛୁଆ ପରି କେ-ମାର୍ଟରୁ ଜିନିଷପତ୍ର କିଣି ବାହାରୁଥିବା ଗୋଟିଏ ଝିଅ ପଛରେ ମୁଁ ଏଲ୍ ସେଣ୍ଟ୍ରୋ, କାଲିଫର୍ଣ୍ଣିଆ ଯାଏଁ ଗଲି ଯେଉଁ ସହର ସବୁବେଳେ ସାର ପରି ଗନ୍ଧଉଥାଏ। ତା' ସହିତ ସମ୍ପର୍କ ଭଲ ଭାବରେ ଆରମ୍ଭ ହୋଇଥିଲା ଯଦିଓ ଅବିଳମ୍ବେ ଶେଷ ମଧ୍ୟ ହୋଇଯାଇଥିଲା। ତା'ପରେ ମୁଁ କଲରାଡ଼ୋ ନଦୀ କୂଳରେ ଥିବା ନେଭାଡାର ଲଘଲିନ ସହରର ଏକ କ୍ୟାସିନୋରେ କାମ କରିବା ଆରମ୍ଭ କରିଥିଲି । ମୁଁ ବୁଲହେଡ୍ ସହରଠାରୁ ଦୂରରେ ଥିବା ଏକ ଘରେ ଜଣେ ମହିଳା ଫ୍ରାନସେସ୍ ଓ ଫ୍ରାଙ୍କ ନାମକ ଜଣେ ଯୁବକ ସହିତ ରହୁଥିଲି, ହେଲେ ଆମେ କେହି କାହାକୁ ଦେଖି ନଥିଲୁ। ଆମେ ପରସ୍ପର ପାଇଁ କାଗଜରେ ନୋଟ ଲେଖି ଛାଡ଼ି ଯାଉଥିଲୁ। ଆଉ ସେମାନେ ଉଭୟ ଅଶୁଦ୍ଧ ବନାନକାରୀ ଥିଲେ।

ଥରେ ତୁଲସା ହୋଟେଲରେ ରାତ୍ରିଭୋଜନ କରୁଥିବା ସମୟରେ ଜଣେ ଭଦ୍ର ମହିଳା ମୋତେ ଦେଖି କହିଲେ ଯେ, ମୁଁ କୁଆଡ଼େ ଦେଖିବାକୁ ପୂରାପୂରି ତାଙ୍କ ପୁଅ ପରି ଯିଏ ଏକଦା ଘର ଛାଡ଼ି ଚାଲିଯାଇଛି ଯେ ଆଜି ଯାଏଁ ଘରକୁ ଫେରି ନାହିଁ। ସିଏ ମୋତେ ପଚାରିଲେ, "ପୁଅ, ତୁମେ କହିପାରିବ, ସିଏ କାହିଁକି ଏମିତି ଘର ଛାଡ଼ି ଚାଲିଗଲା ?" ମୁଁ କହିଲି ମୁଁ ଜାଣେ ନାହିଁ। କିନ୍ତୁ ମୁଁ ହୁଏତ ଜାଣେ। କିମ୍ବା ହୁଏତ ଜାଣେନା।

ବିଶେଷ ଇଚ୍ଛା ନଥିଲେ ମଧ୍ୟ ମୁଁ ଗାଲଭେଷ୍ଟୋନରେ ଥିବା ହିସ୍ପାନିକ (ସ୍ପାନିସ୍ ଭାଷା କହୁଥିବା) ପିଲାମାନଙ୍କୁ ଇଂରାଜୀ ଭାଷା ପଢ଼ାଇବାକୁ ଲାଗିଲି। ଟେକ୍ସାସର ପତାକା ଦେଖିବାକୁ ଅନେକଟା ଚିଲିର ପତାକା ପରି। ମୁଁ ପଢ଼ାଉଥିବା ପିଲାମାନଙ୍କ ମଧ୍ୟରୁ ଗୋଟିଏ ଝିଅ ମୋ' କୋଳରେ ହିଁ ଦେହତ୍ୟାଗ କରିଥିଲା । ସିଏ ଦୋଳିରୁ ଖସି ପଡ଼ିଥିଲା। ମୁଁ ତାକୁ ଏଡ଼େ ଜୋର୍‌ରେ ଠେଲି ଦେଇଥିଲି ଯେ ସିଏ ଦୋଳି ପିଢ଼ାରୁ ଉଡ଼ି ଯାଇଥିଲା ଶୂନ୍ୟକୁ। ଲାଗିଥିଲା ଯେମିତି ସିଏ ଦୁଇ ମିନିଟ ପାଇଁ କୁହୁଡ଼ି ଘୋଡ଼େଇ ପକେଇଥିବା ଗଲ୍ଫର ଆକାଶରେ ଉଡ଼ି ବୁଲିଥିଲା। ମୁଁ ତାକୁ ଆଘାତ ଦେବାକୁ ଚାହିଁ ନଥିଲି, ହେଲେ ତଥାପି, ମୁଁ ସେମିତି କରିଥିଲି । ତେବେ ...କ'ଣ ?

ତୁମେ ମୋର କ'ଣ କରିପାରିବ ?

ତୁମେ କ'ଣ କେବେ ୟୁକାଟାନର ରାଜଧାନୀ ମେରିଡ଼ା ସହରକୁ ଯାଇଛ? ଗ୍ରୀଷ୍ମକାଳରେ ସେଠାକାର ତାପମାତ୍ରା ୧୦୮ ଡିଗ୍ରୀ ଫାରେନହିଟ୍ ପହଞ୍ଚିଯାଏ ଓ ରବିବାର ଦିନ ସେମାନେ ସହର ତଳି ଅଞ୍ଚଳକୁ ପୂରାପୂରି ବନ୍ଦ କରିଦିଅନ୍ତି। ଯେମିତିକି ଲୋକମାନେ ନାଚି ପାରିବେ। ମୁଁ କୌଣସି ଝିଅକୁ ଖୋଜି ସେଥିରେ ଯୋଗ ଦିଏ ।

ଗତବର୍ଷ ମୁଁ ନିଜ ନାମକୁ ଗୁଗୁଲରେ ଖୋଜିବାକୁ ମନସ୍ଥ କରିଥିଲି। ହୁଏତ ସେମାନେ ମୋତେ ଖୋଜୁଥିବେ। ହେଲେ ମୁଁ ନିଜକୁ ମଧ୍ୟ ଖୋଜି ପାଇଲି ନାହିଁ। ଜଣେ ସାଧାରଣ ଯୁବକ ଯାହାର ନାମ ମୋ' ସହିତ ସମାନ ଥିଲା, ଯିଏ ଭେନେଜୁଏଲାର ବାର୍କିସିମେଟୋ ସହରରେ ରହୁଥିଲା ଓ ଜଣେ ଦନ୍ତ ଚିକିତ୍ସକ ଥିଲା। ତା'ର ତିନୋଟି ସନ୍ତାନ ଥିଲେ ଓ ସିଏ ଭଗବାନଙ୍କୁ ବିଶ୍ୱାସ କରୁଥିଲା।

ବେଳେ ବେଳେ ମୁଁ ବାର୍କିସିମେଟୋ ସହରରେ ରହୁଥିବାର ସ୍ୱପ୍ନ ଦେଖେ, ଯିଏ ତିନୋଟି ସନ୍ତାନର ବାପା ଓ ଯିଏ ଭଗବାନଙ୍କୁ ଗଭୀର ଭାବରେ ବିଶ୍ୱାସ କରେ। ବେଳେ ବେଳେ ମୁଁ ଏମିତି ବି ସ୍ୱପ୍ନ ଦେଖେ ଯେ ସେମାନେ ମୋତେ ଖୋଜି ପାଇଛନ୍ତି । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧

# ପ୍ରତିଶୋଧ



ମୂଳ ହିନ୍ଦୀ : ସୁମନ କେଶରୀ
ଅନୁବାଦ : ଡ. ସଂଘମିତ୍ରା ରାଏଗୁରୁ

ପ୍ରତିଶୋଧ,
କ'ଣ କେବଳ ଗୋଟିଏ ହିଁ ରାସ୍ତା
ବାଲି ଉପରେ ଛଟପଟ ମାଛ ପରି
ଭାବୁଥାଏ ଅମ୍ବା

କୁରୁବଂଶର ନାଁ ଶୁଣି
ଲୋଭେଇଥିବା ମନ,
ଭୀଷ୍ମର ପରାକ୍ରମରେ
ମୋହିତ ମନ...
କ'ଣ ମିଛ ଥିଲା?

ସେ ସେଯାଏ
କହିପାରି ନଥିଲା ମନ କଥା
ଯେ ଯାଏ ଭୀଷ୍ମ ପ୍ରତିଜ୍ଞା
ରକ୍ତାକ୍ତ କରିନଥିଲା ତା' ତନ ଆଉ ମନ

ପ୍ରତିଶୋଧ!
କାହାର? କାହାଠୁ?

ଆଶ୍ଚର୍ଯ୍ୟ ଚକିତ ଅମ୍ବା
ଆଉ
ସେ ଜ୍ୱାଳାରେ ଦଗ୍ଧ
ପ୍ରଚଣ୍ଡ ଝଡ଼ -ତୋଫାନ
ଉଜାଡୁଥାଏ ଜୀବନ-ଉପବନ

ସତ,
ଯାହା କହିହୁଏନା ସତରେ
ତାହା ହିଁ ସହିବାକୁ ପଡ଼େ ତମାମ୍ ଜୀବନ ।। ■



# ଅମ୍ବାରୁ ଶିଖଣ୍ଡୀ

କଠୋର ତପସ୍ୟାରେ
ଅମ୍ବା ନଦୀ ଆଉ ନାରୀ
ଜନ୍ମ ପରେ ଜନ୍ମ
ଦି' ଭାଗରେ ଭାଗଉଥାଏ ଅମ୍ବା-
ଏଇ ତ ନିୟତି

ଭୀଷ୍ମ ବଧର ସଙ୍କଳ୍ପରେ
ସଂକଳ୍ପିତ ଅମ୍ବା-
ଅଧେ ପୁରୁଷ ଅଧେ ସ୍ତ୍ରୀ
ଶିଖଣ୍ଡୀରୁ ଶିଖଣ୍ଡିନୀ
ଶିଖଣ୍ଡିନୀରୁ ଶିଖଣ୍ଡୀ

ଅବସୋସ!
ଅସାଧ ତପ ବଳରେ
ଅମ୍ବା, ଭୀଷ୍ମ ମୃତ୍ୟୁର କାରଣ ହିଁ ସାଜିପାରେ
କାରକ ହୋଇପାରେନି ।। ■

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୮୬୩୫୫

# ତିରୁବଲ୍ଲୁଭରଙ୍କ ସାହିତ୍ୟରେ ମାନବାତ୍ମାର ସୌନ୍ଦର୍ଯ୍ୟ



ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ମହତର ଚେତନାର ଏକ କବି-ଆତ୍ମା ଯେକୌଣସି ଭୂମିରେ ଅବତୀର୍ଣ୍ଣ ହୋଇପାରନ୍ତି। ନିର୍ଦ୍ଦିଷ୍ଟ ଭାଷାରେ ତାଙ୍କ ମୌଳିକ ଅନୁଭବ ବ୍ୟକ୍ତ କରିପାରନ୍ତି। ମାତ୍ର ବାସ୍ତବରେ ତାଙ୍କ ରଚନା ଓ ବାଣୀ ସମଗ୍ର ମାନବ ଜାତି ପ୍ରତି ଅଭିପ୍ରେତ ବୋଲି ଉପଲବ୍ଧି କରିହୁଏ। ସନ୍ଥ କବି ତିରୁବଲ୍ଲୁଭର ସେଇ ଦୃଷ୍ଟିରୁ ହେଉଛନ୍ତି ସାରା ପୃଥିବୀ ପାଇଁ ଏକ ପବିତ୍ର ଆଶିଷଧାରା। ସେ ଖ୍ରୀଷ୍ଟପୂର୍ବ ନା ପରବର୍ତ୍ତୀ କାଳର ସାହିତ୍ୟ ସାଧକ ସେ ସମ୍ପର୍କରେ ଭିନ୍ନ ଭିନ୍ନ ଆକଳନ କରାଯାଇଛି। ତିରୁବଲ୍ଲୁଭରଙ୍କ ଜୀବନକାଳକୁ ନେଇ ଗବେଷକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ପ୍ରକାଶିତ । ସାଧାରଣତଃ ତାଙ୍କୁ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରୁ ଖ୍ରୀଷ୍ଟାବ୍ଦ ୬ଷ୍ଠ ଶତାବ୍ଦୀ ମଧ୍ୟରେ ଜଣେ ମହାପୁରୁଷ ଭାବେ ଗ୍ରହଣ କରାଯାଏ। ତାମିଲନାଡୁ ସରକାର ତାଙ୍କ ସ୍ମୃତିରେ 'ଭାଲ୍ଲୁଭର ବର୍ଷ' ପାଳନ କରନ୍ତି। ତାଙ୍କ ଦ୍ୱାରା ରଚିତ 'ତିରୁକୁରାଳ' ଗ୍ରନ୍ଥଟି ତାମିଲ ବେଦ ଭାବରେ ଲାଭ କରିଛି ଅପୂର୍ବ ଶ୍ରଦ୍ଧା ଓ ସମ୍ମାନ। ଯାହା ତାମିଲ ଭାଷାର ଗୌରବ, ତାହା ଯେ ଭାରତୀୟ ସାହିତ୍ୟର ପରମ ସମ୍ପଦ ଓ ବିଶ୍ୱ ସାହିତ୍ୟ ଜଗତର ମର୍ଯ୍ୟାଦାବନ୍ତ ଗ୍ରନ୍ଥ -ଏହା ଆଜିର ଅବିସମ୍ବାଦିତ ସତ୍ୟ। ଯେଉଁମାନେ ଉଚ୍ଚତର ଚେତନାର ସାହିତ୍ୟ ସାଧକ ସେମାନେ ବୈଦିକ ଋଷି-ମାନସର ସମକକ୍ଷ। ତିରୁବଲ୍ଲୁଭର ସେଇ ଦୃଷ୍ଟିରୁ ହେଉଛନ୍ତି ଜଣେ ମହାନ ତପସ୍ୱୀ। ମଣିଷର ଦୁର୍ଲଭ ଜୀବନଧାରା କିପରି ଅର୍ଥପୂର୍ଣ୍ଣ, ଶାନ୍ତିମୟ, ସାଧୁତା-ସ୍ନିଗ୍ଧ ଓ ସୌରଭମୟ ହୋଇ ପାରିବ -ସେ ସମ୍ପର୍କରେ ଲିଖିତ ତାଙ୍କ ବାଣୀ ପ୍ରତିଟି ଯୁଗ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା। ତାଙ୍କୁ ଭାରତବର୍ଷର ଜଣେ ମହାନ ଦାର୍ଶନିକ ବୋଲି ଆଖ୍ୟାୟିତ କରାଯାଇଛି। ତେବେ ତାଙ୍କ ଜୀବନ-ଦର୍ଶନରେ ଆଦୌ କୌଣସି ଜଟିଳତା ନାହିଁ। ନାହିଁ ମଧ୍ୟ ଦୁର୍ବୋଧ ତତ୍ତ୍ୱଜ୍ଞାନ। ଏଥିରେ ସନ୍ନିବିଷ୍ଟ ସର୍ବମୋଟ ୧୩୩୦ଟି କୁରାଳ। ଅର୍ଥାତ ସଂକ୍ଷିପ୍ତ ଦ୍ୱିପଦୀ କବିତା। ତାହା ପୁଣି ୧୩୩ଟି ଅଧ୍ୟାୟରେ ବିଭକ୍ତ। ଗ୍ରନ୍ଥଟି ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ଅରାମ (Aram): ନୈତିକତା ଏବଂ ସାଧୁତା (ଧର୍ମ),ପୋରୁଳ ( Porul ): ଅର୍ଥନୀତି ଏବଂ ରାଜନୀତି (ଅର୍ଥ), ଇନବାମ (Inbam): ପ୍ରେମ ଏବଂ ପାରିବାରିକ ଜୀବନ (କାମ) । ତିରୁବଲ୍ଲୁଭରଙ୍କ ଦ୍ୱାରା ପ୍ରଦତ୍ତ ଏହି ଦିଗଦର୍ଶନ କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ନୁହେଁ। ସୌଭାଗ୍ୟର ବିଷୟ ଯେ, 'ତିରୁକୁରାଳ' ବିଶ୍ୱର ପ୍ରାୟ ଅଧିକାଂଶ ପ୍ରମୁଖ ଭାଷାରେ ଅନୂଦିତ। ଯେଉଁମାନେ ସତ୍ୟ ଓ ସୌନ୍ଦର୍ଯ୍ୟ ସନ୍ଧାନୀ ସେମାନେ ଏହି ଗ୍ରନ୍ଥର ନିକଟତର ହେବା ସୁନିଶ୍ଚିତ। କାରଣ ପ୍ରତିଟି ନିଷ୍କପଟ ପାଠକ ଯେପରି ନିଜ ଜୀବନ ସକାଶେ ଏକ ଉପଯୁକ୍ତ ମାର୍ଗ ଅନ୍ୱେଷଣରେ ରହିଥାନ୍ତି ଅନୁବ୍ରତୀ ଓ ଅନ୍ତର୍ମୁଖୀ ଠିକ୍ ସେହିପରି ସତ୍ୟସିଦ୍ଧ କବି ଆତ୍ମା ମଧ୍ୟ ପୃଥିବୀର ଯେ କୌଣସି ପ୍ରାନ୍ତରେ ଥିବା ବିବର୍ତ୍ତନଶୀଳ ମଣିଷର ଚେତନାକୁ ପ୍ରବେଶ କରିବା ସକାଶେ ରହିଥାନ୍ତି ନିରନ୍ତର ଉନ୍ମୁଖ। ଚେତନା ଜଗତର ଏହି ନିଗୂଢ଼ ସତ୍ୟ ଯାହା ପାଇଁ ଯେତିକି ବିଶ୍ୱାସଯୋଗ୍ୟ ସିଏ ସେହି ପରିମାଣରେ ବିକଶିତ ହୋଇ ଉଠୁଥିବା ଏକ ନିରାଟ ବାସ୍ତବତା। କୁରାଳ ସନ୍ନିହିତ କେତୋଟି ପଦର ବ୍ୟାଖ୍ୟା ଦ୍ୱାରା ଅନୁଭୂତ ହେବ ତାହାର ପ୍ରାସଙ୍ଗିକତା ବର୍ତ୍ତମାନ ସମୟ ପାଇଁ ମଧ୍ୟ କେତେ ଉପଯୋଗୀ। କର୍ମ ଓ ସଫଳତା ବିଷୟରେ ସେ କହୁଛନ୍ତି: "ଉତ୍ସାହ ହିଁ ପ୍ରକୃତ ସମ୍ପତ୍ତି; ଅନ୍ୟ ସମସ୍ତ ବାହ୍ୟ ସମ୍ପତ୍ତି କ୍ଷଣସ୍ଥାୟୀ। ତାହା ଆଜି ଅଛି ତ କାଲି ନାହିଁ।" ଅର୍ଥାତ ମଣିଷର ଦୃଢ଼ ଇଚ୍ଛାଶକ୍ତି ଏବଂ ମାନସିକ ଉତ୍ସାହ ହିଁ ତାକୁ ଜୀବନରେ ସଫଳ କରାଏ। ସେହିପରି ବାଣୀର ମଧୁରତା ପ୍ରସଙ୍ଗରେ କି ହୃଦୟସ୍ପର୍ଶୀ ତାଙ୍କ ଉଚ୍ଚାରଣ!! ପାଖରେ ମିଠା ଫଳ ଥାଉ ଥାଉ କଞ୍ଚା ବା ପିତା ଫଳ ଖାଇବା ଯେପରି, ମଧୁର ଶବ୍ଦ ଥାଉ ଥାଉ କଠୋର ଶବ୍ଦ କହିବା ସେହିପରି ଅଟେ। ସର୍ବଦା ନମ୍ର ଏବଂ ମଧୁର ବଚନ କହିବା ଉଚିତ, କାରଣ ଏହି ଶବ୍ଦର ପ୍ରଭାବ ହେଉଛି ଅତି ଗଭୀର।

ତାମିଲ ସାହିତ୍ୟର ଅମୂଲ୍ୟ ରତ୍ନ 'ତିରୁକୁରାଳ' (Thirukkural) କେବଳ ଏକ ନୀତିଶାସ୍ତ୍ର ନୁହେଁ, ବରଂ ଏହା ସାହିତ୍ୟିକ ସୌନ୍ଦର୍ଯ୍ୟର ଏକ ଅପୂର୍ବ ସଙ୍ଗମ। ମହାକବି ତିରୁବଲ୍ଲୁଭରଙ୍କ ଦ୍ୱାରା ରଚିତ ଏହି ଗ୍ରନ୍ଥର ସାହିତ୍ୟିକ ବିଶେଷତ୍ୱ ଗଭୀର ଭାବରେ ଅନୁଧ୍ୟାନ କଲେ ବିସ୍ମିତ ହେବାକୁ ପଡ଼ିଥାଏ। 'ତିରୁକୁରାଳ'ର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଛନ୍ଦ। 'କୁରାଳ'ର ଅର୍ଥ ହେଉଛି 'ହ୍ରସ୍ୱ' ବା 'ଛୋଟ'। ଏହା ମାତ୍ର ଦୁଇଟି ଧାଡ଼ିର କବିତା (Couplet)। ପ୍ରଥମ ଧାଡ଼ିରେ ଚାରୋଟି ଶବ୍ଦ ଏବଂ ଦ୍ୱିତୀୟ ଧାଡ଼ିରେ ତିନୋଟି ଶବ୍ଦ ଥାଏ। କମ୍ ଶବ୍ଦରେ ଗଭୀର ଭାବ ବ୍ୟକ୍ତ କରିବାରେ ଏହା ବିଶ୍ୱ ସାହିତ୍ୟରେ ଅଦ୍ୱିତୀୟ। ଏହାକୁ "ସାଗରକୁ ଏକ ସୋରିଷ ଦାନା ଭିତରେ ଭରିବା" ସହିତ ତୁଳନା କରାଯାଏ। ସେହିପରି ତିରୁବଲ୍ଲୁଭର ଅତି ସରଳ ଶବ୍ଦ ବ୍ୟବହାର କରି ଜୀବନର ଜଟିଳ ଦର୍ଶନକୁ ବୁଝାଇଛନ୍ତି। ଏହାର ଶବ୍ଦ ଗାଥା ଏତେ ସୁନ୍ଦର ଯେ ଏହା ପଢ଼ିବା ମାତ୍ରେ ମନେ ରହିଯାଏ। ଏଥିରେ କୌଣସି ଅନାବଶ୍ୟକ ଶବ୍ଦର ପ୍ରୟୋଗ ନାହିଁ।

ସାହିତ୍ୟିକ ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ ଏଥିରେ ଚମତ୍କାର ଉପମା (Simile) ବ୍ୟବହାର କରାଯାଇଛି। 'ତିରୁକୁରାଳ' କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ ବା ଦେଶ ପାଇଁ ସୀମିତ ନୁହେଁ। ଏହାର ସାହିତ୍ୟିକ ସୌନ୍ଦର୍ଯ୍ୟ, ଏହାର ଉଦାରବାଦୀ ଚିନ୍ତାଧାରା ମଧ୍ୟରେ ହିଁ ନିହିତ। ଏଥିପାଇଁ ଏହାକୁ 'ବିଶ୍ୱ-ବେଦ' (Universal Veda) ବୋଲି କୁହାଯାଏ। ସଂକ୍ଷେପରେ କହିବାକୁ ଗଲେ, 'ତିରୁକୁରାଳ'ର ସୌନ୍ଦର୍ଯ୍ୟ ଏହାର ସାହିତ୍ୟିକ ସଂକ୍ଷିପ୍ତତା, ଗଭୀର ଦାର୍ଶନିକତା ମଧ୍ୟରେ ପରିସ୍ଫୁଟିତ। ଯଦିଓ ଏହା ଏକ ମହାକାବ୍ୟ ନୁହେଁ, ମହାକାବ୍ୟିକ ଭାବଧାରାରେ ଏହା ଋଦ୍ଧିମନ୍ତ। ତିରୁବଲ୍ଲୁଭର ହେଉଛନ୍ତି ଏକାଧାରରେ ଜଣେ ଶ୍ରେଷ୍ଠ ସନ୍ଥ, ମହାକବି, ଦାର୍ଶନିକ ଓ ଭାବ-ତଲ୍ଲୀନ ମହାନ ତପସ୍ୱୀ।

ତିରୁଭାଲ୍ଲୁଭରଙ୍କ ଦର୍ଶନ ଆଜିର ସମାଜ ପାଇଁ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ପ୍ରତିପାଦନ କରିବା ନିଷ୍ପ୍ରୟୋଜନ। ସେ ମାନବିକତା, ଅହିଂସା ଏବଂ ସଚ୍ଚୋଟତାର ମାର୍ଗ ଦେଖାଇଛନ୍ତି। ■

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ଜୀବନ ଆଇନା

**ଅଖିଳ କୁମାର ମିଶ୍ର**




ପେନ୍ ଇନ୍ ବୁକ୍‌ସ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୯୯ ଟଙ୍କା

ଜୀବନ ବଡ଼ ଅବୁଝା। ନା ବୁଝି ହୁଏ, ନା ବୁଝାଇ ହୁଏ। କେବଳ ଅନୁଭବ କରିହୁଏ। ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି କବି ଅଖିଳ କୁମାର ମିଶ୍ରଙ୍କ 'ଜୀବନ ଆଇନା' କବିତା ପୁସ୍ତକ। ଏହି ପୁସ୍ତକର 'ଜୀବନ ଆଇନା', 'ଜୀବନ ଓ ମୁଁ', 'ସ୍ୱୀକାରୋକ୍ତି', 'ପରିତ୍ୟକ୍ତ', 'ଛାଇ ଛାଇକା', 'ପ୍ରେମ', 'ସମୟ ଯେବେ କାନ୍ଦେ', 'ସିସିଫସ୍', 'ଆଖିର ଦୁଆରେ', 'ଅତୀତର ଦେଉଳ', 'ବିଷାଦ ରାସ୍ତା', 'ଏକ ଚିହ୍ନା ସମ୍ଭାବନା', 'ବନ୍ଦୀ', 'ଅଦିନ ମେଘ', 'ମୁକ୍ତିର ବାଟ', 'ଅବସୋସ' ଆଦି କବିତାଗୁଡ଼ିକର ସୂକ୍ଷ୍ମ ଭାବ, ନିଦା ଜୀବନ ବଞ୍ଚିବାର ନିବିଡ଼ ଅନୁଭବ, ତମାମ ଜୀବନକୁ ନିଃସର୍ତ୍ତ ଭାବେ ଭଲ ପାଇବାର ମୋହ କବିତାଗୁଡ଼ିକୁ ମନଛୁଆଁ କରିଛି। ଅଖିଳଙ୍କ କବିତାରେ ମାନବୀୟ ସଂପର୍କ, ସୁଖ, ଦୁଃଖ, ବିଷାଦ, ଅବସାଦ, ଆଶା, ସ୍ୱପ୍ନ ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ଜୀବନାଭୂତିର ଅନ୍ତରଙ୍ଗ ଅନୁଭବ ଓ ସୂକ୍ଷ୍ମଭାବ ଅତି ସ୍ପଷ୍ଟଭାବେ ପ୍ରତିଟି କବିତାର ପଦପଂକ୍ତିରେ ଫୁଟି ଉଠିଛି। 'ଜୀବନ ଆଇନା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା ଓ ବିଶ୍ୱାସ। ■

### ରେବତୀ

**ସଂପାଦିକା : ସୁବାସିନୀ ଜେନା**




ଓଟି ରୋଡ୍, ବାଲେଶ୍ୱର
ପିନ୍:୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

'ରେବତୀ'ର ମାର୍ଚ୍ଚ ୨୦୨୬ ସଂଖ୍ୟାରେ କମଳା ଶତପଥୀଙ୍କ 'ଲୌହଗଡ଼ର ଲଲାଟ', ଡକ୍ଟର ପ୍ରିୟଲତା ଜେନାଙ୍କ 'ମନ୍ଦିରମାଳିନୀ ତିରୁଚିରାପଲ୍ଲୀ', ପ୍ରଜ୍ଞାଶ୍ରୀ ରଥଙ୍କ 'ଖଜୁରାହୋର ଖୋଜ୍', ଗାୟତ୍ରୀ ବେହେରାଙ୍କ 'କୁହୁକିନୀ କାଲିମ୍ପଙ୍ଗ', ପ୍ରତୀକ୍ଷା ଜେନାଙ୍କ 'ବ୍ରହ୍ମାଣ୍ଡର ବୈଚିତ୍ର୍ୟ: 'ବାକୁ' ଆଦି ଆଲେଖ୍ୟଗୁଡ଼ିକ ମାର୍ମିକ ହୋଇଛି । ସେହିପରି 'ପରମ୍ପରା'ରେ ଶ୍ୱେତା ରାଉତଙ୍କ 'ବିବାହର ବିଭିନ୍ନତା'ରେ ବିଭିନ୍ନ ଧର୍ମର ବିବାହ ପରମ୍ପରାରେ ଉପରେ ଆଲେଖ୍ୟଟି ହୃଦୟସ୍ପର୍ଶୀ ହୋଇଛି । 'ସମକାଳ କବିତା' ବିଭାଗରେ ଯଯାତି ସାହୁ, ନୀଳମଣି ଚାନ୍ଦ, ସୀମାଞ୍ଚଳ ଦାଶ, ବିଜୟ ମହାପାତ୍ର, ଦେବେନ୍ଦ୍ର ଲାଲ, ଶ୍ରୀହରି ଧଳ ପ୍ରମୁଖଙ୍କ କବିତାଗୁଡ଼ିକରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ଚମତ୍କାର ଭାବେ ଫୁଟି ଉଠିଛି । ସେହିପରି ଡକ୍ଟର ସିନ୍ଧୁ ସେନ୍, ଅରୁଣ କୁମାର ପଟ୍ଟନାୟକ, ଜୟନ୍ତୀ ସାହୁ ପ୍ରମୁଖଙ୍କ ଗଳ୍ପ ମନଛୁଆଁ ହୋଇଛି । ଅନ୍ୟାନ୍ୟ ନିୟମିତ ବିଭାଗର ଲେଖାଗୁଡ଼ିକ ମଧ୍ୟ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### କାଠଯୋଡ଼ି

**ସଂପାଦକ : ବାବାଜୀ ଚରଣ ଜେନା**




କାଠଯୋଡ଼ି ସାହିତ୍ୟ ସଂସଦ
ପୋପରଡ଼ା, ନୂଆବଜାର
କଟକ-୪
ମୂଲ୍ୟ: ୨୦୦ ଟଙ୍କା

ବାବାଜୀ ଚରଣ ଜେନାଙ୍କ ସଂପାଦନାରେ 'କାଠଯୋଡ଼ି ସାହିତ୍ୟ ସଂସଦ'ର ବାର୍ଷିକ ବିଶେଷାଙ୍କ 'କାଠଯୋଡ଼ି' ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟର ବହୁ ପ୍ରତିଷ୍ଠିତ ଓ ଯୁବ କବି, ଲେଖକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦିରେ ଋଦ୍ଧିମନ୍ତ ହୋଇଛି 'କାଠଯୋଡ଼ି'ର ଚଳିତ ସଂଖ୍ୟାଟି । 'ଗୀତି ଲହରୀ'ରେ ଗୌର ପଟ୍ଟନାୟକ, ଉମାକାନ୍ତ ନାୟକ, ହରିଶ୍ଚନ୍ଦ୍ର ବେହେରା, ଧନଞ୍ଜୟ ସ୍ୱାଇଁ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ପ୍ରସନ୍ନ କୁମାର ସ୍ୱାଇଁ, ହଂସନାଥ ମୁଦୁଲି, ଡକ୍ଟର ଲିଙ୍ଗରାଜ ରଥ ପ୍ରମୁଖଙ୍କ ଗୀତି କବିତାଗୁଡ଼ିକ ମନଛୁଆଁ ହୋଇଛି । ସେହିପରି ସୁଶାନ୍ତ ଦାଶଙ୍କ 'ସ୍ୱର୍ଗଦ୍ୱାର', ନୃସିଂହ ତରାଇଙ୍କ 'ଜୀବନ ଯେମିତି', ପୀତାମ୍ବର ତରାଇଙ୍କ 'ଧାନତଳି', ରବି ଶତପଥୀଙ୍କ 'ନୂଆବର୍ଷ' ଆଦି କବିତା ସାଂପ୍ରତିକ ସମାଜର ପ୍ରତିନିଧିତ୍ୱ କରେ । ଇଂ. ସେବକ ଶ୍ରୀକାନ୍ତ, ରାଜକିଶୋର ମହାପାତ୍ର, ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେଭଳି ସୁନ୍ଦନା ମହାନ୍ତି, ସୁପ୍ରଭା ସାମଲ, ଶଶିକାନ୍ତ ରାଉତ ପ୍ରମୁଖଙ୍କ ଗଳ୍ପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'କାଠଯୋଡ଼ି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

ରାମନବମୀ ଶୋଭାଯାତ୍ରାରେ ଟିଟିଲାଗଡ ବିଧାୟକଙ୍କ ଉନ୍ମତ୍ତକାଣ୍ଡ

# ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର, ୨୮।୩(ସମିସ): ପବିତ୍ର ରାମନବମୀ ଅବସରରେ ଶୁକ୍ରବାର ଟିଟିଲାଗଡ଼ରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଅରାଜକତାର ସମସ୍ତ ସୀମାରେଖା ଉଲ୍ଲଙ୍ଘନ କରି ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଏକ ବନ୍ଧୁକ ବାହାର କରି ସର୍ବସାଧାରଣଙ୍କ ସାମ୍ନାରେ ଫାଙ୍କା ଗୁଳିଚାଳନା କରିଛନ୍ତି। ଏହି

■ ଆଇନ ଶୃଙ୍ଖଳା ଅବ୍ୟବସ୍ଥାର ନଗ୍ନଚିତ୍ର
■ ପଦାରେ ପଡ଼ିଲା ବିଜେପି ବିଧାୟକଙ୍କ ଔଦ୍ଧତ୍ୟ

ଘଟଣାଟି ଡବଲ୍ ଇଞ୍ଜିନ୍ ସରକାରରେ ବିଜେପି ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନଚିତ୍ର ବୋଲି ବିଜେଡି ପକ୍ଷରୁ ଅଭିଯୋଗ ପ୍ରକାଶ ପାଇଛି। ଶଙ୍ଖଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀମତୀ ସାହୁ କହିଥିଲେ ଯେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ସରକାରୀ ଦଳର ବିଧାୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜଣେ ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ ଏହି ଅପରାଧର ସଂଜ୍ଞାନ ନେଇ ରାଜ୍ୟ ପୁଲିସ ନବୀନ ଜୈନଙ୍କୁ ତୁରନ୍ତ ଗିରଫ



କରନ୍ତୁ। ଏଭଳି ଅମାନବୀୟ ଘଟଣା ନବୀନ ଜୈନଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଏକ ଚଳନ୍ତା ଅଟୋରୁ ଠେଲି ଦେଇଥିଲେ। ତତ୍‌କ୍ଷଣାତ ସଂପୃକ୍ତ କର୍ମୀଜଣଙ୍କ ସେଠାରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ସେ ସରକାରୀ ଦଳର ବିଧାୟକ ହୋଇଥିବାରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଫଳରେ ତାଙ୍କର ଅହଂକାର ଏବଂ ଔଦ୍ଧତ୍ୟ ଆହୁରି ବଢ଼ି ଭୟଙ୍କର ରୂପ ନେଉଛି। ଏହା ଟିଟିଲାଗଡ଼ ଏବଂ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ନୁହେଁ। ଅନ୍ୟପଟେ ଡ. ମହାନ୍ତି ମଧ୍ୟ କହିଛନ୍ତି ଯେ ବିଜେପି ସରକାରର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ଖୋଲାଖୋଲି ଭାବେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଙ୍ଘନ କରୁଛନ୍ତି। କେଉଁଠି ଏକ ବିଧାୟକ ସର୍ବସାଧାରଣରେ ଗୁଳି ଫୁଟାଉଛନ୍ତି ତ ଆଉ କେଉଁଠି ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ 'ଫୁ' କରି ବିନା ହେଲମେଟରେ ବିଷ୍ଣୁ କି ଚ ଶୋଭାଯାତ୍ରାର ନେତୃତ୍ୱ ନେଉଛନ୍ତି। ସେହିଭଳି ରାଜଧାନୀର ରାଜରାସ୍ତାରେ ଏକ ଗାଡ଼ିରେ ନାଲିବତି ଲଗାଇ ବିଜେପି କର୍ମୀମାନେ ବିଶୃଙ୍ଖଳା କରୁଥିଲା ବେଳେ କମିସନରେଟ୍ ପୁଲିସ ନିରବଦ୍ରଷ୍ଟା ସାଜିଛି। ଓଡ଼ିଶା ଇତିହାସର ସବୁଠାରୁ ଅପାରଗ ଓ ଦୁର୍ବଳ ଗୃହମନ୍ତ୍ରୀ ହେଉଛନ୍ତି ମୋହନ ଚରଣ ମାଝୀ। ଆଇନଶୃଙ୍ଖଳା ବ୍ୟବସ୍ଥା ଶୃଙ୍ଖଳିତ ନହେଲେ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

■ ଜାଲ୍ ପ୍ରମାଣପତ୍ରରେ ଓଏଫ୍‌ଓଏସ୍ ଚାକିରି ଘଟଣା

# କାର୍ଯ୍ୟାନୁଷ୍ଠାନ ବଦଳରେ ରେଞ୍ଜର ଟ୍ରେନିଂ ପାଇଁ ଡାକରା

ଭୁବନେଶ୍ୱର, ୨୮ ।୩ (ସମିସ): ଜାଲ ମେଡିକାଲ୍ ସାର୍ଟିଫିକେଟ୍ ଦେଇ ଜଣେ ପ୍ରାର୍ଥୀ ଓଡ଼ିଶା ବନସେବା (ଓଏଫ୍‌ଓଏସ୍) ଚାକିରି ହାତେଇବା ଘଟଣା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ରେ ସ୍ପଷ୍ଟ ହେବା ପରେ ମଧ୍ୟ ସଂପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ତାଙ୍କୁ ରେଞ୍ଜର୍ ଟ୍ରେନିଂ ପାଇଁ ଡାକରା ଆସିଛି। ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିରୁ, ଓପିଏସ୍‌ସି ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଥିବା ବେଳେ କାହା ଇଙ୍ଗିତରେ ସଂପୃକ୍ତ ଛାତ୍ରଙ୍କ ପ୍ରତି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


To
The Chairman
Odisha Public Service Commission (OPSC)
18, Dr. P.K Parija Road
Cuttack – 753001
Odisha
Date: 03/11/2025

Subject: Request to cancel my candidature for the post of Assistant Conservator of Forest and Forest Ranger (Advertisement No. 08 of 2023-24)

Respected Sir,

I am writing this application to request the cancellation of my candidature for the post of Assistant conservator of Forest and Forest Ranger. Unfortunately, I will not be able to pursue the above service due to my deteriorating health conditions and unforeseen family situation.

I will not be able to do justice to the service and will not be able to give my full commitment to the service due to the said circumstances. I am not capable enough right now to take up this service and will try my luck in the other examinations.

I kindly request you to cancel my candidature and do not consider me for the merit list. I do not want my incapability to join the service cost someone else's future. So I kindly request you to consider my request. Further, I would like to mention that in any circumstances if my name is still in the merit list, I will still not be able to join the post.

I would like you consider the other candidates, much more competent and more willing to join the services rather than wasting a seat on me due to my incompetency.

Thank you for your understanding and consideration.

Yours Sincerely,

Pradeep Kumar Swain
Roll No.- 306463
PPSAN No: P220007138
Mobile no: 7008166453
Email Id — pradeepkumarswain@gmail.com


To
The Director of Capital Hospital, Bhubaneswar

ସୂଚନାନୁସାରେ, ଓପିଏସ୍‌ସିର ୩୦୬୪୬୩ ରୋଲ୍ ନମ୍ବରରେ ପ୍ରଦୀପ କୁମାର ସ୍ୱାଇଁ ନାମକ ଜଣେ ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲା। ଏହାପରେ ସେ ପୁନଃ ଶାରୀରିକ ପରୀକ୍ଷା ଦେବାକୁ ଷଡ଼ଯନ୍ତ୍ର ରଚିଥିଲେ। ପରୀକ୍ଷା ସମୟରେ ତାଙ୍କ ଦେହ ଅସୁସ୍ଥ ଥିବା ଏବଂ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଥିବା ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ସେ କ୍ୟାପିଟାଲ ହସ୍ପିଟାଲ୍‌ର ପ୍ରେସକ୍ରିପସନ୍‌ରେ ଜାଲିଆତି କରିଥିଲେ। ନିଜକୁ ସୁହାଇବା ପରି ପ୍ରେସକ୍ରିପସନ୍‌କୁ କମ୍ପ୍ୟୁଟର୍‌ରେ ଏଡିଟିଂ କରିଦେଇଥିଲେ। ତାଙ୍କ ସହ ପ୍ରିୟାଂଶୁ ବାରିକ ନାମକ ଆଉ ଜଣେ ପ୍ରାର୍ଥୀ ମଧ୍ୟ ଏହିପରି ତଞ୍ଚକତା କରିଥିଲେ। ଉଭୟ ପ୍ରାର୍ଥୀ ଅଗଷ୍ଟ ୧୮ ତାରିଖ ରାତି ୧୨ଟା ୨୫ରେ ଓପିଡି ଟିକେଟ୍ କରିଥିଲେ ମଧ୍ୟ ତାଙ୍କୁ ପରବର୍ତ୍ତୀ ସମୟରେ ଏଡିଟିଂ କରି ପରୀକ୍ଷା ସମୟ ଅର୍ଥାତ୍ ଜୁଲାଇ ୧୬ ଓ ୧୭ ତାରିଖ ଦର୍ଶାଇଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଏହା ଦର୍ଶାଇବା ପରେ ଉଭୟଙ୍କୁ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରୀ ଭୟ ଘାରିଥିଲା। ଏଣୁ, ଗତ ନଭେମ୍ବର ୨ ତାରିଖରେ ପ୍ରଦୀପ ଓପିଏସ୍‌ସିକୁ ଚିଠି ଲେଖି ସେ ଚାକିରି କରିବେ ନାହିଁ ଓ ତାଙ୍କ ପ୍ରାର୍ଥିତ୍ୱକୁ ମେଧା ତାଲିକାରୁ ବାଦ୍ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କ ବିରୋଧରେ ଓପିଏସ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ।

ଅପରପକ୍ଷେ, ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଲା ବହୁ ମେଧାବୀ ଆଶାୟୀ ଏନେଇ ସରକାରଙ୍କ ସମେତ ଓପିଏସ୍‌ସିକୁ ଅଭିଯୋଗ କରିଥିଲେ। ମାତ୍ର କେହି କର୍ଣ୍ଣପାତ କରୁନାହାନ୍ତି। କୋର୍ଟରେ ମାମଲା ଥିବା ବେଳେ ଓପିଏସ୍‌ସି ପକ୍ଷରୁ ମେଡିକାଲ୍ ପ୍ରମାଣପତ୍ର ଯାଞ୍ଚ କରିବାକୁ କାହିଁକି ଅପିଲ୍ କରାଗଲା ନାହିଁ ଓ ତଞ୍ଚକତା ଧରା ପଡ଼ିଥିଲେ ମଧ୍ୟ ତଦନୁଯାୟୀ ହାଇକୋର୍ଟଙ୍କୁ ଅବଗତ କରି କଠୋର୍ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନାହିଁ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଏତେ ସବୁ ଘଟଣା ପରେ ମଧ୍ୟ ବନ ବିଭାଗ ପକ୍ଷରୁ ବିନା କୌଣସି ତଦନ୍ତରେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ରେଞ୍ଜର ଟ୍ରେନିଂ ପାଇଁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଡାକିଥିବାରୁ ତାଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତଞ୍ଚକତା କରିଥିବା ପ୍ରାର୍ଥୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

# ୩୦ରେ ବିଧାନସଭା ଆଗରେ ମିଳିତ ବିରୋଧୀ ଦଳର ଗଣଧାରଣା

ଭୁବନେଶ୍ୱର, ୨୮ ।୩ (ସମିସ): ଏସ୍‌ସିବି ଟ୍ରମା କେୟାର୍ ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ ରୋଗୀଙ୍କ ପ୍ରାଣହାନି ହେବା ଘଟଣା ରାଜ୍ୟ ସରକାରଙ୍କ ଆପରାଧିକ ଅବହେଳାର ନିଦର୍ଶନ। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆସନ୍ତା ୩୦ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ମିଳିତ ବିରୋଧୀ ଦଳ। ଏନେଇ ଆଜି ଏକ ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ କୁହାଯାଇଛି ଯେ ଏହି ଅଘଟଣ ସରକାରଙ୍କ ଆପରାଧିକ ଅବହେଳା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୟନୀୟ ଅବସ୍ଥାର ପ୍ରମାଣ ବୋଲି ମିଳିତ ବିରୋଧୀ ଦଳ ବିଚାର କରୁଛି। ଏହା କେବଳ ଦୁର୍ଘଟଣା ନୁହେଁ, ବରଂ ସରକାର ଓ ହସ୍ପିଟାଲ ପ୍ରଶାସନର ଅପରାଧିକ ଅବହେଳା ଯୋଗୁଁ ଘଟିଥିବା ଏକ ସ୍ପଷ୍ଟ 'ବ୍ୟବସ୍ଥାକୃତ ହତ୍ୟା'। ତେଣୁ ସମସ୍ତ ବିରୋଧୀ ଦଳ ଏକମତ ହୋଇ ତୁରନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସନ୍ତା ମାର୍ଚ୍ଚ ୩୦ରେ ରାଜ୍ୟ ବିଧାନସଭା ସମ୍ମୁଖରେ ବିଶାଳ ପ୍ରତିବାଦ କରିବା ସହ ଧାରଣା ଦେବେ। ଏହାସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ଏବଂ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯିବ।

ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜେଡି ବରିଷ୍ଠ ରାଜ୍ୟ ଉପସଭାପତି ଦେବୀପ୍ରସାଦ ମିଶ୍ର, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍)-ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମାହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ଏବଂ ସମତାକ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ।

# ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

କଟକ, ୨୭।୩ (ସମିସ): ସରକାରୀ ଜମିରେ ଜନହିତକର ପ୍ରକଳ୍ପ ବିଶେଷ କରି ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର

■ ଜଗତସିଂହପୁର ଏସପିଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ
■ ଜନହିତ ପାଇଁ ସରକାରୀ ଜମିରୁ ହଟିବେ ଜବରଦଖଲକାରୀ
■ ସୁରକ୍ଷା ଯୋଗାଇଦେବାକୁ ପୁଲିସକୁ ନିର୍ଦ୍ଦେଶ

ପଞ୍ଚାୟତରେ ଏକ ରାସ୍ତା ନିର୍ମାଣ ପାଇଁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ, ସେଥିପାଇଁ ଆବଶ୍ୟକ ସୁରକ୍ଷା ଓ ସହାୟତା ଯୋଗାଇଦେବାକୁ କୋର୍ଟ ଜଗତସିଂହପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିପିନ ବିହାରୀ ସ୍ୱାଇଁଙ୍କ ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ମାମଲାଟି ଏକ ସରକାରୀ ରାସ୍ତା ନିର୍ମାଣ ଏବଂ ସେଥିରୁ ଜବରଦଖଲ ଉଚ୍ଛେଦ ସମ୍ପର୍କିତ ଥିଲା। ସରକାରଙ୍କ 'ଜିରୋ ଟଲରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, ସମ୍ପୃକ୍ତ ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ କିଛି ଜବରଦଖଲକାରୀ ଏହାକୁ ବିରୋଧ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାକୁ ବିଚାରକୁ ନେଇ ସ୍ପଷ୍ଟ କରିଛନ୍ତି ଯେ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ ରାସ୍ତା ନିର୍ମାଣ ଏକ ସାର୍ବଜନୀନ ଉଦ୍ଦେଶ୍ୟ ଏବଂ ଏଥିରେ କୌଣସି ପ୍ରକାରର ବାଧାବିଘ୍ନକୁ ପ୍ରୋତ୍ସାହନ ଦିଆଯାଇପାରିବ ନାହିଁ। ଖଣ୍ଡପୀଠ ଆହୁରି ମଧ୍ୟ କହିଛନ୍ତି ଯେ ଏହି ରାସ୍ତାଟି କୌଣସି ବ୍ୟକ୍ତିଗତ ଜମିରେ ନୁହେଁ, ବରଂ ସରକାରୀ ଜମିରେ ନିର୍ମିତ ହେଉଛି। ତେଣୁ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସରକାରଙ୍କ ଦାୟିତ୍ୱ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଜବରଦଖଲକାରୀଙ୍କ ପକ୍ଷରୁ ବାଧା ସୃଷ୍ଟି କରାଯାଉଥିବା କୋର୍ଟଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇ କୋର୍ଟ କହିଛନ୍ତି ଯେ ମୁଷ୍ଟିମେୟ କିଛି ଲୋକଙ୍କ ବିରୋଧ ପାଇଁ ଜନହିତକର କାର୍ଯ୍ୟ ଅଟକି ରହିବା ଅନୁଚିତ। ସମ୍ବିଧାନର ସପ୍ତମ ଅନୁସୂଚୀ ଅନୁଯାୟୀ ଆଇନଶୃଙ୍ଖଳା ରକ୍ଷା କରିବା ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବାରୁ, କୋର୍ଟ ଜଗତସିଂହପୁର ଏସପିଙ୍କୁ ଏହି ନିର୍ମାଣ କାର୍ଯ୍ୟ ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଏଥିରେ ବାଧା ସୃଷ୍ଟି କରନ୍ତି, ତେବେ ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ସହ ହାଇକୋର୍ଟ ଏହି ରିଟ୍ ପିଟିସନର ସମାପ୍ତି ଘଟାଇଛନ୍ତି।

ସୂଚନାଯୋଗ୍ୟ ଯେ, ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାଟିକୁ ଯୁବ ଆଇନଜୀବୀ ସୁଶ୍ରୀ ଅରୋଲିନା ପାଲ ପରିଚାଳନା କରୁଥିଲେ।

## ଚନ୍ଦ୍ରଭାଗାରେ ବୁଡ଼ି ଯୁବକ ମୃତ

କୋଣାର୍କ, ୨୮।୩ (ସମିସ): ଶୁକ୍ରବାର କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ଇକୋ-ରିଟ୍ରିଟ୍‌ଠାରେ ସମୁଦ୍ରରେ ସ୍ନାନ କରୁଥିବା ସମୟରେ ଲହଡ଼ିରେ ଭାସି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଇକୋ-ରିଟ୍ରିଟ୍‌ରେ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ ଥିବା ଉତ୍ତରପ୍ରଦେଶର ଫିରୋଜାବାଦ ଆମ୍ବେଦକର ନଗର ଅଞ୍ଚଳର ମୁନୁ କୁମାର(୨୦)। ସେ ସମୁଦ୍ରରେ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ବୁଡ଼ି ଯାଇଥିଲେ। ଖବର ପାଇ ଚନ୍ଦ୍ରଭାଗା ମେରାଇନ୍ ଥାନା ପୁଲିସ ଓ ଲାଇଫ୍‌ଗାର୍ଡ ସମୁଦ୍ର ଭିତରୁ ମୁନୁଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆସନ୍ତା ୩ ତାରିଖ ଯାଏଁ କାଳବୈଶାଖୀ

ଭୁବନେଶ୍ୱର,୨୮।୩(ସମିସ): ଟ୍ରଫ୍ ଲାଇନ ପ୍ରଭାବରେ ଆସନ୍ତା ୩ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ସମୟରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ର ପଦତ୍ତ ସୂଚନା ଅନୁଯାୟୀ ରବିବାର ୭ଟି ଜିଲ୍ଲାରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ହୋଇପାରେ। ସେଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଓ ରାୟଗଡାକୁ ୟେଲୋ

## ଆଜି ୧୬ ଜିଲ୍ଲାରେ ପବନ ସହ ବର୍ଷା!

ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ୩୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ସହ ବର୍ଷା ସମ୍ଭାବନା ରହିଛି। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍ ବ୍ୟତୀତ ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନାଗଡ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ୩୦ରୁ ୪୦ କିଲୋମିଟର ବେଗରେ ପବନ ସହ ସ୍ଥାନେ ସ୍ଥାନେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIBBS 2026015, ତା.19.03.2026ରିଖ

**କାର୍ଯ୍ୟର ନାମ :** EPC ମୋଡ୍‌ରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ କଟକ ରେଳ ଷ୍ଟେସନରେ ୟାର୍ଡ R1, R2, R4 ଓ R5 ନିମନ୍ତେ ବାଲାଷ୍ଟ ବିହୀନ (Ballast Less) ଟ୍ରାକ୍‌ର ନିର୍ମାଣ ଏବଂ ପ୍ଲାଟଫର୍ମ ମଧ୍ୟରେ ଜଳକ୍ଷେପଣ ନଳ (Water Hydrant)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1614.64 ଲକ୍ଷ, **EMD :** ₹ 8,07,400/-, **କାର୍ଯ୍ୟ ଶେଷ ହେବା ଅବଧି :** 365 (ତିନିଶହ ପଞ୍ଚଷଠି) ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.05.2026ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏଭିଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-327/CI/25-26


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତଙ୍କ ଖେଳାଇଲେ...

ସୂଚନାନୁଯାୟୀ, ରାମନବମୀ ଉପଲକ୍ଷେ ଗତକାଲି ଦିନ ବେଳା ଟିଟିଲାଗଡ଼ ସହରରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମେତ ବିଜେପି ନେତା, କର୍ମୀ ଓ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ପୁଲିସ ଉପସ୍ଥିତିରେ ଶୋଭାଯାତ୍ରାଟି ଆଗକୁ ଆଗକୁ ମାଡ଼ି ଚାଲିଥିଲା। ଶାସ୍ତ୍ରୀ ଛକ ନିକଟରେ ପହଞ୍ଚିବା ପରେ ବିଧାୟକ ନବୀନ ଜୈନ ଫାଙ୍କା ଗୁଳିଚାଳନା କରିଥିଲେ। ଭାଇରାଲ ଭିଡିଓରେ ଦେଖାଯାଉଛି, କ୍ୟାମେରାକୁ ପଛ କରି ବିଧାୟକ ଶ୍ରୀ ଜୈନଙ୍କୁ ତାଙ୍କ ପିଏସ୍‌ଓ ଏକ ପିସ୍ତଲ ଧରାଉଛନ୍ତି। ଶ୍ରୀ ଜୈନ ଉକ୍ତ ପିସ୍ତଲକୁ ଉପରକୁ ଟେକି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରୁଛନ୍ତି। ପରେ ସେହି ପିସ୍ତଲକୁ ବିଧାୟକ ଶ୍ରୀ ଜୈନ ସିନେମା ଷ୍ଟାଇଲରେ ନିଜ ଅଣ୍ଟାରେ ଖୋସୁଥିବା ଦେଖିବାକୁ ମିଳିଛି। ତେବେ, ବିଧାୟକ ଶ୍ରୀ ଜୈନ ବ୍ୟାଙ୍କ ଛକ ନିକଟରେ ମଧ୍ୟ ଆଉ ଏକ ରାଉଣ୍ଡ ଗୁଳି ଚାଳନା କରିଛନ୍ତି ବୋଲି କୁହାଯାଉଛି। ବିଧାୟକ ଶ୍ରୀ ଜୈନ ସର୍ବସାଧାରଣରେ ଏଭଳି କାଣ୍ଡ ଭିଆଇଥିଲେ ହେଁ ପୁଲିସ କେବଳ ନିରବଦ୍ରଷ୍ଟା ସାଜିଥିଲା। ଅପରପକ୍ଷେ, ଏହି ଘଟଣାକୁ ନେଇ ବିଧାୟକ ଶ୍ରୀ ଜୈନ କହିଛନ୍ତି ଯେ ତାହା ଏକ ଖେଳଣା ବନ୍ଧୁକ ଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ, କିଛି ମାସ ତଳେ ବିଧାୟକ ଶ୍ରୀ ଜୈନଙ୍କ ଜଣେ ସହଯୋଗୀ ଜଣେ ବ୍ୟବସାୟୀଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରି ଜେଲ୍ ଯାଇଥିଲେ। ସେହି ମାମଲାକୁ ଚପାଇବା ପାଇଁ ସେତେବେଳେ ବିଧାୟକ ଶ୍ରୀ ଜୈନ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା।

## ଯୁଦ୍ଧକୁ ଡେଇଁଲେ...

ଯନ୍ତ୍ରାଂଶ ତିଆରି କରୁଥିବା ତିନୋଟି ସାମରିକ କାରଖାନକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦିଆଯାଇଛି।

ଇରାନ ମଧ୍ୟ ଏହାର ପାଲଟା ଜବାବ ଦେଇଛି। ଇସ୍ରାଏଲ ଆକ୍ରମଣରେ କ୍ଷୁବ୍ଧ ହୋଇ ସାଉଦି ଆରବରେ ଥିବା ଆମେରିକୀୟ ବାୟୁସେନା ଘାଟି ପ୍ରିନ୍ସ ସୁଲତାନ ଏୟାର ବେସ ଉପରକୁ ୬ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ୨୯ଟି ଡ୍ରୋନ ମାଡ଼ କରିଛି। ଆକ୍ରମଣରେ ଘାଟି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ଅନେକ ଆମେରିକୀୟ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେଠାରେ କିଛି ଇନ୍ଧନ ଭରୁଥିବା ବିମାନ ମଧ୍ୟ ନଷ୍ଟ ହୋଇଛି। ଇରାନ ଯୁଦ୍ଧରେ ଏବେ ୟେମେନର ହୁତି ବିଦ୍ରୋହୀ ସାମିଲ ହୋଇଛନ୍ତି। ସେମାନେ ଦକ୍ଷିଣ ଇସ୍ରାଏଲର ସମ୍ବେଦନଶୀଳ ସାମରିକ ଅଞ୍ଚଳକୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଆକ୍ରମଣରେ ଇସ୍ରାଏଲର ବିୟରଶେବା ଅଞ୍ଚଳରେ କ୍ଷୟକ୍ଷତି ହୋଇଛି।

ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଜେରାଲ୍ଡ ଆର ଫର୍ଡ ଉପରେ ଇରାନ ଆକ୍ରମଣ କରିଥିବା ଦାବି କରିଛି। ଏହି ଜାହାଜ ଉପରକୁ ୧୭ଟି ଭିନ୍ନ କୋଣରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ତେବେ ପେଣ୍ଟାଗନ ଏହାକୁ ଖଣ୍ଡନ କରିଛି। କୌଣସି ଆକ୍ରମଣ ହୋଇ ନାହିଁ ବୋଲି ପେଣ୍ଟାଗନ କହିଛି। ଜାହଜର ଲଣ୍ଡ୍ରିରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନିଆଁ ଲାଗିଥିଲା ବୋଲି କୁହାଯାଇଛି। ଏବେ ଏହି ଜାହାଜ ମରାମତି ପାଇଁ କ୍ରୋଏସିଆରେ ପହଞ୍ଚିଛି ବୋଲି ରଏଟର୍ସ ସୂଚନା ଦେଇଛି।

## ଟ୍ରିବ୍ୟୁନାଲରେ ଆଉ...

ଥିବାବେଳେ ଆସନ୍ତା ୧୧ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ଟ୍ରିବ୍ୟୁନାଲ ଧାର୍ଯ୍ୟ କରିଛନ୍ତି। ଅପରପକ୍ଷେ ଟ୍ରିବ୍ୟୁନାଲରେ ଶୁଣାଣିର କଚ୍ଛପ ଗତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଜଳ ବିଶେଷଜ୍ଞ। ଓଡ଼ିଶାର ଭାଗ୍ୟ କାବେରୀ ପରି ହେବନାହିଁ ତ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଗତ ଫେବ୍ରୁଆରୀ ମାସର ଶେଷ ସପ୍ତାହରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏମ. ବେଲା ତ୍ରିବେଦୀ ଏବଂ ଅନ୍ୟ ସଦସ୍ୟ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ସେହିପରି ମାର୍ଚ୍ଚ ୭ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ସେମାନେ ଛତିଶଗଡ଼ ମଧ୍ୟ ଯାଇଥିଲେ। ଟ୍ରିବ୍ୟୁନାଲଙ୍କ ଏହି ଗସ୍ତ ପରେ ମହାନଦୀ ଜଳ ବିବାଦ ମାମଲାରେ କୌଣସି ସମାଧାନ ରାସ୍ତା କିମ୍ବା ମଧ୍ୟବର୍ତ୍ତୀ କାଳୀନ ରାୟ ନେଇ ଆଶା କରୁଥିଲେ ଜଳ ବିଶେଷଜ୍ଞ। ମାତ୍ର ଶନିବାର ଟ୍ରିବ୍ୟୁନାଲରେ ୫୧ତମ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଆଜି ମଧ୍ୟ ନିରାଶ ହୋଇଛି ଓଡ଼ିଶା। ଚିରାଚରିତ ଢଙ୍ଗରେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଏପ୍ରିଲ ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ ଉଭୟ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ କେତେକ ଔପଚାରିକତା ପୂରଣ କରିବା ସହ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ସୁପାରିସ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଆଜିର ଶୁଣାଣିରେ ଓଡ଼ିଶା ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ଏହି ସମୟରେ ସେ ବୈଷୟିକ କମିଟିର ସମସ୍ତ ତଥ୍ୟ ଟ୍ରିବ୍ୟୁନାଲଙ୍କ ସାମ୍ନାରେ ଉପସ୍ଥାପନ କରିଥିଲେ। ଏହାସହିତ ଦୁଇ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ସହମତି ନେଇ ଆଶା ପ୍ରକଟ ହୋଇଥିବା ସେ ଅବଗତ କରିଛନ୍ତି। ତେବେ ସମସ୍ତ ପ୍ରକ୍ରିୟାରେ ଟ୍ରିବ୍ୟୁନାଲଙ୍କ କଚ୍ଛପ ଗତି, ଆପୋଷ ବୁଝାମଣା ନେଇ ସରକାର ରାଜ୍ୟବାସୀଙ୍କୁ ସନ୍ଦେହରେ ରଖିବାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଫେବ୍ରୁଆରୀ ୨୬ ତାରିଖରେ ଟ୍ରିବ୍ୟୁନାଲ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଲେ। ଏହା ଟ୍ରିବ୍ୟୁନାଲଙ୍କ ଦ୍ୱିତୀୟ ଓଡ଼ିଶା ଗସ୍ତ ଥିଲା। ଗସ୍ତ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ସାରିଲେ। ସେମାନେ ମହାନଦୀ ବେସିନର ସ୍ଥିତି, ଡ୍ୟାମ, ବ୍ୟାରେଜ ତଥା ଜଳ ପ୍ରବାହର ଅବସ୍ଥାକୁ ଅନୁଧ୍ୟାନ କରିଥିଲେ। ଟ୍ରିବ୍ୟୁନାଲଙ୍କ ବିଳାସମୟ ଗସ୍ତକୁ ସେତେବେଳେ ବିଭିନ୍ନ ସଂଗଠନ ବିରୋଧ କରୁଥିଲେ ହେଁ, ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟବାସୀ ଏଥିରୁ ସୁଫଳ ଆଶା ରଖିଥିଲେ। ସମାନ ଭାବରେ ଟ୍ରିବ୍ୟୁନାଲ ମାର୍ଚ୍ଚ ୭ରୁ ୧୧ ତାରିଖ ଛତିଶଗଡ଼ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁଇରାଜ୍ୟକୁ ଗସ୍ତରେ ଯିବା ସତ୍ତ୍ୱେ ଶୁଣାଣିରେ ଅସହନୀୟ କ୍ଷତି ସହୁଥିବା ଓଡ଼ିଶାକୁ କେବଳ ତାରିଖ ଉପହାର ଦେବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅପରପକ୍ଷେ ଛତିଶଗଡ଼ ସହ ଆପୋଷ ସମାଧାନର ସର୍ତ୍ତକୁ ନେଇ ଅସମ୍ଭବ ନିରବତାକୁ ନେଇ ମଧ୍ୟ ସାଧାରଣରେ ଆଶଙ୍କା ପ୍ରକାଶ ପାଇଲାଣି। କେଉଁ ସର୍ତ୍ତାବଳୀକୁ ନେଇ ଛତିଶଗଡ଼ ସହ ଆପୋଷ ସମାଧାନ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି, ସେନେଇ କାହାକୁ କିଛି ଜଣାଉନାହାନ୍ତି। ଏନେଇ ଏକାଧିକ ବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭଲ ପ୍ରକାଶ କରିବା ପରେ ରାଜ୍ୟ ସରକାର ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ଏହି ବୈଠକକୁ ବାତିଲ୍ କରିଦିଆଯିବା ପରେ ସପରି ଆଉ କୌଣସି ବୈଠକ ଡକାଯାଇ ନାହିଁ। ଏପରିକି ଓଡ଼ିଶାର ଏକ ଟିମ୍ ଛତିଶଗଡ଼ ଯିବାର ଥିଲେ ହେଁ ଏହି ଗସ୍ତକୁ ବାତିଲ୍ କରିଦିଆ ଗଲା। ସରକାରଙ୍କ ନିରବତା ଏବଂ କାର୍ଯ୍ୟଶୈଳୀକୁ ନେଇ ସାଧାରଣ ଲୋକେ ସଂଶୟ ମଧ୍ୟରେ ଥିବାବେଳେ ଜଳ ବିଶେଷଜ୍ଞମାନେ ମଧ୍ୟ ଏହାର ଯଥାର୍ଥ କାରଣ ପଚାରୁଛନ୍ତି। ମହାନଦୀ ବିବାଦର ସମାଧାନ ପାଇଁ ଗଲା ବେଳେ ରାଜ୍ୟ ସରକାର ଏବେ ମଧ୍ୟ ରାଜ୍ୟର ସମସ୍ତ ଅଂଶୀଦାରଙ୍କୁ ବିଶ୍ୱାସକୁ ନେବାକୁ ଚାହୁଁନାହାନ୍ତି। ନିଜେ ମଧ୍ୟ ଏକାକୀ ଲଢ଼ି ଗତ ୨ ବର୍ଷରେ କୌଣସି ଆଖିଦୃଶିଆ ସମାଧାନ ରାଜ୍ୟବାସୀଙ୍କୁ ଦେଇପାରି ନାହାନ୍ତି। ଟ୍ରିପଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିବାକୁ ଯାଉଥିବା ବେଳେ ମହାନଦୀ ବିବାଦରେ ଅନ୍ତତଃପକ୍ଷେ ଏକ ମଧ୍ୟବର୍ତ୍ତୀ କାଳୀନ ରାୟ ଆଶାରେ ଆମେ ଥିଲୁ। ମାତ୍ର ଏବେର ସ୍ଥିତି ଦେଖିଲେ ସରକାରଙ୍କ ପ୍ରସ୍ତୁତି ଯେ ଅଧପନ୍ତରିଆ ଥିଲା, ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ମହାନଦୀ ବଞ୍ଚାଅ ଓ ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କ୍ଷୋଭ ପ୍ରକାଶ କରି କହିଛନ୍ତି।

## ବସ୍ ଓଲଟି...

ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ବସ୍ ଖାଇକୁ ଓଲଟି ପଡ଼ିଥିଲା। ଖବର ପାଇ ଦଶପଲ୍ଲା ଓ ବାଣୀଗୋଛା ଥାନା ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଗ୍ୟାସ୍ କଟର୍ ସାହାଯ୍ୟରେ ବସ୍‌କୁ କାଟି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ବସ୍ ଭିତରେ ଚାପି ହୋଇ ୫ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ, ଗଞ୍ଜାମ ବୈଦ୍ୟନାଥପୁରର ସୁଜାତା ବେହେରା, ଗୌତମ ବେହେରା, ସୁଧାଂଶୁ ବେହେରା, ପୀତାମ୍ବର ବେହେରା, ପ୍ରିୟତମା ବେହେରା, ସରୋଜିନୀ ଜେନା, ପୁଷ୍ପାଞ୍ଜଳି ସାହୁ, ରିଙ୍କି ପଣ୍ଡା, ମନୀଷା ବେହେରା, ସ୍ମିତାଞ୍ଜଳି ସାହୁ, କୃଷ୍ଣଚନ୍ଦ୍ର ସାହୁ, ଲିଲି ସାହୁ, ଶୁଭ୍ରାଂଶୁ ନାୟକ, ମାନିନୀ ସାହୁ, ଝୁନୁ ଦେ, ସୁବାସିନୀ ସାହୁ, ମୋହିନୀ ଦାଶ, ପ୍ରମିଳା ସାବତ, ରୀନା ସାମଲ, ନର୍ମଦା ଦାଶ, ବବୁଲୁ ପଟ୍ଟନାୟକ, ସନ୍ତୋଷ ପ୍ରଧାନ, ପପୁ ସାହୁ, ଦିଗପହଣ୍ଡିର ନରସିଂହ ସାହୁ, ଲିପି ଦଳାଇ, ବଡ଼ଗଡ଼ର ସୁଦାମ ମହାରଣା, ସସ୍ମିତା ସାହୁ, ଚିନ୍ତା ବେହେରା, ସାରଦା ପ୍ରସାଦ ସାହୁ, ସଞ୍ଜୁକ୍ତା ମହାରଣା, ଭଞ୍ଜନଗର କୁଲାଡ଼ର ଅଜିତ ଗୌଡ଼, ଛତ୍ରପୁରର ଝୁନୁ ବେହେରା, ବୈଦ୍ୟନାଥପୁରର ଲିଜା ସାହୁ।

ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦଶପଲ୍ଲା ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


**AFFIDAVIT**

I, Paramananda Jain, aged about 51 years, S/o- Sripal Jain, resident of At- Flat No-201, Shree Homes Appantment, Co-Oprative Colony, Ps- Rayagada, Dist- Rayagada, Pin- 765001, Odisha do hereby declare by this affidavit No.655, dtd- 27/03/2026, that now onwards I shall be known as **PARMANANDA JAIN** for all future purposes.

**AFFIDAVIT**

Mrs Rebati Nayak wife of Bilasa Kumar Panigrahi, Army Number 10260859K resident of Village Harisinghpur, Tehsil Tihidi, District Bhadrak, respectfully states that in my husband's army records, my name has been mistakenly recorded as Rebati Panigrahi, whereas in all my documents my name is Rebti Nayak. Therefore, it is requested that my name in my husband's army records be corrected to **Rebati Nayak**, which is the correct name.

**AFFIDAVIT**

By virtue of an affidavit sworn before the Notary Public, Gunupur, dated 28-03-2026 I, Sasmita Nayak, W/o. Manash Nayak aged about 33 years, now resides at Village: Serema, Po: Bhamini, PS: Gumuda, Dt. Rayagada (Odisha) PIN: 765024 hereby declare that I have changed the name of my daughter from Smita Jali Nayak to SMITANJALI NAYAK. Henceforth, she shall be known as **SMITANJALI NAYAK** for all purposes.

Sasmita Nayak

## ମଧୁସୂଦନପୁର ସ୍କୁଲ ଫାଟକରେ ପଡ଼ିଲା ତାଲା

# ୨ ଘଣ୍ଟା ରାସ୍ତାରେ ବସିଲେ ଛାତ୍ରଛାତ୍ରୀ



**ବାସୁଦେବପୁର, ୨୮।୩(ସମିସ):** ଫାଟକରେ ପଡ଼ିଲା ତାଲା। ସ୍କୁଲକୁ ଆସି ଠିଆ ହୋଇରହିଲେ ଛାତ୍ରଛାତ୍ରୀ। ୨ଘଣ୍ଟା ଧରିଅପେକ୍ଷା କଲେ। ଦେଶର ଭାଗ୍ୟ ଭବିଷ୍ୟତ କୋମଳମତି ଛାତ୍ରଛାତ୍ରୀ ବସି ରହିଲେ ରାସ୍ତା ଉପରେ।

ଆଜି ଶନିବାର ହୋଇଥିବାରୁ ସକାଳୁ ସକାଳୁ ସ୍କୁଲରେ ଛାତ୍ରଛାତ୍ରୀ ପହଞ୍ଚିଥିଲେ। ଫାଟକରେ ତାଲା ପଡ଼ିଥିବାରୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଶିକ୍ଷକ-ଶିକ୍ଷୟିତ୍ରୀମାନେ ଫାଟକ ଆଗରେ ଅପେକ୍ଷା କରି ରହିଥିଲେ। ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପକାଇଥିଲେ ତାଲା। ୨୦୧୯ ମଧ୍ୟାହ୍ନ ଭୋଜନ ବକେୟା ଅର୍ଥ ପ୍ରାପ୍ତି ଦାବିରେ ଫାଟକରେ ତାଲା ପକାଇଥିଲେ। ଖବର ପାଇ ବାସୁଦେବପୁର ସିଆଇଆର ପୁଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ତାଲା ଖୋଲିଥିଲେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ଯାହାକୁ ନେଇ ଅଭିଭାବକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର ବରଣ୍ଡୁଆ ପଞ୍ଚାୟତର ମଧୁସୂଦନପୁର କାମିନୀ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ। ବିଦ୍ୟାଳୟର ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୧୩ରୁ ୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ନେଇଥିଲେ। ଖାଦ୍ୟ ସୁଚାରୁ ରୂପେ ବଣ୍ଟନ କରିବାରେ ବିଫଳ ହୋଇଥିଲେ। ଖାଦ୍ୟ ଯୋଗାଣରୁ ୨୦୧୯ରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦ୍ ଦେଇଥିଲେ। ଖାଦ୍ୟ ପରିବେଷଣ ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ୨୯ ହଜାର ୨୨୫ ଟଙ୍କା ବକେୟା ପ୍ରାପ୍ୟ ପାଇବାକୁ ଦାବି କରି ବ୍ଲକ ଶିକ୍ଷାଧିକାରୀଙ୍କଠାରେ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି।

- **ମଧ୍ୟାହ୍ନଭୋଜନ ବକେୟା ଅର୍ଥ ଦାବିରେ ତାଲା ପକାଇଥିଲେ ଏସ୍ଏଚ୍‌ଜି ମହିଳା**
- **ଶିକ୍ଷକ ଓ କମିଟିର କଳିରେ ଛାତ୍ରଛାତ୍ରୀ ହନ୍ତସନ୍ତ**

ସେତେବେଳର ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ପ୍ରଧାନଶିକ୍ଷକଙ୍କ ନାମରେ ଯୁଗ୍ମ ଆକାଉଣ୍ଟ ଥିଲା। ୨ ଜଣଙ୍କର ସହମତି ଅର୍ଥ ଉଠାଯାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ପେଠ କରାଯାଇଛି ବୋଲି ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା କହିଛନ୍ତି। ଶିକ୍ଷକ ଓ କମିଟିର କଳିରେ କାହିଁକି ପିଲାମାନଙ୍କୁ ବଳି ପକାଉଛନ୍ତି ବୋଲି ଅଭିଭାବକ କହିଛନ୍ତି। ଉଭୟ ପକ୍ଷକୁ ପୁଲିସ ବୁଝାସୁଝା କରିବା ପରେ ଫାଟକରୁ ତାଲା ଖୋଲି ଦେଇଥିଲେ।

# ବେଆଇନ ବାଲି ଷ୍ଟକ୍‌ୟାର୍ଡ ପାଲଟିଛି ବାଇପାସ୍ ରାସ୍ତା



**ଭଣ୍ଡାରିପୋଖରୀ, ୨୮।୩(ସମିସ):** ଭଣ୍ଡାରିପୋଖରୀ ଜାତୀୟ ରାଜପଥ ବାଇପାସ୍ ରାସ୍ତା କିଛି ଅସାଧୁ ବାଲି ମାଫିଆଙ୍କ କବ୍‌ଜାରେ ରହିଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ସାଧାରଣ ଲୋକମାନଙ୍କ ଯାତାୟାତରେ ଘୋର୍ ଅସୁବିଧା ସୃଷ୍ଟି ହେବା ସହ କିଛି ବାଇକ୍ ଚାଳକ ବାଲି ରାସ୍ତା ଉପରେ ଅଧାରୁ ଅଧିକ ଜାଗା କଭର କରୁଥିବାରୁ ଗାଡ଼ି ଚକା ସ୍ଲିପ୍ କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ଦେଇ ଭଣ୍ଡାରିପୋଖରୀ ବ୍ଲକର ୨୩ଟି ପଞ୍ଚାୟତର ଲୋକମାନେ ଦୈନିକ ଯାତାୟାତ କରିଥା'ନ୍ତି ଏବଂ ପିଲାମାନେ ସ୍କୁଲ୍ ଓ କଲେଜକୁ ଯିବାଆସିବା ବେଳେ ମଧ୍ୟ ରାସ୍ତା ଅବରୋଧ ହୋଇଥିବା ଯୋଗୁଁ କିଛି ଅମାନିଆ ଗାଡ଼ି ଚାଳକଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଥିବା ମତାମତ ଦେଇଥିବା ଜଣାପଡ଼ିଛି। କିନ୍ତୁ ଦୁଃଖର ବିଷୟ ଭଣ୍ଡାରିପୋଖରୀ ପୁଲିସ ବେଆଇନ ବାଲି ଗାଡ଼ିଗୁଡ଼ିକୁ ଧରି ମାମଲା ରୁଜୁ କରୁଥିବାବେଳେ କିପରି ସ୍ଥାନୀୟ ବାଲି ମାଫିଆମାନେ ଗାଡ଼ି ଗାଡ଼ି ବାଲି ରାସ୍ତାରେ ଷ୍ଟକ୍ କରି ବେପାର କରି କଳାର ସାମ୍ରାଜ୍ୟ ଗଠନ କଲେଣି। ଏହି ଘଟଣା ପୁଲିସ ଜଣାତରେ ହେଉଥିବା ସାଧାରଣରେ ଚର୍ଚ୍ଚା ହେଲାଣି। କାହିଁକି ନା ଭଣ୍ଡାରିପୋଖରୀ ଥାନାଠାରୁ ମାତ୍ର ୫୦୦ ମିଟର ଦୂରତାରେ ଏପରି ହେଉଛି। ପ୍ରତ୍ୟେକ ଦିନ ସେହି ବାଟ ଦେଇ ପୁଲିସ ଗାଡ଼ି ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନଥିବା ଦେଖିବାକୁ ମିଳିଛି। ତେଣୁ କାହା ବାହୁ ଛାୟା ତଳେ ବାଲି ମାଫିଆମାନେ ବାଇପାସ୍ ରାସ୍ତା ଅବରୋଧ କରି ରଖିଛନ୍ତି ତାହା ଏବେ ଆଲୋଚନାର ବିଷୟ। ଏ ସମସ୍ୟା ବାବଦରେ ଅନୁଧ୍ୟାନ କରି ସମାଧାନ କରିବା ପାଇଁ ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।




## ଯୁବ କ୍ରୀଡ଼ାବିତ୍‌ଙ୍କୁ ସ୍ୱର୍ଣ୍ଣ ପଦକ

**ବାରିକପୁର, ୨୮।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା ଗ୍ରାମର ଯୁବ କ୍ରୀଡ଼ାବିତ୍ ରାଖାଲ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଜୟପୁରଠାରେ ଆୟୋଜିତ ଜାତୀୟ ପାରକ୍ଷ ଫେସିଂ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଉଚ୍ଚକୋଟିର କ୍ରୀଡ଼ା ପ୍ରଦର୍ଶନ କରିଥିବାବେଳେ ବ୍ୟକ୍ତିଗତ ଓ ଦଳଗତ ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କ ନେତୃତ୍ୱରେ ଦଳ ଚାମ୍ପିଅନ ହୋଇଥିବାବେଳେ ରାଖାଲଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ୭୫ ବର୍ଷରେ ଦୋହରାପାଟଣା ମା' ବାସନ୍ତୀ ଦୁର୍ଗାପୂଜା

**ଅସୁରାଳି, ୨୮।୩(ସମିସ):** ଚଳିତ ବର୍ଷ ଦୋହରାପାଟଣା ବଜାରଠାରେ ବାସନ୍ତୀ ଦୁର୍ଗା ପୂଜା ୭୫ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ଏ ବର୍ଷ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଗତ ୨୪ ତାରିଖରେ ବିଲ୍ୱବରଣ, ୨୫ରେ କଳସ ଯାତ୍ରା ଓ ସପ୍ତମୀ ପୂଜା



ହୋଇଥିବାବେଳେ, ୨୬, ୨୭, ୨୮ ଅଷ୍ଟମୀ, ନବମୀ ଓ ଦଶମୀ ପୂଜା ଯଥାକ୍ରମେ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ପ୍ରସାଦସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ସଂକଳ୍ପ କର୍ତ୍ତା ଭାବେ ସମାଜସେବୀ ଶ୍ରୀକାନ୍ତ ନାୟକ ଏବଂ ସହଧର୍ମିଣୀ ଚାରୁବାଳା ନାୟକ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପଣ୍ଡିତ ବିଚିତ୍ରାନନ୍ଦ ପଣ୍ଡା, ବସନ୍ତ ଶତପଥୀ ପୂଜା କାର୍ଯ୍ୟ କରିଛନ୍ତି। ପୂଜା ପାଇଁ ଉତ୍ସବ ମୁଖରିତ ହୋଇଛି ଦୋହରାପାଟଣା ସହିତ ଆଖପାଖର ୩ଟି ପଞ୍ଚାୟତ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଯାତ୍ରା ପରିବେଷଣ ହେଉଛି।

## ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୭୦ ବର୍ଷ ପୂର୍ତ୍ତି ଉତ୍ସବ

**ଅସୁରାଳି, ୨୮।୩(ସମିସ):** ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅଧୀନ ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ଲାଟିନମ୍ ଜୁବୁଲି ୭୦ ବର୍ଷ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଭା ପୁରାତନ ଛାତ୍ର ସଂସଦର ସମ୍ପାଦକ ବିରଞ୍ଚି ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟ



ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସର୍ବ ଭାରତୀୟ ଚିକିତ୍ସକ ସଂଘର ସଭାପତି ଡ. ହରେକୃଷ୍ଣ ନାୟକ, ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବାଦଲ ଶିକ୍‌ଦାର, ଶିକ୍ଷାବିତ୍ ଶାନ୍ତନୁ ରାଉତ, ଗୋପବନ୍ଧୁ ନଗର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଦିଲ୍ଲୀପ କୁମାର ରାଉତଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଭଦ୍ରକ ମନମୋହନ ସଙ୍ଗୀତ ପରିଷଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସମସ୍ତ ସଦସ୍ୟ, ବିଦ୍ୟାଳୟର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, ବର୍ତ୍ତମାନର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲ୍ଲୀପ ତ୍ରିପାଠୀ।

## ରାତିସାରା ଅଳିଆ ସଫା କଲେ ପୌରପାଳିକା ସଫେଇ କର୍ମଚାରୀ

**ଭଦ୍ରକ, ୨୮।୩(ସମିସ):** ଶୁକ୍ରବାର ଭଦ୍ରକ ସହରରେ ଐତିହାସିକ ଶ୍ରୀରାମ ନବମୀ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ପାଖାପାଖି ୨ଲକ୍ଷ ଜନତାଙ୍କ ଏହି ବିଶାଳ ଶୋଭାଯାତ୍ରା ବେଳେ ସେମାନଙ୍କୁ ବିଭିନ୍ନ ସଂଗଠନ, ରାଜନୈତିକ ଦଳ ତଥା ବ୍ୟକ୍ତିବିଶେଷଙ୍କ ତରଫରୁ ଥଣ୍ଡା ପାନୀୟ, ଦହି, ଅନ୍ନ ପ୍ରସାଦ ଆଦି ବିତରଣ କରାଯାଇଥିଲା। ଫଳରେ ସହରାଞ୍ଚଳରେ କୁଢ଼ କୁଢ଼ ଅଳିଆ ଆବର୍ଜନା ମୁଖ୍ୟ ରାସ୍ତାରେ ପଡ଼ି ରହିଥିଲା। ତେବେ ବିଳମ୍ବିତ ରାତିରେ ଏହି ସବୁ ଅଳିଆକୁ ରାସ୍ତାଘାଟରୁ ସଫା କରିଥିଲେ ପୌରପାଳିକାର ସଫେଇ କର୍ମଚାରୀ। ବିଳମ୍ବିତ ରାତିରୁ ଶନିବାର ସକାଳ ଯାଏଁ ସଫେଇ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଆରଡ଼ି ଛକଠାରୁ ଆରମ୍ଭ କରି ଅପର୍ତ୍ତିବିନ୍ଧା ଛକ, ପୁରୁଣା କଟେରି ଛକ, କଲେଜ ଛକ, ହେଡ୍ ପୋଷ୍ଟ ଅଫିସ ଛକ, ଥାନା ଛକ, ନୂଆବଜାର, ରାଜଘାଟ ଛକ, କଦମବେଡ଼ା ଛକ, ପୁରୁଣାବଜାର, ଚନ୍ଦନବଜାର ଆଦି ପ୍ରମୁଖ ରାସ୍ତାରୁ ଅଳିଆ ଆବର୍ଜନା, ପାଣିବୋତଲ ଆଦିକୁ ସଫେଇ କରିଥିଲେ। ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାୱାଜି ହବିବିଙ୍କ ନିର୍ଦ୍ଦେଶ ତଥା ପୌରପାଳିକା ଅଧିକାରୀ ଅମର ପୁହାଣଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାମ ହୋଇଥିବାବେଳେ ୫୦ ପୌର ସଫେଇ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ।



## ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ

# ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇଲେ ବିଧାୟକ ସଞ୍ଜୀବ ମଲ୍ଲିକ





**ଭଦ୍ରକ, ୨୮।୩(ସମିସ):** ଭଦ୍ରକର ଗଣପର୍ବ ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ମହାଆଡ଼ମ୍ବରରେ ଉଦ୍‌ଯାପିତ ହୋଇଛି। ନଗର କୀର୍ତ୍ତନ ଓ ମେଢ଼ ପରିକ୍ରମାରେ ପ୍ରାୟ ୨ଲକ୍ଷରୁ ଅଧିକ ଭକ୍ତ ସାମିଲ୍ ହୋଇଥିବା ଜଣାଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ତରଫରୁ ଭଦ୍ରକ ହେଡ୍ ପୋଷ୍ଟ ଅଫିସ ଛକରେ ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ଷ୍ଟଲ୍ ଖୋଲାଯାଇ ହଜାର ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ଅଭିନନ୍ଦନ କରାଯିବା ସହ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। ବିଧାୟକ ଶ୍ରୀ ମଲ୍ଲିକ ନିଜେ ନଗର ସଂକୀର୍ତ୍ତନରେ ଅଂଶ ଗ୍ରହଣ କରି ସମସ୍ତଙ୍କୁ ଭେଟି ସ୍ୱାଗତ କରିଥିଲେ। ବିଧାୟକ ଶ୍ରୀ ମଲ୍ଲିକଙ୍କ ସହ ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଡ. ସଞ୍ଜୟ କୁମାର ଦାସ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ପଣ୍ଡା, ଯୁବ ନେତା ସୂର୍ଯ୍ୟକୁମାର ଦାସ, ମିହିର ମହାନ୍ତି, ବିଜେଡି ନେତ୍ରୀ ଦେବୀଦତା ମହାନ୍ତି, ଦେବହୂତି ମହାପାତ୍ର, ରାଜଲକ୍ଷ୍ମୀ ମହାପାତ୍ର, କାଉନ୍‌ସିଲର ସାହିଦ୍ ଖାଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାସ୍କର ମଲ୍ଲିକ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବ୍ୟବସାୟୀ ପଦ୍ମଲୋଚନ ନାୟକଙ୍କ ପରଲୋକ

**ସହିଦନଗର, ୨୮।୩(ସମିସ):** ଧାମନଗର ବ୍ଲକ ସହିଦନଗର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ପଦ୍ମଲୋଚନ ନାୟକଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୧ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସହିଦନଗର ଓ ଖପରପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପଦ୍ମଲୋଚନ ଶୁକ୍ରବାର ଅପରାହ୍ଣ ଖପରପଦାସ୍ଥିତ ବାସଭବନରେ ଦୁଇ ମହଲା ଛାତରୁ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସହିଦନଗର ବଜାରରେ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଧରି ବ୍ୟବସାୟ ପ୍ରତିଷ୍ଠାନ କରିଥିବା ପଦ୍ମଲୋଚନ ଏକାଧିକ ସାଂସ୍କୃତିକ ଅନୁଷ୍ଠାନ ସହିତ ସମ୍ପୃକ୍ତ ରହିଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଖପରପଦାଠାରେ



ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ଗଙ୍ଗାଧର ମୁଖାଗ୍ନି ଦେଇଥିବାବେଳେ ସାନ ପୁଅ ପୂର୍ବତନ ସରପଞ୍ଚ ଗୟାଧର ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ବରିଷ୍ଠ ନେତା ରଘୁନାଥ ଲେଙ୍କା, ସନ୍ତୋଷ ସାହୁ, ସାମ୍ବାଦିକ କାଳନ୍ଦି ବେହେରା, ସାମ୍ବାଦିକ ମାନସ ପରିଡ଼ା, ସରପଞ୍ଚ ଅନୁସୂୟା ସାହୁ, ଉମାକାନ୍ତ ତ୍ରିପାଠୀ, ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ନାୟକ, ସାମ୍ବାଦିକ ବୈକୁଣ୍ଠ ସାହୁ, ମନୋଜ ଲେଙ୍କା, ରମାକାନ୍ତ ସାହୁ, ମାନସ ଯେନା, ଦେବାଶିଷ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା



**ଧାମନଗର, ୨୮।୩(ସମିସ):** ଧାମନଗର ମାଟିର ଐତିହ୍ୟ ପରମ୍ପରା ଓ ସାଂସ୍କୃତିକ ପରିଚୟ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଉପଲକ୍ଷେ ବିଶାଳ କଳସ ଶୋଭାଯାତ୍ରା ସହ ମହାଯଜ୍ଞ ଆରମ୍ଭ ହୋଇଥିବାବେଳେ ଉତ୍ସବମୁଖର ଧାମନଗର ସହର। ଶନିବାର ସକାଳ ୭ଟାରେ ୧୦୮ କଳସ ସଂକଳ୍ପଧାରୀ ମହିଳା ପୂଜାର୍ଚ୍ଚନା ପରେ ସ୍ଥାନୀୟ ଜୟନଗର ସ୍ଥିତ ଯଂ ନଈରୁ ଜଳ ଗ୍ରହଣ କରିବା ପରେ ଏକ ବିରାଟ ଶୋଭାଯାତ୍ରା ବାହାରି ଜୟନଗର(କୋର୍ଟ ଛକ) ସାନ ବଜାର, ବଡ଼ ବଜାର, ମେଡିକାଲ ବଜାର ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ଦିନ ୧୦ଟା ସମୟରେ ସାଧୁସନ୍ଥ ଓ ଗୋମାତା ପୂଜନ ୧୧ଟାରେ ସୂର୍ଯ୍ୟ ପୂଜା ଓ ଯଜ୍ଞ ଆରମ୍ଭ ହୋଇଥିଲା। ଅପରାହ୍ଣ ୫ଟା ଅଙ୍ଗରଙ୍ଗ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଓଡ଼ିଶୀ ନୃତ୍ୟ, କଳାଜୀବୀ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସନ୍ଧ୍ୟା ୭ଟାରେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ଏହି ଭବ୍ୟ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ୍ ହୋଇଥିଲେ। ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, ଅରବିନ୍ଦ ପତି, ମନୋଜ ମଲ୍ଲିକ, ରଞ୍ଜିତ ମହାନ୍ତି, ରଞ୍ଜିତା ସ୍ୱାଇଁ, ଉମାମଣି ସାହୁ, ପୁଷ୍ପାଞ୍ଜଳି ବେହେରା, ପ୍ରଶାନ୍ତ ପରିଡ଼ା, ବିଜୟ କୁମାର ରାମ, ସୁରେନ୍ଦ୍ର ସେଠୀ, ନାରାୟଣ ଚନ୍ଦ୍ର ରାଉତ, ଦୁର୍ଗାପ୍ରସାଦ ମହାପାତ୍ର, କୃଷ୍ଣ ଚନ୍ଦ୍ର ଜେନାଙ୍କ ସମେତ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଏବଂ ନେତୃମଣ୍ଡଳୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଅନନ୍ତକେଶରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧାମନଗର, ୨୮।୩(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଜୟନଗରସ୍ଥିତ ଅନନ୍ତକେଶରୀ ଉ:ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶନିବାର ଅପରାହ୍ଣ ୪ଟାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟ ବକ୍ତା ଭାବେ ରାମଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ଶିକ୍ଷକ ନେତା ସୁରେନ୍ଦ୍ର ସେଠୀ, ପୂର୍ବତନ ସିଆର୍‌ସିସି ପ୍ରତିଭା ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ ଥାଟେଇ, ଅନିତା ବେହେରା, ଉପେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପରିଡ଼ା, କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାର ଉନ୍ନତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା। ଶିକ୍ଷକ ମନ୍ମଥ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ସିଂହ ଉଦ୍ଦେଶ୍ୟ ଜ୍ଞାପନ ଓ ସମ୍ପାଦକୀୟ ପାଠନ କରିଥିଲେ। ପୂର୍ବତନ ସିଆର୍‌ସିସି ଶିକ୍ଷକ ହବିବୁର କରିମ, ଅବସରପ୍ରାପ୍ତ ଶିକ୍ଷକ ଜତିନ, ସହକାରୀ ଶିକ୍ଷକ ପରମାନନ୍ଦ ବେହେରା, ଦୀପକ ନାୟକଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, କମିଟିର କର୍ମକର୍ତ୍ତା, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଅର୍ଜୁନ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନା ସୂଚନାଫଳକରେ ଚାଲିଛି ନିମ୍ନମାନର କାମ

# ଠିକାଦାର ଓ ଯନ୍ତ୍ରୀଙ୍କ ମିଳିଭଗତରେ ଲୁଟ୍ ଅଭିଯୋଗ

**ଧାମନଗର, ୨୮।୩(ସମିସ)**





ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନରେ ଥିବା ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କାର ନିର୍ମାଣ କାର୍ଯ୍ୟ ଅନିୟମିତତା ଓ ଦୁର୍ନୀତି ଦେଖାଦେଇଥିବା ସତ୍ତ୍ୱେ ପ୍ରଶାସନର ନିର୍ବାକ୍ ଭୂମିକାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନା ଅନୁସାରେ, ସ୍କୁଲ ପରିସରରେ ହେଉଥିବା ପେଭର୍ ବ୍ଲକ କାମରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବାଲି ଭର୍ତ୍ତି ବିନା ସିଧାସଳଖ ମାଟି ଉପରେ ଇଟା ପକାଯାଉଥିବାରୁ କାମର ଦୀର୍ଘସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଟଙ୍କା ଖାଇବା ପାଇଁ ଯୋଜନାବଦ୍ଧ ଚକ୍ରାନ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସହିତ ସ୍କୁଲ ପଛପଟରେ ଥିବା ଗୋଟିଏ ଷ୍ଟୋର୍ ଘରକୁ ଶୌଚାଳୟରେ ପରିଣତ କରାଯାଉଥିବା ବେଳେ ତାହାର ଆକାର ଅତ୍ୟନ୍ତ ଛୋଟ। ପ୍ରାୟ ୩ ଫୁଟ୍ ଲମ୍ବା ଓ ୧ ଫୁଟ୍ ଚଉଡ଼ା ଘରରେ ୧ ଚାଖଡେର କବାଟ ଲାଗୁଛି; ଯାହା ପିଲାମାନେ ସିଧା ଭାବେ ପ୍ରବେଶ କରିପାରୁ ନ ଥିବାରୁ ଏହାକୁ ନାମକେବଳ ଶୌଚାଳୟ ବୋଲି କୁହାଯାଉଛି। ଅନ୍ୟପଟେ ସ୍କୁଲ ଗେଟ୍ ପାଖରେ ଥିବା ଭଲ ମଞ୍ଚକୁ ଅନାବଶ୍ୟକ ଭାବେ ଇଟା ଲଗାଇ ପରିବର୍ତ୍ତନ କରାଯାଉଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, କାମ ନ ଥିଲେ ମଧ୍ୟ କାମ ଦେଖାଇ ଟଙ୍କା ହଡ଼ପ କରିବା ଉଦ୍ଦେଶ୍ୟରେ ଏହିପରି କାର୍ଯ୍ୟ ଚାଲିଛି। ଏଥିସହିତ ସ୍କୁଲ ପଛପଟରେ ଥିବା ଭଲ ନଳକୂଅକୁ ଅବହେଳା କରି ପୁରୁଣା ଚାନ୍ଦିନୀକୁ ମାଟିରେ ପୋତି ହୋଇଥିବାବେଳେ ସେହି ମାଟି ଉପରେ ସିଧା ଢଳାଇ ଓ ଇଟା ଦେଇ ନିର୍ମାଣ କରାଯାଉଛି। ଏହାକୁ ସରକାରୀ ଟଙ୍କାର ସ୍ପଷ୍ଟ ଅପଚୟ ବୋଲି କୁହାଯାଉଛି। ବିଶେଷ କଥା ହେଉଛି ଏତେ ବଡ଼ ଅର୍ଥର କାମ ହେଉଥିବା ସତ୍ତ୍ୱେ ସୂଚନାଫଳକ ଲଗାଯାଇ ନ ଥିବାରୁ ପ୍ରଶାସନର ପାରଦର୍ଶିତା ଉପରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ମତ ଅନୁସାରେ ବିନା ସୂଚନାଫଳକରେ ସ୍କୁଲ କମିଟି, ଠିକାଦାର, କନିଷ୍ଠ ଯନ୍ତ୍ରୀଙ୍କ ମିଳିଭଗତରେ ଏହି ସମସ୍ତ ଅନିୟମିତତା କାର୍ଯ୍ୟ ଚାଲିଛି। ତଥାପି ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସନ୍ଦେହ ବଢ଼ିଛି। ଏନେଇ ତୁରନ୍ତ ଜିଲ୍ଲାପାଳ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସରକାରୀ ଅର୍ଥ ଠିକ୍ ଭାବରେ ବ୍ୟବହାର ହୋଇପାରିବ। ନଚେତ୍ ଆଗାମୀ ଦିନରେ ଅଭିଭାବକ ଓ ଗ୍ରାମବାସୀମାନେ ସ୍କୁଲ୍ ଗେଟ୍ ଆଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଯୋଗାଯୋଗ କଲେ ମଧ୍ୟ ମୁଁ କିଛି ଜାଣି ନାହିଁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଅଚିନ୍ତାରେ କନିଷ୍ଠ ଯନ୍ତ୍ରୀ; ଗାଁ ଗାଁରେ ଜଳକଷ୍ଟ

# ସଚଳ ହେଉନି ଅଚଳ ନଳକୂପ

କୟାଁଗୋଳା,୨୮।୩(ସମିସ)



ଆଗକୁ ଗ୍ରୀଷ୍ମ ପ୍ରବାହ ଆସୁଥିବା ବେଳେ ଦଶରଥପୁର ବ୍ଲକରେ ବିଭିନ୍ନ ସ୍ଥାନରେ ଥିବା ପାନୀୟ ଜଳ ପ୍ରକଳ୍ପ ଠିକ୍ ଭାବରେ କାର୍ଯ୍ୟ କରୁ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦଶରଥପୁର ବ୍ଲକ ୩୫ଟି ପଞ୍ଚାୟତରେ ଏବେ ମାଟି ତଳୁ ପାଣିର ଧାର କମି କମି ଯାଉଥିବାରୁ ଅଧିକାଂଶ ନଳକୂପ ଅଚଳ ହୋଇଯାଉଛି। ବିଭିନ୍ନ ପଞ୍ଚାୟତରେ ଏବେ ବହୁ ପୁରୁଣା ନଳକୂପ ଗୁଡ଼ିକ ପୂର୍ବରୁ ବସିଥିବା ବେଳେ ଏବେ ସେଥିରୁ ପାଣି ବାହାରୁ ନାହିଁ। ସାଧାରଣ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ମାତ୍ର ବାସ୍ତବରେ ଯୋଜନା ସଠିକ୍ ରୂପାୟନ ହୋଇପାରୁ ନାହିଁ। ସରକାର ଅଚଳ ପ୍ରକଳ୍ପକୁ ସଚଳ କରିବା ଏବଂ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖନନ ପାଇଁ ଉଚ୍ଚସ୍ତରୀୟ ବୈଠକ କରୁଛନ୍ତି। ମାତ୍ର ବାସ୍ତବ ଚିତ୍ର କିଛି ଅଲଗା। ଦଶରଥପୁର ବ୍ଲକ ଅଞ୍ଚଳରେ ଶତାଧିକ ନଳକୂପ ଅଚଳ ହୋଇ ପଡ଼ିଛି। ହେଲେ ମରାମତି ନାମରେ ଏହି ନଳକୂପ ଗୁଡିକ ପାଇଁ ପ୍ରତିବର୍ଷ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଥିବା ସୂଚନା ମିଳୁଛି। କେଉଁଠି କାଁ ଭାଁ ମରାମତି କରାଯାଇ ଜାଲ୍ କାଗଜପତ୍ରରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଦଶରଥପୁର ବ୍ଲକରେ ଉକ୍ତ ବିଭାଗର ଦାୟିତ୍ୱରେ ଥିବା ଦୁଇ କନିଷ୍ଠ ଯନ୍ତ୍ରୀ ଦୀର୍ଘ ଦିନ ଧରି ରହିଥିଲେ ମଧ୍ୟ ପାନୀୟଜଳ ଯୋଗାଣ ବ୍ୟବସ୍ଥାରେ କୌଣସି ସୁଧାର ଆସୁନାହିଁ। କୌଣସି ଅଞ୍ଚଳରେ ଯଦି ନଳକୂପ ଅଚଳ ହୋଇଯାଉଛି ଫୋନ୍ ମାଧ୍ୟମରେ ବିଭାଗକୁ ଯୋଗାଯୋଗ କରିଲେ ମଧ୍ୟ ସଠିକ ସମୟ ମଧ୍ୟରେ ତାହା ମରାମତି କରାଯାଉ ନାହିଁ। ଏହି କ୍ରମରେ ବିରିପଟା ପଞ୍ଚାୟତର ବରେଇଁ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ବିଶ୍ୱାଳ ସାହି ପାଖ ନଳକୂପଟି ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିଥିଲେ ମଧ୍ୟ ତାହାକୁ ସଚଳ କରାଯାଉ ନାହିଁ। ସ୍ୱଜଳଧାରା ପ୍ରକଳ୍ପ ଥିଲେ ମଧ୍ୟ ବେଳେ ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଯୋଗୁଁ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ମାତ୍ର ନଳକୂପ ଅଚଳ ହେବା ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ଥିବା ସ୍ୱଜଳଧାରା ପ୍ରକଳ୍ପ ଜରାଜୀର୍ଣ୍ଣ ହୋଇପଡ଼ିଛି। ପ୍ରକଳ୍ପ ଚାରିକଡ଼ରେ ଖଜୁରୀକଣ୍ଟା ଗଛ ସହ ଅନାବନା ଗଛ ମାଡ଼ି ଯାଇଛି।ବିରିପଟା ପଞ୍ଚାୟତରେ ସମସ୍ତ ରାଜସ୍ୱ ଗ୍ରାମରେ ନୂତନ ନଳକୂପ ଖନନ କରାଯାଇଥିବା ବେଳେ ସରପଞ୍ଚଙ୍କ ବୈମାତୃକ ମନୋଭାବ ଯୋଗୁଁ ବରେଇଁ ରାଜସ୍ୱ ଗ୍ରାମରେ ନଳକୂପ ଆବଶ୍ୟକ ଥିଲେ ମଧ୍ୟ ନଳକୂପକୁ ବାସାଇବା ବ୍ୟବସ୍ଥା କରାଗଲା ନାହିଁ। ସ୍ଥାନେ ସ୍ଥାନେ ପାନୀୟ ଜଳ ପାଇପ୍ ଫାଟି ଜଳ ନଷ୍ଟ ହେଉଥିବା ବେଳେ ଏହାକୁ ଧ୍ୟାନ ଦିଆ ଯାଉନାହିଁ। ଜିଲ୍ଲା କିମ୍ବା ବ୍ଲକ୍ ପ୍ରଶାସନ ସୃଷ୍ଟି ହୋଇଥିବା ସମସ୍ୟା ଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

**● ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପ୍ରସଙ୍ଗ**

## ପ୍ରଥମ ପର୍ଯ୍ୟାୟରେ ୨,୩୪୫ କୋଟି ଅଟକଳ

ବାଲିଆପାଳ, ୨୮।୩ (ସମିସ): ବାଲିଆପାଳ ବ୍ଲକର ଚୌମୁଖଠାରେ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ୍ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ) ଦ୍ୱାରା ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ପାଇଁ ୨,୩୪୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ବନ୍ଦରର ପ୍ରଥମ ପର୍ଯ୍ୟାୟ ବିକାଶ ନିମନ୍ତେ ଏହି ଅଟକଳ କରାଯାଇଛି। ଏହି ବନ୍ଦର ନିର୍ମାଣ ଖର୍ଚ୍ଚରେ ଏମ୍ସ୍ଏସ୍ ଟାଟା ଷ୍ଟିଲର ୫୧ ପ୍ରତିଶତ, ରମଣୀ ରାମସ୍ୱାମୀଙ୍କ ସଂସ୍ଥାର ୨୪.୫୦ ପ୍ରତିଶତ ଓ ଆର୍ ରଙ୍ଗରାଜନଙ୍କ ୨୩.୫୦ ପ୍ରତିଶତ ଅଂଶଧନ ରହିଛି। ବନ୍ଦରର ବିକାଶ କାର୍ଯ୍ୟ ସରକାରୀ-ଘରୋଇ ସହଭାଗିତା ଆଧାରରେ କରାଯାଉଛି। ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ହୋଇଥିବା ରିହାତି ଚୁକ୍ତିନାମା ଅନୁଯାୟୀ ବନ୍ଦରର ବିକାଶ ନିମିତ୍ତ ଆବଶ୍ୟକୀୟ ଜମି ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟାରମ୍ଭ ଦିବସରୁ ୪ ବର୍ଷ ମଧ୍ୟରେ ସରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ବନ୍ଦର ନିର୍ମାଣ ପାଇଁ ସାମାନ୍ୟ ବିସ୍ଥାପନ ସମସ୍ୟା ଥିବାରୁ ଜମି ଅଧିଗ୍ରହଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ସେହିପରି ସଡ଼କପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଉଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ କରିଥିବା ପ୍ରଶ୍ନର ଉତ୍ତରରେ ଏହି ସମସ୍ତ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

## ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ବାଲିଆପାଳ, ୨୮।୩ (ସମିସ): ଏହି ବ୍ଲକ ଚାନ୍ଦମଣି ଠାରେ ହଳଦୀଶୂଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାୟାଧର ପରିଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଭୀମ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାସିନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଏବିଇଓ ନମିତାପ୍ରଭା ସାମଲ, ସିଆରସିସି ଶମ୍ଭୁନାଥ ସାହୁ, ଶିକ୍ଷକ ନେତା ଆଦିତ୍ୟ କୁମାର ରାଉତ, ଶିକ୍ଷାବିତ ପ୍ରଭାତ ରଞ୍ଜନ ସାହୁ, ପରିଚାଳନା କମିଟି ସଭାନେତ୍ରୀ ରିନତି ଦାସ ପ୍ରମୁଖ ଯୋଗଦେଇ ଶ୍ରୀ ପରିଡାଙ୍କ ଶିକ୍ଷାର ଉନ୍ନତି ପାଇଁ ଜୀବନ ବ୍ୟାପି ଅବଦାନ ବଖାଣି ଥିଲେ। ଶିକ୍ଷକ ଗଣେଶ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ବ୍ୟବସାୟୀଙ୍କ ପରଲୋକ

ରାଜଘାଟ, ୨୮।୩ (ସମିସ): ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ବେଣାପୁରା ଗ୍ରାମର ରଜନୀକାନ୍ତ ବେହେରା (୪୮) ବାରୁଣୀ ମେଳାରେ ନିଜର ଜଳଖିଆ ଦୋକାନର ଚୌକିରେ ବସିଥିବା ସମୟରେ ଶୁକ୍ରବାର ରାତି ସାଢେ ଦଶଟା ସମୟରେ ହଠାତ ତଳେ ପଡିଯାଇଥିଲେ। ମେଳା କମିଟିର କିଛି ସଦସ୍ୟ ଓ ପରିବାର ଲୋକ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଜନୀ ବେଣାପୁରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଥିବାରୁ ମୃତ ଦେହ ଘରେ ପହଞ୍ଚିବା ପରେ ପରିବାର ପକ୍ଷରୁ ପ୍ରଥେମେ ସେହି ବିଦ୍ୟାଳୟ ଓ ପରେ ଗ୍ରାମର ହାଟକୁ ନେଇ ଶେଷ ଦର୍ଶନ କରାଇଥିଲେ। ରଜନୀଙ୍କ ଚାରି ଅବିବାହିତ ଝିଅ ଥିବାରୁ ପରିବାର କିପରି ପ୍ରତିପୋଷଣ କରିବେ ଚିନ୍ତାରେ ତାଙ୍କ ସ୍ତ୍ରୀ ଏକ ପ୍ରକାର ଭାଙ୍ଗି ପଡିଛନ୍ତି। ଶେଷକୃତ୍ୟ ଗ୍ରାମରେ ଯାଇଥିବା ସୁବର୍ଣ୍ଣରେଖା ନଦୀ କୂଳରେ ସମ୍ପନ୍ନ କରାଯାଇଥିଲା ବଡ ଝିଅ ମୋନାଲିସା ଓ ପୁତୁରା ଅନୁଭବ ମୁଖାଗ୍ନି ଦେଇଥିଲେ।

## ନିୟୁ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ଜଳେଶ୍ୱର ବ୍ଲକ, ୨୮।୩ (ସମିସ): ଭଗତ ସିଂ ଆମ୍ ବଳିଦାନ ଦିବସ ଅବସରରେ ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତ ନିୟୁ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଗୋବରଘଟା ହାଟପଡ଼ିଆସ୍ଥିତ ଓଁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଓ ପ୍ରାକ୍ତନ ସରପଞ୍ଚ ବୁଦ୍ଧେଶ୍ୱର ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିବେ ଭାବେ ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ରବୀନ୍ଦ୍ର ବାରିକ ଓ ସତ୍ୟବ୍ରତ ପ୍ରଧାନ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବ ସଭାପତି ଉତ୍ତମ କୁମାର ପ୍ରଧାନ ଓ ସମ୍ପାଦକ ରାଜେଶ କୁମାର ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୨୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

**● ଅପପୁଷ୍ଟି ରୋକିବାକୁ ନୂଆ ପ୍ରଚେଷ୍ଟା 'ଅନ୍ନପୂର୍ଣ୍ଣା'**

## ଶିଶୁମାନଙ୍କୁ ପୁଷ୍ଟିକର ଭୋଜନ ବଣ୍ଟନ

ପାଣିକୋଇଲି,୨୮।୩(ସମିସ): କୁପୋଷଣ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ କଳିଙ୍ଗ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସ (କେଜିଆଇ) ଓ ଆର୍ଯ୍ୟାଲେକ୍ସ ଫାଉଣ୍ଡେସନ୍ ଫର୍ ସୋସିଆଲ୍ ଆକ୍ଟିଭିଟିଜ୍ (ଆଫସା)ଙ୍କ ମିଳିତ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା "ଅନ୍ନପୂର୍ଣ୍ଣା' କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ମଧ୍ୟ ସଫଳତାର ସହ ଜାରି ରହିଛି। ଦ୍ୱିତୀୟ ଦିନରେ କୋରେଇ ବ୍ଲକ୍ ଅନ୍ତର୍ଗତ ପଥରପଦା ଗ୍ରାମପଞ୍ଚାୟତର ବେଙ୍ଗାସାହି ସହିତ ଅଳତିରିର ଆଦିବାସୀ ବସ୍ତି ଅଞ୍ଚଳରେ ପହଞ୍ଚି ଏହି ପ୍ରଚେଷ୍ଟା ଅଧୀନରେ ପ୍ରାୟ ୩୦ ଜଣ କୁପୋଷଣ ଆକ୍ରାନ୍ତ ଶିଶୁ ଓ ସେମାନଙ୍କର ଅଭିଭାବକଙ୍କୁ ପୁଷ୍ଟିକର ଭୋଜନ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଲୋକମାନେ ଏହି ପ୍ରଚେଷ୍ଟାକୁ ଅଭିନନ୍ଦନ ଜଣାଇବା ସହିତ ଏହା ଅଞ୍ଚଳରେ କୁପୋଷଣ ହ୍ରାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ପ୍ରକାଶ କରିଥିଲେ।



ଖାଦ୍ୟ ବଣ୍ଟନ ସମୟରେ ଯାଜପୁର ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ବଣ୍ଟନ କରିଥିଲେ। ଆଫସାର କର୍ମଚାରୀ ସୁଚିସ୍ମିତା ଦାସ ଓ ଶ୍ରୀଧର ଘଡ଼ାଇ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଜ୍ୟୋତିର୍ମୟୀ ମହାନ୍ତ, ପୁଷ୍ପଲତା ମହାପାତ୍ର, ଆଞ୍ଚଲ ଆଇଚ, ନାସିରୁଦ୍ଦିନ ଖାନ ଓ ଶୁଭମ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କେଜିଆଇ ଓ ଆଫସାର ଏହି "ଅନ୍ନପୂର୍ଣ୍ଣା' ପ୍ରଚେଷ୍ଟା ଲଗାତାର ଭାବରେ ଗ୍ରାମାଞ୍ଚଳରେ ପହଞ୍ଚି କୁପୋଷଣ ବିରୋଧରେ ଲଢୁଥିବା ବେଳେ ଏହା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ନୂତନ ଆଶା ଓ ବିଶ୍ୱାସ ସୃଷ୍ଟି କରୁଛି।

**● ଏସିଏଫ୍ଙ୍କ ମାଡ଼ରେ ଫରେଷ୍ଟଗାର୍ଡ ଲହୁଲୁହାଣ ଘଟଣା**

## '୨୪ ଘଣ୍ଟାରେ ଅଭିଯୁକ୍ତକୁ ଗିରଫ ନକଲେ ଆତ୍ମାହୁତି ଦେବୁ'

ବାଲେଶ୍ୱର, ୨୮।୩(ସମିସ) : ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡିହା ଫରେଷ୍ଟ ରେଞ୍ଜରେ ବନ ବିଭାଗର ଏସିଏଫ ଜଣେ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କୁ ୨୫ ତାରିଖ ବିଳମ୍ବିତ ରାତିରେ ନିର୍ମମ ଭାବେ ପିଟି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଥିଲା। ୪ ଦିନ ଧରି ଫରେଷ୍ଟଗାର୍ଡ ଜଣକ ରେମୁଣା ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲରେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଘଟଣା ପରେ ଏବେ ବିବାଦରେ ଛନ୍ଦି ହୋଇଛନ୍ତି ବରହମପୁର ଥାନା ଆଇଆଇସି ପ୍ରେମଦା ନାୟକ। ଏସିଏଫ ସୁବ୍ରତ ବେହେରାଙ୍କ ସହ ଅନ୍ୟ ବନ କର୍ମଚାରୀଙ୍କ ନାମରେ ପୀଡ଼ିତ ଫରେଷ୍ଟଗାଡର୍ ପଦ୍ମଲୋଚନ ପାତ୍ର ବରହମପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି ସତ, ହେଲେ ମାମଲାରେ ଦଫା କୋହଳ କରିଥିବାର ଅଭିଯୋଗ ଆଣିଛନ୍ତି ପୀଡ଼ିତ ଫରେଷ୍ଟଗାଡର୍ଙ୍କ ସ୍ତ୍ରୀ ଦୀପ୍ତିମୟୀ ପାତ୍ର। ଦୀପ୍ତିମୟୀଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀଙ୍କୁ ଏସିଏଫ ଏବଂ ଅନ୍ୟ ବନ କର୍ମଚାରୀ ମିଶି ଆକ୍ରମଣ କରିଥିଲେ। ବରହମପୁର ଥାନାରେ ମୋ ସ୍ୱାମୀ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ବନ ବିଭାଗର ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ କୋହଳ ଦଫାରେ ମାମଲା ରୁଜୁ କରିଥିବା ବେଳେ ଥାନା ଆଇଆଇସିଙ୍କୁ ମଧ୍ୟ ତଦନ୍ତ ପରିସରକୁ ଅଣାଯାଇ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ମେଡ଼ିକାଲ ବେଡ଼ରୁ ଫରେଷ୍ଟଗାର୍ଡ ଶ୍ରୀ ପାତ୍ର ବରହମପୁର ଥାନାରେ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏସିଏଫ ସୁବ୍ରତ ବେହେରାଙ୍କ ସହ ଅନ୍ୟାନ୍ୟଙ୍କ ନାମରେ ୪୧/୨୦୨୬ ରେ ଏକ ମାମଲା ରୁଜୁ କରିଥିବାବେଳେ ପ୍ରତିପକ୍ଷ ଭାବେ ଏସିଏଫ ମଧ୍ୟ ଥାନାରେ ପାଲଟା ଅଭିଯୋଗ ଦାଖଲ କରିଥିବାରୁ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରାନଗଲେ ସମୂହ ପରିବାର ସହ ଫରେଷ୍ଟଗାଡର୍ଙ୍କ ସ୍ତ୍ରୀ ଥାନା ସମ୍ମୁଖରେ ଆତ୍ମହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଇମ୍ଫା ତରଫରୁ ସ୍ୱାସ୍ଥ୍ୟ ଶିବିର




ଯଖପୁରା,୨୮।୩(ସମିସ): ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ ଯଖପୁରା ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍ଗାବନ୍ଧୀ ପ୍ରୋଜେକ୍ଟ ୟୁପି ସ୍କୁଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟସେବା ଶିବିରକୁ ଅଞ୍ଚଳର ବିଶିଷ୍ଟ ସମାଜସେବୀ ହଳଧର ନାୟକ, ପଞ୍ଚାୟତର ବରିଷ୍ଠ ନାଗରିକ ଗଣେଶ୍ୱର ସାହୁ, ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗର ଜିଏମ୍ ଜିଏସପି ରାଓ ଏବଂ ଦାନଗଦି ବ୍ଲକ ସିଏଚସିର ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ, ଡ. ଜ୍ୟୋତି ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅଞ୍ଚଳର ସମାଜସେବୀ, ରାକେଶ ଆଇଚ ଓ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଇମ୍ଫା ତରଫରୁ ଲୋକସମ୍ପର୍କ ବିଭାଗର ଡିଜିଏମ୍ ବାସୁଦେବ ମୁଣ୍ଡା ଏବଂ ପ୍ରିୟବ୍ରତ କେଶି ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେସନ ତରଫରୁ ଅଞ୍ଚଳରେ ଚାଲୁଥିବା କନ୍ୟା ଏକ୍ସପ୍ରେସ, ଇ-ଶିକ୍ଷା ଏକ୍ସପ୍ରେସ ଏବଂ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅଞ୍ଚଳରେ ବିକାଶଧାରକୁ ତ୍ୱରାନ୍ୱିତ କରିବ ବୋଲି ଇମ୍ଫାର ଅଧିକାରୀମାନେ କହିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡ. ଜ୍ୟୋତି ମହାପାତ୍ର, ଶିଶୁରୋଗ ବିଭାଗର ଡ. ପ୍ରୟାଗଜିତ ରାଉତରାୟ ଓ ଭେଷଜ ବିଭାଗର ଡ. ସାଇ ସିକନ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଚିକିତ୍ସା କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ ବାଲୁଙ୍ଗାବନ୍ଧୀ ଏବଂ ଅଁଳାପାଳ ଗ୍ରାମର ପ୍ରାୟ ୨୩୩ ଜଣ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହିତ ଔଷଧ ବଣ୍ଟାଯାଇଥିଲା। ଶିବିରକୁ ସୁଜିତ କୁମାର ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେସନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟଶିବିରରେ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ମହାମାୟା ମହାଦେବ ପାଳ ପ୍ରମୁଖ ସହଯୋଗ କରିଥିଲେ।

## ରାମବାଗରେ ବାସନ୍ତୀ ଦୁର୍ଗାପୂଜା

କୟାଁଗୋଳା,୨୮।୩(ସମିସ): ଦଶରଥପୁର ବ୍ଲକ ରାମବାଗ ହାଇସ୍କୁଲ ନିକଟସ୍ଥ ବଜାରରେ ବାସନ୍ତୀ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାମଣ୍ଡପରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ରଙ୍ଗବେରଙ୍ଗ ଆଲୋକସଜାରେ ବେଶ୍ ଆକର୍ଷଣୀୟ ଦେଖାଯାଇଛି। ପ୍ରତିସନ୍ଧ୍ୟାରେ ମଣ୍ଡପ ନିକଟରେ ଭଜନସନ୍ଧ୍ୟା, କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଆଖପାଖର ଗ୍ରାମରୁ ଶ୍ରଦ୍ଧାଳମାନେ ଆସି ମା'ଙ୍କ ଦର୍ଶନ ପାଇଁ ଭିଡ ଜମାଉଛନ୍ତି। ଏହି ବାସନ୍ତୀ ଦୁର୍ଗାପୂଜା ୫୫ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେବ ପୂଜା ହୋଇଆସୁଥିବା ଦେଖିବାକୁ ମିଳୁଅଛି। ପୂଜାକମିଟିର ସଭ୍ୟ ଅନ୍ନଦାପ୍ରସାଦ ସିଂହ, ଶ୍ରୀନିବାସ ଜେନା, ଗଙ୍ଗାଧର ସାହୁ, ପ୍ରଦୀପ ନାୟକ, ପର୍ଶୁରାମ ବଜାପେୟୀ, ଗଣେଶ ଚନ୍ଦ୍ର ବାଜପେୟୀ ପ୍ରମୁଖ ଦେବୀଙ୍କ ପୂଜାକୁ ସଫଳ ଭାବେ କରାଇଥିବା ବେଳେ ପୂଜା କମିଟିର ସଭାପତି ପରମେଶ୍ୱର ଜେନା, ସମ୍ପାଦକ କେଦାରନାଥ ଜେନା, କମିଟିର ସଭ୍ୟ ପାପନ, କାହ୍ନୁ, ବାଦଲ, ବାବୁଆ, ସରୋଜ, ଶଶିକାନ୍ତ, ଟୁକୁନା, ଶାନ୍ତନୁ, ଶିବପ୍ରସାଦ, ଚନୁଆ ଭାଇ ପ୍ରମୁଖ ସହଯୋଗ କରିଛନ୍ତି।



## ଔପଦା ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟା

ଔପଦା,୨୮।୩ (ସମିସ): ଆମ ମାଟିର ପରମ୍ପରାକୁ ପାଥେୟ କରି ଔପଦା ସରକାରୀ ପିଏମଶ୍ରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସମ୍ମୁଖ ଖେଳପଡ଼ିଆରେ ଅନୁଷ୍ଠିତ "ଔପଦା ଆଞ୍ଚଳିକ ମହୋତ୍ସବ'ର ତୃତୀୟ ସନ୍ଧ୍ୟା ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସମାରୋହରେ ପରିଣତ ହୋଇଛି। ନୀଳଗିରିର ଯୁବ ସାମ୍ବାଦିକ ଅଶେଷ ସଙ୍କୁ ତାଙ୍କର ନିର୍ଭୀକ ସାମ୍ବାଦିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସ୍ତରରେ ପୁରସ୍କୃତ ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରିଙ୍କୁ ତାଙ୍କର ଅନନ୍ୟ କଳାକୃତି ଓ ଶିଳ୍ପ ନୈପୁଣ୍ୟ ପାଇଁ ସମ୍ମାନିତ କରାଯାଇଛି। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବ୍ୟଙ୍ଗକାର ଜ୍ଞାନ ହୋତା ଯୋଗଦେଇ ପ୍ରତିଭାଧାରୀମାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ନରହରି ନାୟକ, ଉପସଭାପତି ହରିହର ଜେନା ଏବଂ ଉପଦେଷ୍ଟା ଭଗବାନ ଚରଣ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ପ୍ରସାଦ ବାରିକ ପରିଚାଳନା କରିଥିଲେ। ସଂଗ୍ରାମ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିଡ଼ିଆ କୋଡିନେଟର ବିଶ୍ୱରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଔପଦା ବନାଞ୍ଚଳ ଅଧିକାରୀ ହରିହର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମୁନୀ ସିଂ, ମହୋତ୍ସବ କମିଟି ଉପଦେଷ୍ଟା ମହେଶ୍ୱର ମିଶ୍ର, କମିଟି ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

**● ଘରେ ନିଆଁ ଲଗାଇ ଦେଲା ଯୁବକ**

## ଜଳିଗଲେ ୩ ଛେଳି, ପୋଡ଼ିଗଲା ସ୍କୁଟି

ବାଲିଚନ୍ଦ୍ରପୁର,୨୮।୩(ସମିସ): ଗତକାଲି ବିଳମ୍ବିତ ରାତିରେ ଜଣକ ଚାଳ ଘରେ ଜଣେ ଯୁବକ କୌଣସି କାରଣରୁ ନିଆଁ ଲଗାଇ ଛୁ ମାରିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ଗୋଟିଏ ବଖରା ଚାଳ ଘର ସହିତ ୩ଟି ଛେଳି ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଏଥି ସହିତ ସେହି ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ବେଳେ ଗୋଟିଏ ସ୍କୁଟରର କିଛି ଅଂଶ ପୋଡି ଯାଇଥିଲା। ତେବେ ନିଆଁ ବ୍ୟାପିବା ପରେ ଘର ଲୋକେ ଆସି ଦେଖିଲା ବେଳକୁ ଜଣେ ଯୁବକ ସେଠାରୁ ଦୌଡ଼ି ପଳେଇ ଯାଉଥିଲା। ଯୁବକର ମୋବାଇଲ ସେଠାରେ ପଡ଼ି ଯିବା ପରେ ପରିବାର ଲୋକେ ତାହାକୁ ସଂଗ୍ରହ କରିଥିଲେ। ଏଭଳି ଏକ ଘଟଣା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଗ୍ରାମର ପଠାନ ମାହାଲା ଗ୍ରାମରେ ଘଟିଛି। ସୂଚନା ମୁତାବକ ଏହି ଗ୍ରାମର ଜଲାଲ ଖାଁଙ୍କ ଚାଳ ଘରେ ସେହି ଗ୍ରାମର ଫୁରକାନ ଖାଁ ଗତକାଲି ରାତିରେ ନିଆଁ ଲଗାଇ ଦେଇଥିବା ନେଇ ଆଜି ତାଙ୍କ ପତ୍ନୀ ମମତାଜ ବିବି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୧୧୫/୨୬ରେ ଏକ ମାମଲା ରୁଜୁ କରାଯାଇଛି। ତେବେ ପୁଲିସ ଘଟଣା ସ୍ଥଳକୁ ଯାଇ ଯୁବକର ମୋବାଇଲ ଜବତ ପୂର୍ବକ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଥିବା ନେଇ ପୁଲିସ ଏସ୍ଆଇ ହରିଶ୍ଚନ୍ଦ୍ର ସିଂହ ସୂଚନା ଦେଇଛନ୍ତି।

## ଉତ୍କଳଜ୍ୟୋତି ଗୟାଧର ଚିର ସ୍ମରଣୀୟ

ଭଦ୍ରକ,୨୮।୩(ସମିସ): ଉତ୍କଳଜ୍ୟୋତି ସ୍ୱାଧୀନତା ସଂଗ୍ରାମୀ ଗୟାଧର ବାରିକ ଗାନ୍ଧିଜୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଉତ୍ସର୍ଗୀକୃତ ଭାବେ ଯେଉଁ ମହାନ୍ କାର୍ଯ୍ୟ କରିଯାଇଛନ୍ତି ତାହା ଚିର ସ୍ମରଣୀୟ। ସ୍ୱାଧୀନତା ପରବର୍ତ୍ତୀ କାଳର ସମାଜସେବା କ୍ଷେତ୍ରରେ ସେ ଥିଲେ ପ୍ରଣମ୍ୟପୁରୁଷ ବୋଲି ସ୍ୱର୍ଗତ ବାରିକଙ୍କ ୧୬ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ଅବସରରେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ସଂସ୍କୃତି ଭବନରେ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ଡ. ଭାଗବତ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ବିଶାରଦ ଡ. ସଦାନନ୍ଦ ଦୀକ୍ଷିତ, ବିଶିଷ୍ଟ ବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ. ବ୍ରଜ ମୋହନ ମିଶ୍ର, ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲ୍‌ୱାଜି ହବିବ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଉପେନ୍ଦ୍ର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, ଗୟାଧର ପଣ୍ଡା ମଞ୍ଚ ଆମନ୍ତ୍ରଣ, ଅଧ୍ୟାପକ ନାସିର ବକ୍ସ ଅତିଥି ପରିଚୟ ଓ ନାଟ୍ୟଶ୍ରୀ ନିର୍ମଳ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ହରେକୃଷ୍ଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସଂଯୁକ୍ତା ବଳ ମାନପତ୍ର ପାଠ କରିଥିଲେ। ଗାନ୍ଧୀ ବାଳାଶ୍ରମର କୃତୀ ଛାତ୍ର ରାମଦାସ ମାଝୀ, ଭଦ୍ରକ ପୌରପାଳିକାର ସଫେଇ କର୍ମଚାରୀ ଲିଲି ନାୟକ, ଜିଲ୍ଲାର ଯୁବ କ୍ରିକେଟ୍ ପ୍ରତିଭା ପୂଜାରାଣୀ ଦାସ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ବାରିକଙ୍କ ସପରିବାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଚାନ୍ଦବାଲି ବନ୍ଦରର ପ୍ରତିଷ୍ଠା ଦିବସ

ଭଦ୍ରକ,୨୮।୩(ସମିସ): ୧୮୮୧ ମସିହା ମାର୍ଚ୍ଚ ୨୮ ତାରିଖରେ ଇଂରେଜମାନେ ଚାନ୍ଦବାଲି ନଦୀ ବନ୍ଦରକୁ ସରକାରୀ ସ୍ୱୀକୃତି ଦେଇଥିଲେ। ଉଭୟ ଯାତ୍ରୀ ଓ ମାଲ୍ ପରିବହନ ଏବଂ କୋଲକାତା ସହିତ ଓଡ଼ିଶାକୁ ଯୋଡ଼ିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେତେକ କାରଣ ପାଇଁ ୧୯୬୨ରେ ଏହା ବନ୍ଦ ହୋଇଯାଇଥିଲା। ଚାନ୍ଦବାଲି ବନ୍ଦରର ପ୍ରତିଷ୍ଠା ଦିବସ ଶନିବାର ପୂର୍ବାହ୍ଣରେ ମତୋ ଗ୍ରାମ ପଞ୍ଚାୟତ ସଭାଗୃହ ପରିସରରେ ଶିକ୍ଷାବିତ୍ ସାଧୁ ଚରଣ ନାୟକଙ୍କ ଅଧ୍ୟକ୍ଷତା ଓ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ବନ୍ଦରର ପୁନରୁଦ୍ଧାର ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ମତୋ ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ, ମୁଖ୍ୟବକ୍ତା ଭାବରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ରଣା, ଶ୍ରମିକ ନେତା ବ୍ରହ୍ମାନନ୍ଦ ପରିଡ଼ା, ଅବସରପ୍ରାପ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ବେଣୁଧର ନାୟକ, ପ୍ରାକ୍ତନ ଏବିଇଓ ଜୟକୃଷ୍ଣ ନାୟକ, କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ସହ ଆୟୋଜକ ମଙ୍ଗୁଳି ଚରଣ ବେହେରା, ସାମାଜିକ କର୍ମୀ ସୁକାନ୍ତ କୁମାର ଦାଶ ପ୍ରମୁଖ ବନ୍ଦରର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ନବଘନ ସାମଲ, କବି ମନୋଜ ଭଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ସଜନ ସୁନ୍ଦର ସେଠୀ, ପ୍ରଶାନ୍ତ ପାଣିଗ୍ରାହୀ, ନିମାଇଁ ଚରଣ ଦାସ, ପ୍ରଶାନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ପରମେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




**ହାଇକୋର୍ଟରେ ଧୂଷୁରୀ ଏନ୍ଏସି ଗଠନ ମାମଲା**

## କାର୍ଯ୍ୟକାରିତା ନେଇ ବଢ଼ିଲା ଅନିଶ୍ଚିତତା

ଅସୁରାଳି,୨୮।୩(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଧାମନଗର ବ୍ଲକ୍‌ର ଧୂଷୁରୀ ପଞ୍ଚାୟତକୁ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି) ଭାବେ ଘୋଷଣା କରାଯାଇଥିବା ବେଳେ ଏବେ ଏହାକୁ ନେଇ ଆଇନଗତ ବିବାଦ ମୁଣ୍ଡ ଟେକିଛି। ଏନ୍ଏସି ଗଠନ ପ୍ରକ୍ରିୟାରେ ନିୟମାବଳୀ ଉଲ୍ଲଙ୍ଘନ କରାଯାଇଥିବା ଅଭିଯୋଗ କରି ଧୂଷୁରୀ ପଞ୍ଚାୟତର ନାଏବ ସରପଞ୍ଚ ସଂଯୁକ୍ତା ବାରିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଫଳରେ ଏପ୍ରିଲ୍ ମାସରୁ କାର୍ଯ୍ୟକ୍ଷମ ହେବାକୁ ଥିବା ଏହି ନୂତନ ଏନ୍ଏସିର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଧୂଷୁରୀ ପଞ୍ଚାୟତ ସମେତ ପାର୍ଶ୍ୱବର୍ତ୍ତୀ କୋଠାର, ବମକୁରା ଓ ନଦୀଗାଁ ପଞ୍ଚାୟତର କିଛି ଅଂଶକୁ ମିଶାଇ ପ୍ରାୟ ୧୦ ହଜାର ୩୪୯ ଜନସଂଖ୍ୟା ବିଶିଷ୍ଟ ଏହି ଏନ୍ଏସି ଗଠନ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଗତ ଫେବୃଆରୀ ୧୨ ତାରିଖରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୧୪ଟି ୱାର୍ଡକୁ ନେଇ ଏପ୍ରିଲ ପହିଲାରୁ ଏହା କାର୍ଯ୍ୟକ୍ଷମ ହେବାର ଥିଲା। ତେବେ ଏହି ପ୍ରକ୍ରିୟାକୁ ବିରୋଧ କରି ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏନ୍ଏସି ଗଠନ ବେଳେ ଭୌଗୋଳିକ ଓ ସାମାଜିକ ସ୍ଥିତିକୁ ଅଣଦେଖା କରାଯାଇଛି। ସାହସପୁର ପଞ୍ଚାୟତକୁ ବାଦ୍ ଦେଇ ଦୂରବର୍ତ୍ତୀ ଅନ୍ୟ ଗ୍ରାମଗୁଡ଼ିକୁ ସାମିଲ୍ କରାଯିବା ଏବଂ ଧୂଷୁରୀ ଏକ ବନ୍ୟାଞ୍ଚଳ ହୋଇଥିବାରୁ ଏଠାକାର ଆର୍ôଥକ ଅନଗ୍ରସର ଓ ଜନଜାତି ବର୍ଗର ଲୋକେ ସହରାଞ୍ଚଳ ଟିକସ ବୋଝ ସହିପାରିବେ ନାହିଁ ବୋଲି ଅଭିଯୋଗ ହୋଇଛି। ଏନ୍ଏସି ହେଲେ ଲୋକେ ସରକାରୀ ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ରହିଥିବା ପିଟିସନରେ ଦର୍ଶାଯାଇଛି। ଆସନ୍ତା ଏପ୍ରିଲ୍ ୧୩ ତାରିଖରେ ହାଇକୋର୍ଟରେ ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ, ବର୍ତ୍ତମାନ ଏନ୍ଏସି କାର୍ଯ୍ୟକାରୀ ହେବା ନେଇ ସ୍ଥାନୀୟ ଅଞ୍ଚଳରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## ସିମୁଳିଆ ଚାଷୀଙ୍କ ଦୁଃଖ ବୁଝିବ କିଏ?

ସିମୁଳିଆ, ୨୮।୩ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଚଣ୍ଡୀଘର ସୋସାଇଟି ଓ କର୍କୋଣା ସିମୁଳିଆ ଅଧୀନରେ ଥିବା ୯ଟି ମଣ୍ଡିର ଚାଷୀଙ୍କ ଧାନ କିଣିବାର ଅବଧି ମାର୍ଚ୍ଚ ୩୧ରେ ଶେଷ ହେଉଥିବା ବେଳେ ଚାଷୀଙ୍କର ଧାନ ପକାଇ ରାତି ରାତି ଜଗିବା ସତ୍ତ୍ୱେ ଚାଷୀଙ୍କ ଧାନ କିଣା ହୋଇ ପାରୁନାହିଁ। ଯେଉଁ ଚାଷୀଙ୍କର ୧୫ % ଧାନ କଟାଯିବ ହେି ଚାଷୀ ଧାନ ଦେବେ ବୋଲି ଧମକ ଦିଆଯାଉଛି। ଏ ବାବଦରେ ସିମୁଳିଆ ଖାଦ୍ୟ ଯୋଗାଣ ଅଧିକାରୀ ଓ ସିମୁଳିଆ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ସିମୁଳିଆ ବ୍ଲକରେ ୯ଟି ମଣ୍ଡିର ଅସନ୍ତୋଷ ଚାଷୀ ଦୁଃଖ ବୁଝିବ କିଏ? ଚଣ୍ଡୀଘର ସୋସାଇଟି ବରୀରେ ମାତି ଛନ୍ତି ଅସାଧୁ ବେପାରୀ। ତଳରୁ ଉପର ଯାଏଁ ଦଲାଲ ରାଜ୍। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ଜଳେଶ୍ୱର, ୨୮।୩ (ସମିସ) : ଗତକାଲି ଅପରାହ୍ନ ୫ଟା ବେଳେ ନୀଳାଚଳ ଏକ୍ସପ୍ରେସରୁ ଖସିପଡି ଜଣେ ଯୁବକ ମୃତ୍ୟୁବରଣ କରିଛି। ଅନୁଗୁଳ ଜିଲ୍ଲା ଆମ୍ବପାଳ ଗାଁର କରୁଣାକର ଦାସଙ୍କ ପୁଅ ବିକାଶ ରଂଜନ ଦାସ (୩୭) ନୀଳାଚଳ ଏକ୍ସପ୍ରେସ୍‌ରେ ପରିବାରବର୍ଗ ସହ ହରିଦ୍ୱାର ତୀର୍ଥ ସ୍ଥାନ ଯାଉଥିଲେ। ପାଣି ଭର୍ତ୍ତି କରିବା ଲାଗି ଜଳେଶ୍ୱର ଷ୍ଟେସନରେ ଓହ୍ଲାଇଥିଲେ। ଟ୍ରେନ୍ ଛାଡିଦେବାରୁ ତରତର ହୋଇ ଟ୍ରେନ୍‌କୁ ଉଠିଲାବେଳେ ଗୋଡ ଖସିଯିବାରୁ ଟ୍ରେନ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାକୁ ଜିକେଭଙ୍ଗର ହସ୍‌ପିଟାଲକୁ ନିଆଯାଇଥିଲାବେଳେ ଡାକ୍ତର ତାକୁ ମୃତ ଘୋଷଣ କରିଥିଲେ। ଖବରପାଇ ସ୍ତ୍ରୀ ସହିତ ପରିବାରବର୍ଗ ଖଡଗପୁରରୁ ଫେରିଥିବା ବେଳେ ଶବ ବ୍ୟବଚ୍ଛେଦ ବାଲେଶ୍ୱରରେ ହେବ ବୋଲି ଜଣାଯାଇଛି।

### ଏସ୍‌ସିବି ଅଗ୍ନିକାଣ୍ଡ ପରେ ଚେତୁନି ବାଲେଶ୍ୱର ଜିଲ୍ଲା ପ୍ରଶାସନ

# କାଗଜକଲମରେ ଚାଲିଛି ଅଗ୍ନି ନିରାପତ୍ତା

ବାଲେଶ୍ୱର, ୨୮।୩ (ସମିସ)

କଟକ ଏସସିବି ମେଡ଼ିକାଲର ଭୟାବହ ଅଗ୍ନିକାଣ୍ଡରେ ରୋଗୀ ମୃତ୍ୟୁ ଘଟଣା ପରେ ସାରା ରାଜ୍ୟରେ ଚିକିତ୍ସାଳୟଗୁଡ଼ିକର ଅଗ୍ନି ନିରାପତ୍ତା ନେଇ

ତତ୍ପରତା ଦେଖାଦେଇଛି। ହେଲେ ବାଲେଶ୍ୱର ଜିଲ୍ଲାର ପରିସ୍ଥିତି ଦେଖିଲେ ଚିନ୍ତା ଆହୁରି ବଢୁଛି। ଜିଲ୍ଲା ମୁଖ୍ୟ ହସ୍ପିଟାଲ୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହର ସହ ଗ୍ରାମାଞ୍ଚଳର ଅନେକ ଘରୋଇ ନର୍ସିଂହୋମ ଓ କ୍ଲିନିକ୍‌ରେ ଫାୟାର ସେଫ୍‌ଟି ବ୍ୟବସ୍ଥା ନେଇ ଗୁରୁତର ଅବହେଳା ଚିତ୍ର ସାମ୍ନାକୁ ଆସିଛି।

ସରକାରୀ ଆକଳନ ଅନୁଯାୟୀ ଜିଲ୍ଲାରେ ଗୋଟିଏ ମେଡ଼ିକାଲ କଲେଜ ଓ ହସପିଟାଲ, ୧ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୧୦ରୁ ଅଧିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫୦ରୁ ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୦୦ରୁ ଅଧିକ ଘରୋଇ ଚିକିତ୍ସାଳୟ ଚାଲୁ ଥିବା ସତ୍ତ୍ୱେ ଏତେ ବଡ଼ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅଗ୍ନି ସୁରକ୍ଷା ନିୟମ ପାଳନ ପ୍ରାୟ ଶୂନ୍ୟ ବୋଲି ଅଭିଯୋଗ ହେଉଛି। ଅନେକ ହସ୍ପିଟାଲରେ ଫାୟାର ଏକ୍ସଟିଙ୍ଗୁଇସର ଲଗାଯାଇଥିଲେ ମଧ ସେଗୁଡ଼ିକ ଅବଧି ସରିଯାଇଛି, ଅନେକ ସ୍ଥାନରେ ଫାୟାର ଆଲାର୍ମ ସିଷ୍ଟମ ଅଚଳ ଅବସ୍ଥାରେ ରହିଛି, ସ୍ପ୍ରିଙ୍କଲର ବ୍ୟବସ୍ଥା ନଥିବା ସହ ଆପାତକାଳୀନ ନିର୍ଗମ ପଥ ବନ୍ଦ କିମ୍ବା ଅବରୋଧିତ ରହିଥିବା ଦେଖାଯାଇଛି। ସରକାରୀ ହସ୍ପିଟାଲରେ ମଧ ପରିସ୍ଥିତି କିଛି ଭିନ୍ନ ନୁହେଁ ଯନ୍ତ୍ରଗୁଡ଼ିକ ଥିଲେ ମଧ ସେଗୁଡ଼ିକ ବ୍ୟବହାର ଯୋଗ୍ୟ ଅବସ୍ଥାରେ ନଥିବା ସହ କର୍ମଚାରୀମାନଙ୍କୁ କୌଣସି ପ୍ରଶିକ୍ଷଣ ମଧ ଦିଆଯାଇନାହିଁ। ଅନ୍ୟପଟେ ଘରୋଇ ମେଡ଼ିକାଲଗୁଡ଼ିକରେ ନିୟମ ଉଲ୍ଲଂଘନ ଆହୁରି ଗମ୍ଭୀର ଭାବରେ ଦେଖାଯାଉଛି। ଅଗ୍ନି ସୁରକ୍ଷା ନିକାଶ ପଥ ନଥିବା, ଏକ ସ୍ଥାନରେ ଅଧିକ ରୋଗୀ ଭର୍ତ୍ତି କରାଯାଇଥିବା ସହ ଅନେକ ସଂସ୍ଥାର ଫାୟାର ସେଫଟି ସର୍ଟିଫିକେଟ ତାରିଖ ସମାପ୍ତ ହୋଇଥିବା ସତ୍ତ୍ୱେ କାର୍ଯ୍ୟ ଚାଲିଥିବା ଅଭିଯୋଗ ମିଳୁଛି। ଏହି ସବୁ ଅବସ୍ଥା ସତ୍ତ୍ୱେ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେଉଥିବା ଦାବି କରାଯାଉଛି, କିନ୍ତୁ ତୃଣମୂଳ ସ୍ତରରେ ସେହି ଯାଞ୍ଚର ପ୍ରଭାବ ଦେଖାଯାଉନାହିଁ। କିପରି ଏକ୍ସପାଏରୀ ଯନ୍ତ୍ର, ଅଚଳ ସିଷ୍ଟମ ଓ ଅବରୋଧିତ ଏମର୍ଜେନ୍ସି ଏକ୍ଜିଟ୍ ସହିତ ହସ୍ପିଟାଲଗୁଡ଼ିକ ଫାୟାର ସେଫଟି ସାର୍ଟିଫିକେଟ ପାଉଛନ୍ତି ଏହା ନେଇ ପ୍ରଶ୍ନ ଉଠୁଛି। ସବୁଠୁ ଚିନ୍ତାଜନକ କଥା ହେଉଛି, ଏସସିବି ଘଟଣା ପରେ ମଧ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବିଶେଷ ଅଡିଟ କିମ୍ବା ଆକସ୍ମିକ ଯାଞ୍ଚ ଅଭିଯାନ ଆରମ୍ଭ ସେତେଟା ସକ୍ରିୟ ହେଉନଥିବା ଦେଖିବାକୁ ମିଳିଛି , କେବଳ କାଗଜରେ ନିର୍ଦ୍ଦେଶ ଜାରି କରି ଦାୟିତ୍ୱ ସରାଯାଉଥିବା ଅଭିଯୋଗ ଉଠୁଛି। ବୁଦ୍ଧିଜୀବୀଙ୍କ କହିବା ଅନୁସାରେ, ହସ୍ପିଟାଲ ଭିତରେ ଅକ୍ସିଜେନ ସିଲିଣ୍ଡର, ଆଇସିୟୁ ଉପକରଣ ଓ ଅଧିକ ବିଦ୍ୟୁତ ଭାର ଥିବାରୁ ଅଗ୍ନିକାଣ୍ଡ ଘଟିଲେ ତାହା ଦ୍ରୁତ ଭାବେ ଭୟାବହ ରୂପ ନେଇପାରେ, ଯାହା ଜୀବନହାନିକୁ ଆମନ୍ତ୍ରଣ କରେ। ଏହି ପରିସ୍ଥିତିରେ ସୁରକ୍ଷା ନେଇ ଏପରି ଅବହେଳାକୁ ଗଭୀର ଦାୟିତ୍ୱରେ ଚରମ ଅବହେଳା ବୋଲି ଦେଖାଯାଉଛି। ସାଧାରଣ ଲୋକମାନଙ୍କ ମଧ୍ୟରେ ଏବେ ଭୟ ସହ କ୍ଷୋଭ ବଢୁଛି ଏବଂ ସେମାନେ ପ୍ରଶ୍ନ କରୁଛନ୍ତି ଆଉ ଏକ ଏସସିବି ପରି ଦୁର୍ଘଟଣା ଘଟିଲେ ପରେ ମାତ୍ର ପ୍ରଶାସନ ଜାଗିବ କି? ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲର ତୁରନ୍ତ ଫାୟାର ସେଫଟି ଅଡିଟ କରାଯାଇ ଅବ୍ୟବସ୍ଥା ଥିବା ସଂସ୍ଥା ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ, ନଚେତ ବାଲେଶ୍ୱରର ସ୍ୱାସ୍ଥ୍ୟ ବ୍ୟବସ୍ଥା କେବେ ମଧ ଏକ ବଡ଼ ଦୁର୍ଘଟଣାର କେନ୍ଦ୍ରବିନ୍ଦୁ ହୋଇପାରେ ବୋଲି ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

### ଜଳେଶ୍ୱର ବାର୍ ଆସୋସିଏସନ ନିର୍ବାଚନ

## କୁଞ୍ଜବିହାରୀ ଦାସ ସଭାପତି ଭାବେ ନିର୍ବାଚିତ



ଜଳେଶ୍ୱର ବ୍ଲକ, ୨୮।୩ (ସମିସ) : ସାରା ରାଜ୍ୟରେ ଆଜି ବାର ଆସୋସିଏସନ ନିର୍ବାଚନ ଚାଲୁଥିବା ବେଳେ ଜଳେଶ୍ୱର ଓକିଲ ସଙ୍ଘ ପକ୍ଷରୁ ମଧ ନିର୍ବାଚନ କରାଯାଇ ଥିଲା। ଏହି ନିର୍ବାଚନରେ କୁଞ୍ଜବିହାରୀ ଦାସ ଲଗାତାର ୪ର୍ଥ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ଜଳେଶ୍ୱର ବାର ଆସୋସିଏସନରେ ସର୍ବାଧିକ ଷଷ୍ଠ ଥର ସଭାପତି ପଦ ପାଇଁ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସେଥି ମଧ୍ୟରୁ କୁଞ୍ଜବିହାରୀ ଦାସ ୭୦ ଖଣ୍ଡ ଭୋଟ ପାଇଁ ବିଜୟୀ ହୋଇ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ଦେବକାନ୍ତ ଦାସ ୫୨ ଖଣ୍ଡ ଭୋଟ ପାଇଥିଲେ ଏବଂ ତୃତୀୟ ସ୍ଥାନରେ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ ୧୨ ଖଣ୍ଡ ଭୋଟ ପାଇ ଥିଲେ। ସେହିପରି ଉପ ସଭାପତି ଭାବେ ସବିତା ରାଣୀ ସାହୁ ନିଦ୍ୱର୍ନ୍ଦ୍ୱରେ ବିଜୟ ଲାଭ କରିଥିବା ବେଳେ ସମ୍ପାଦକ ଭାବେ ବିଜନ କୁମାର ଦେ ୬୫ ଖଣ୍ଡ ଭୋଟ ପାଇଥିବା ବେଳେ ରାଜେଶ କୁମାର ପାତ୍ର ୮୦ ଖଣ୍ଡ ଭୋଟ ପାଇ ବିଜୟୀ ଲାଭ କରିଥିଲେ। ଯୁଗ୍ମ ସମ୍ପାଦକ ଭାବେ ମଳୟ କୁମାର ମହାନ୍ତି ବିଜୟ ହୋଇଛନ୍ତି। କୋଷାଧକ୍ଷ ଭାବେ ବିନୋଦ କୁମାର ଗିରି ୬୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇ ଥିବା ବେଳେ ୬୪ ଖଣ୍ଡ ଭୋଟ ପାଇ ଫାଲଗୁନୀ ପାଣିଗ୍ରାହୀ ପରାଜିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ୭ ଜଣ ନିଦ୍ୱର୍ନ୍ଦ୍ୱରେ ବିଜୟ ହୋଇଛନ୍ତି। ଉକ୍ତ ନିର୍ବାଚନ ମୋଟ ୧୪୨ ଜଣ ବାର ଆସୋସିଏସନ୍ ମେମ୍ବର ମାନଙ୍କ ମଧ୍ୟରୁ ୧୩୫ ଜଣ ମତଦାନ କରିଥିଲେ। ମୁଖ୍ୟ ନିର୍ବାଚନ ଦାୟିତ୍ୱରେ ଇଶାନ ବେଗ ରହିଥିଲେ ଓ ତାଙ୍କ ସହଯୋଗୀ ଅମୂଲ୍ୟ ପାତ୍ର, ଅଶୋକ ବେଜ ନିର୍ବାଚନ ତୁଲାଇ ଥିଲେ।

## ରାମନବମୀ ଉପଲକ୍ଷେ ବିଶାଳ ବାଇକ୍ ରାଲି

ଜଳେଶ୍ୱର ବ୍ଲକ, ୨୮।୩ (ସମିସ) : ରାମ ନବମୀ ଉପଲକ୍ଷେ ରାଇବଣିଆ ହନୁମାନ ମନ୍ଦିର ପରିସରରୁ ରାଇବଣିଆ ବଜରଙ୍ଗଦଳ ପକ୍ଷରୁ ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ କୁମାର ଜେନାଙ୍କ ନେତୃତ୍ୱରେ ରାଇବଣିଆ ଅଞ୍ଚଳର କାଳିକ୍, ଓଲମରା, ଖୁଆର୍ଡ, ଶ୍ୟାମନଗର, ସର୍ଦ୍ଦାରବନ୍ଧ, ବରଡିହା, କଳମା, ଚମାରଗାଁ ଆଦି ଗ୍ରାମ ପଞ୍ଚାୟତର ବଜରଙ୍ଗ ଦଳର ଯୁବକ ବିଶାଳ ବାଇକ୍ ରାଲି କରି ପରିକ୍ରମା କରିଥିଲେ। ଏଥିରେ ଉପସ୍ଥିତ ରହିଥିଲେ ଓଲମରା ଗ୍ରାମ ପଞ୍ଚାୟତର ଯୁବ ନେତା ରାସବିହାରୀ ରଣା, ଗଣେଶ ସୋରେନ, ନିହାର ରଞ୍ଜନ ଦାସ, ତରୁଣ ପଟ୍ଟନାୟକ, ଅଜିତ ସିଂ, ସନତ ସାହୁ, ବାଦଲ ସୋରେନ, ମହେନ୍ଦ୍ର ମାରାଣ୍ଡି।

## 'ପ୍ରଜାପତି'ର 'ଅକ୍ଷର' ଶାଖା ପକ୍ଷରୁ 'ଉଚ୍ଚାରଣ' କାର୍ଯ୍ୟକ୍ରମ




ବାଲେଶ୍ୱର,୨୮।୩ (ସମିସ): ଲେଖକ ଓ ପାଠକଙ୍କ ମଧ୍ୟରେ ଏକ ସୁନ୍ଦର ସମ୍ପର୍କ ସୃଷ୍ଟି କରିବାର ଆଭିମୁଖ୍ୟ ନେଇ 'ପ୍ରଜାପତି' ସାହିତ୍ୟ ଶାଖା 'ଅକ୍ଷର' ତରଫରୁ ସାରସ୍ୱତ କାର୍ଯ୍ୟକ୍ରମ ପାଞ୍ଚ କବିତା-ପାଞ୍ଚ କଥାକୁ ନେଇ ଏକ ନିଆରା କାର୍ଯ୍ୟକ୍ରମ "ଉଚ୍ଚାରଣ' ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଡ. ଜୟଦେବ ପରମାଣିକ ଉଦ୍‌ଘାଟନ କରି କହିଲେ ଯେ ଏହା ଏକ ଅଭିନବ ପରିକଳ୍ପନା। ଲେଖକଙ୍କ ମୁହଁରୁ ନିଜ ଲେଖା ଶୁଣିବା ପାଠକ ପାଇଁ ଆନନ୍ଦର ବିଷୟ। ଉତ୍ତମ ଲେଖାଟିଏ ଲେଖକ ଓ ପାଠକ ମଧ୍ୟରେ ଏକ ସୁନ୍ଦର ଭାବଗତ ସମ୍ପର୍କ ସୃଷ୍ଟି କରିଥାଏ। "ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ଏଥିରେ ପୌରୋହିତ୍ୟ କରି କହିଲେ ଯେ ଆମ ଭାଷାସାହିତ୍ୟକୁ ପାଠକମାନଙ୍କ ପାଖେ ପହଞ୍ଚାଇବା ପାଇଁ "ପ୍ରଜାପତି' ସର୍ବଦା ପ୍ରୟାସ କରିଥାଏ ଓ 'ଉଚ୍ଚାରଣ' ମଧ ତାର ଏକ କ୍ଷୁଦ୍ର ଆୟୋଜନ। ଏହି ଅବସରରେ ବାଲେଶ୍ୱର ମାଟିର କଥା ସାହିତ୍ୟରେ ନିବାରଣ ଜେନା, ଉଦୟ ନାରାୟଣ ଦାସ, ଗଙ୍ଗାଧର ବିଶ୍ୱାଳ, କନକଲତା ହାତୀ, ଅଞ୍ଜନ ଚାନ୍ଦ ନିଜ ନିଜ ଗଳ୍ପ ପାଠ କରିଥିବା ବେଳେ କବିତାରେ ଶ୍ରୀଦେବ, ଅଭୟ ଦାସ, କୃଷ୍ଣ କୁମାର ମହାନ୍ତି, ଉତ୍ପଳ ମହାନ୍ତି ଓ ଶୁଭେନ୍ଦୁ ଦାସ କବିତା ପାଠ କରିଥିଲେ। ଏହି ଅବସରରେ ପ୍ରକାଶିତ ହୋଇଥିବା "ଉଚ୍ଚାରଣ' ସାହିତ୍ୟ ବୁଲେଟିନ୍‌କୁ ମୁଖ୍ୟଅତିଥି ଡ. ପରମାଣିକ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଆବାହକ ବିପ୍ଳବ ଦାସ ମହାପାତ୍ର, ରାଜେଶ ଗିରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉତ୍ସବ ବିଷୟରେ ସୂଚନା ପ୍ରଦାନ କରିଥଲେ। ସଂଯୋଜକ କବି ମଧୁସୂଦନ ମିଶ୍ର ପଠନ ଉତ୍ସବକୁ ସଂଚାଳନ କରିଥିଲେ। ଏହି ଅବସରରେ ସ୍କୁଲ୍‌ର ପ୍ରତିଷ୍ଠାତା ଜିତେନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସମସ୍ତ ଶିଶୁଶିଳ୍ପୀଙ୍କୁ ଅନୁଷ୍ଠାନ ତରଫରୁ "ପ୍ରଜାପତି ଶୁଭାଶିଷ' ପ୍ରଦାନ କରାଯାଇଥିଲା। ଉତ୍ସବ ପରିଚାଳନାରେ ପ୍ରେୟସୀ ମହାପାତ୍ର, ନନ୍ଦିତା ନାୟକ, ରଶ୍ମିତା ଆଚାର୍ଯ୍ୟ, ରଞ୍ଜନା ଘୋଷ ପ୍ରମୁଖ ସହଯୋଗ କରିଥିବାବେଳେ ପାର୍ଥସାରଥୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ତାରେ ଶ୍ରୀରାମ ନବମୀ ପାଳିତ



ବସ୍ତା ବ୍ଲକ, ୨୮।୩ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଶୁକ୍ରବାର ସକାଳେ ମଥାନୀ, ଦରଡ଼ା ଅଞ୍ଚଳରୁ ଶତାଧିକ ଯୁବକ ଗାନ୍ଧିଛକରେ ପହଞ୍ଚିବା ପରେ ସେଠାରୁ ଏକ ବିଶାଳ ବାଇକ୍ ରାଲି ବାହାରି ବସ୍ତାରେ ପହଞ୍ଚିବା ପରେ ବସ୍ତାରୁ ଶତାଧିକ ଯୁବକ ଯୋଡ଼ି ହେବା ସହିତ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ବସ୍ତା ବଜାର ପରିକ୍ରମା କରି ବସ୍ତା ବ୍ଲକ, ବିଦ୍ୟାଧରପୁର, ସରଡିହା, ବଇଞ୍ଚା ଗ୍ରାମ ଦେଇ କୁଶୁଡ଼ିହା ଗ୍ରାମ ସ୍ଥିତ ହନୁମାନ ମନ୍ଦିର ପଡିଆରେ ପହଞ୍ଚି ଥିଲା। ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ସହ ବସ୍ତା ଏସଡିପିଓ ମାନସ କୁମାର ଦେଓ ନିଜେ ଶୋଭାଯାତ୍ରା ଉପରେ କଡ଼ା ନଜର ରଖିଥିଲେ। ପରେ ସନ୍ଧ୍ୟାରେ ବସ୍ତା ଇଶ୍ୱରର୍ତ୍ତି ମନ୍ଦିର ରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ପଦଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆ, ରାଜ୍ୟ କାର୍ଯ୍ୟ ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଜୈନ, କଂଗ୍ରେସ ନେତା ରବୀନ୍ଦ୍ର କୁମାର ଦାସ, ବିଜେପି ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ଦତ୍ତ, ବିଜେପି ଜିଲ୍ଲା କୋଷାଧକ୍ଷ ଫର୍ଣ୍ଣୀଲ ବିଶ୍ୱାଳ, ବସ୍ତା ଶ୍ରୀରାମ ଚେତନା ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ବସ୍ତା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ■ ନରଣପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଅଘଟଣ

## ରୋଷେଇ ବେଳେ ଜଳିଗଲା ଗ୍ୟାସ ଟାଙ୍କି, ବର୍ତ୍ତିଲେ ପିଲା

ବସ୍ତା ବ୍ଲକ, ୨୮।୩ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନଟା କଟା ପଞ୍ଚାୟତର ନରଣପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ବଡ଼ ଅଘଟଣ ଘଟିଛି। ରୋଷେଇ ବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ଜଳିବାକୁ ଲାଗିଥିବା ବେଳେ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟରତ ଅଙ୍ଗନବାଡ଼ି ସହକାରୀ କର୍ମୀ ନିଆଁକୁ ଆୟତ୍ତ କରିଥିବା ବେଳେ କେନ୍ଦ୍ର ରେ ଥିବା ୧୪ ପିଲା ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି। ଅଙ୍ଗନବାଡ଼ିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଅଙ୍ଗନବାଡ଼ି କର୍ମୀ ସୂଚନା ପାଇ ଗ୍ୟାସ ଦେଉଥିବା ପାଉଁଶ କୁଲି ଏଜେନ୍ସିକୁ ଖବର ଦେବା ପରେ ସେମାନେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଗୁରୁବାର ସକାଳେ ସୁପର ଭାଇଜର ତଥା ପୂର୍ବତନ ଭାରପ୍ରାପ୍ତ ସିଡିପିଓ ସ୍ନେହଲତା ଦାସ ପହଞ୍ଚି ତଦନ୍ତ କରି ରିପୋର୍ଟ ବସ୍ତା ସିଡିପିଓଙ୍କୁ ଦେଇଥିବା ପ୍ରକାଶ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯଦି ଏହି ଦୁର୍ଘଟଣା ରେ ପିଲାଙ୍କ ର କିଛି କ୍ଷତି ହୋଇଥାନ୍ତା ତାହାଲେ କିଏ ଉତ୍ତର ଦାୟୀ ହୋଇଥାନ୍ତା। ସରକାର ୩୨୯ ଅଙ୍ଗନବାଡ଼ି କେନ୍ଦ୍ରରେ ଅଗ୍ନି ନିରାପତ୍ତା ପାଇଁ ୩ ଲକ୍ଷ ୨୯ ହଜାର ଟଙ୍କା ମଞ୍ଜୁର କରିଥିବାବେଳେ ତାହା ଖର୍ଚ୍ଚ କରା ନଯାଇ ପଡ଼ି ରହିଥିବା ଜଣା ପଡ଼ିଛି। ଏ ନେଇ ସିଡ଼ିପିଓଙ୍କୁ ପଚାରିବାରୁ ଏହି ଘଟଣା ବିଳମ୍ବ ରେ ଖବର ପାଇଥିବା ପ୍ରକାଶ ସହିତ ଖୁବ୍ ଶୀଘ୍ର ଅଗ୍ନି ନିରାପତ୍ତା ସାମଗ୍ରୀ ସବୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

## ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର

ସିମୁଳିଆ, ୨୮।୩ (ସମିସ): ରାମ ନବମୀରେ ଜାତୀୟ ରାଜପଥ ଧୋବ ଗଡ଼ିଆଠାରେ ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥର ଧୋବ ଗଡ଼ିଆ ନିକଟରେ ରାସ୍ତା ପାଶ୍ୱର୍ ଦୋକାନରେ ଗାଡି ଛିଡା ହୋଇଥିବା ଟ୍ରକକୁ ପଛପଟେ ମୋଟର ସାଇକେଲ ଧକ୍କା ଦେଇଥିଲା। ଫଳରେ ଗୁରୁତର ଆହତ ମୋଟର ସାଇକେଲ ଆରୋହୀକୁ ୧୦୮ ଯୋଗେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭଦ୍ରକ ଡାକ୍ତରଖାନା ପଠାଯାଇଛି। ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## କାଳବୈଶାଖୀରେ ବ୍ୟାପକ ଚାଷ ନଷ୍ଟ

ଖଇରା,୨୮।୩ (ସମିସ): ଗୁରୁବାର ରାତିରେ ପ୍ରବଳ ଝଡ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡନୁଆଗାଁ ପଞ୍ଚାୟତ ଅଧୀନ ବାଘୁଆ ଗ୍ରାମରେ ଏହି ଝଡ ପ୍ରଭାବରେ ରମାକାନ୍ତ ପଣ୍ଡାଙ୍କର ଛତୁ ଘର ସହ ପରିବା ଚାଷ ପାଇଁ ନିର୍ମିତ ଛାୟାଗୃହ ଭାଙ୍ଗି ନଷ୍ଟ ହୋଇ ଯାଇଛି। ସେହିଭଳି ବଙ୍କିତିରା ଗ୍ରାମର ଜଗବନ୍ଧୁ ସାହୁଙ୍କ କଦଳୀ ଚାଷ ନଷ୍ଟ ହୋଇ ଯାଇଥିବା ବେଳେ ବାଘୁଆ ଗ୍ରାମର ଅନନ୍ତ ନନ୍ଦ ଓ ଗଜେନ୍ଦ୍ର ବେହେରା



ଘର ଛପର ନଷ୍ଟ ହୋଇଛି। ଚାଷୀ ମାନେ କ୍ଷତିପୂରଣ ପାଇଁ ଉଦ୍ୟାନବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାଛଡା ପତିରାଜପୁର ଓ ସଇଁ ଗ୍ରାମରେ ମଧ ପରିବା ଚାଷ ନଷ୍ଟ ହୋଇଛି।

## ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ରଙ୍କ ସ୍ମୃତିସଭା

ବାଲେଶ୍ୱର,୨୮।୩ (ସମିସ) : ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟପ୍ରେମୀ ଓ ସାମାଜିକ କର୍ମୀ ମିହିର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଭୁବନେଶ୍ୱର ଠାରେ ଏକ ଭାବବିହ୍ୱଳ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପରିବାରବର୍ଗ, ସାହିତ୍ୟିକ, ସାମାଜିକ କର୍ମୀ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ମିହିର ମହାପାତ୍ରଙ୍କ ବ୍ୟକ୍ତିତ୍ୱ, ସହୃଦୟତା ଓ ସାମାଜିକ ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ। ଏହି ଅବସରରେ ଅମର ମହାନ୍ତି, ଅରୁପ ଚାଟାର୍ଜୀ (କାଳିଆ), କୌଶିକ ପଣ୍ଡା (ବୁଲା), ଶଚିନ୍ଦ୍ର ମାଝି (ଶଚି), ଅଚ୍ୟୁତାନନ୍ଦ ଦାସ, ସରୋଜ କୁମାର ଦାସ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ "ପ୍ରତିଦିନ' ପତ୍ରିକାର ସଂପାଦକ ସୁଧୀର କୁମାର ପଣ୍ଡା ଆଦି ବକ୍ତାମାନେ ସ୍ମୃତିଚାରଣ କରିଥିଲେ। କେବଳ ସାମ୍ବାଦିକତା ନୁହେଁ ସାମାଜିକ କାର୍ଯ୍ୟରେ ମଧ ମିହିର ମହାପାତ୍ରଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିବା ସହିତ ବକ୍ତାମାନେ ତାଙ୍କର ସରଳତା, ମାନବିକତା ଓ ସମାଜପ୍ରତି ନିଷ୍ଠାକୁ ସ୍ମରଣ କରି କହିଥିଲେ ଯେ ତାଙ୍କର ସ୍ମୃତି ସମସ୍ତଙ୍କ



ହୃଦୟରେ ଚିରଦିନ ସୁଗନ୍ଧିତ ହୋଇ ରହିବ। ଏହି ଅବସରରେ 'ଅନନ୍ୟ ମିହିର' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। 'ସ୍ମୃତିର ସୁଗନ୍ଧ... ସମୟରେ ଅମରତା...' ଶୀର୍ଷକାଶ୍ରିତ ଏହି ସ୍ମରଣିକାକୁ କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସଂପାଦନା କରିଥିବା ବେଳେ କବି ଶ୍ରୀଦେବଙ୍କ ସହଯୋଗରେ ଏହା ପ୍ରସ୍ତୁତ ହୋଇଛି।

## ଅଟୋ ଓଲଟି ମହିଳା ମୃତ

ସିମୁଳିଆ, ୨୮।୩ (ସମିସ): ସିମୁଳିଆ ଥାନା ରାଣୀତାଲ ବ୍ରାହ୍ମଣୀଗାଁ ରାସ୍ତାର ବାଲି ଖଣ୍ଡରୁ ଭଦ୍ରକ ଆସୁଥିବା ବେଳେ ଅଟୋ ଭାରସାମ୍ୟ ହରାଇ ଗୋବରଗଡି ଛକ ନିକଟରେ ନୟନ ଯୋରୀକୁ ଓଲଟି ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ମହିଳା ପୁରୋଷୋତ୍ତମପୁର ପଞ୍ଚାୟତ ପେଡା ସାହିର ବୋଲି ସୂଚନା।

## ଅଲ୍ ଇଣ୍ଡିଆ ଇଦ୍ ମିଳନ 'ମୁଶାଏରା' ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୮।୩ (ସମିସ)




ଅଲ୍‌ଇଣ୍ଡିଆଇଦ୍‌ମିଳନ'ମୁଶାଏରା୨୦୨୬' ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ତର୍ଜୁମାନ ନ୍ୟୁଜ୍ ଟାଇମ୍ସ ପକ୍ଷରୁ ଷ୍ଟେସନ୍ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ତର୍ଜୁମାନ ନ୍ୟୁଜ୍ ଟାଇମ୍ସର ଚିଫ୍ ଏଡିଟର ଅଜୀମ ବାଲେଶ୍ୱରୀ ଓ ଡେପୁଟି ଏଡିଟର ରାବିଆ ଅଜୀମୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିହାର ପାଟନାର ପ୍ରସିଦ୍ଧ ଉର୍ଦ୍ଦୁ କବି ମହମ୍ମଦ ନସୀମ ଅକ୍ତର, କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଯୁବନେତା ବିକ୍ରମ ପଣ୍ଡା, ଇନ୍ତିଖାବ ଅଲି ଖାନ, ଶେଖ ନୌଶାଦ, ମହମ୍ମଦ ମୁଖତାର ଆହମଦ, ସତ୍ୟେନ୍ଦ୍ର ଦାସ, ରିତିକ ଜୀ, ସନ୍ଧ୍ୟାରାଣୀ ଜେନା, ହାଜୀ ଶେଖ ଜମାଲ, ହାଜୀ ସଦୀରୁଦ୍ଦିନ, ମହମ୍ମଦ ମନଫ ଓ ମାଷ୍ଟର ମୋହିଦ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସ ଉପାଧକ୍ଷ ସରୋଜ କୁମାର ଲେଙ୍କା ଦୀପ ପ୍ରଜ୍ୱଳନ କରିଥିଲେ। ବଳାଙ୍ଗି ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ଼ା. ରତ୍ନାକର ସିଂହ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଶକୀଲ ଗୋଣ୍ଡଭୀ ଓ ତର୍ଜୁମାନ ନ୍ୟୁଜ୍ ଟାଇମ୍ସର ମ୍ୟାନେଜିଙ୍ଗ ଏଡିଟର ମଧୁସୂଦନ ମିଶ୍ର ପରିଚାଳନା କରିଥିଲେ। ଅତିଥି କବି ଭାବେ ଝାଡ଼ଖଣ୍ଡର ଯୁବ କବି ଡ଼ା. ଦାନିଶ ହମାଦ ଜାଜିବ, ଖଡ଼ଗପୁରରୁ ଉମେଶ ପ୍ରସାଦ ଫିକର, କଟକରୁ ଶାକିର ୱାରିସୀ, ଭଦ୍ରକରୁ ତୌଫିକ ସାଗର, ସାଲିକ ଆଦିବ, ବାଲେଶ୍ୱରରୁ ରକିଆ ଜମାଲ, ଗଗନ କୁମାର ସେଠୀ, ଡ଼ା. ସମର ବଲ୍ଲଭ ଭୋଇ, ପ୍ରବୀର କମିଲା, ଶୁଭାଶ ସ୍ୱାଇଁ, ଆଭା ମୋଇ ବାରିକ, ଶେଖ ଶରଫୁଦ୍ଦିନ ଓ ମହମ୍ମଦ ସଲାମୁଲ୍ଲା କବିତା ପାଠ କରିଥିଲେ। ଏହି ଅବସରରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ସହିତ ବିହାରର କବି ନସୀମ ଅଖତର, ପ୍ରଶାନ୍ତ ଦାସ, ବରିଷ୍ଠ ସାମ୍ବାଦିକ ଅଜିତ କୁମାର ମହାନ୍ତି, ଯୁବ ସାମ୍ବାଦିକ ହାଇଦର ଖାନ, ଅଧୀପ ଜେନା, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ଧୀରଜ କୁମାର ଦାସ, କାଉନସିଲର ମୀତା ପଟ୍ଟନାୟକ, ସାହିବା ଅଖତର, ଆଶ୍ରିତା ତରେଇ, ଶେଖ ରଜବ ଅଲି, ଧୀରେନ୍ଦ୍ର ମହାପାତ୍ର ଓ ବଳରାମ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନିସା ଖାତୁନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଖ ଏଜାଜୁଦ୍ଦିନ, ଶେଖ ଅବ୍ଦୁଲ ଆରିଫାନ, ଶେଖ ଅବ୍ଦୁର ରହମାନ, ଫରହତ ନାଜ, ତୌସିଫ ଆଲମ ଓ ମହମ୍ମଦ ମୁଇନୁଲ୍ ହକ୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓୟୁଜେର ବେଳାଭୂମି ସ୍ୱଚ୍ଛତା ଅଭିଯାନ



ବାଲେଶ୍ୱର,୨୮।୩ (ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଲବଣ ସତ୍ୟାଗ୍ରହର ସ୍ମୃତି ପୀଠ ଇଞ୍ଚୁଡ଼ିର ସମୁଦ୍ର କୂଳ କଳାମାଟିଆ ପାହି ରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ କାର୍ଯ୍ୟକ୍ରମରେ ଅଧକ୍ଷତା କରି ବେଳାଭୂମିର ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଇଞ୍ଚୁଡି ସରପଞ୍ଚ ରମଣୀ ରଂଜନ ମହାଳିକ, ସାମ୍ବାଦିକ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମ ନାରାୟଣ ଶତପଥୀ, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ, ଅରୂପ କୁମାର ଦାସ, ସୋମନାଥ ସାହୁ,, ରମାକାନ୍ତ ପଣ୍ଡା, କହ୍ନେଇ ଚରଣ ପ୍ରଧାନ, ଉତ୍କଳବନ୍ଧୁ ପଣ୍ଡା, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ବଳରାମ ଲେଙ୍କା, ସୁଶାନ୍ତ କୁମାର ବେହେରା, ଶ୍ରୀଲେଖା ସାହୁ, ଜୟଦେବ ଆଚାର୍ଯ୍ୟ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ଦଣ୍ଡକାଳୀ'ର ପୋଷ୍ଟର ରିଲିଜ୍






'ରାଜଶ୍ରୀ ସିନେ କ୍ରାଫ୍ଟ' ନିବେଦିତ ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'ର ଇତିମଧ୍ୟରେ ପୋଷ୍ଟର ରିଲିଜ୍ ହୋଇଛି। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନାରେ ରାଜଶ୍ରୀ ଘୋଷ ଅଛନ୍ତି। ସିନେମାର କାହାଣୀ ଅଭିସିକ୍ତ ମିଶ୍ର ଲେଖିବା ଥିବା ବେଳେ ଏହାର ଚିତ୍ରନାଟ୍ୟ ଓ ସଂଳାପରେ ଅଛନ୍ତି ଦିଲ୍ଲୀପ ଚୌଧୁରୀ। ଗୀତ ରଚନାରେ ଡ. ନିର୍ମଳ ନାୟକ ଓ ବାବୁ ଗୋସ୍ୱାମୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ବିଭିନ୍ନ ଚରିତ୍ରରେ ସିଦ୍ଧାନ୍ତ ମହାପାତ୍ର, ଉଷସୀ ମିଶ୍ର, ସୂର୍ଯ୍ୟମୟୀ, କେକେ, ଏଲି, ତୃପ୍ତି ପ୍ରମୁଖ ଅନ୍ୟାନ୍ୟ କଳାକାର ଅଛନ୍ତି। ଏହି ବର୍ଷ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନଧରଣର ହୋଇଥିବାରୁ ଦର୍ଶକଙ୍କ ମନକୁ ଛୁଇଁବା ଆଶା କରାଯାଉଛି। ■

# ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ଗ୍ରାଣ୍ଡ ଫିନାଲେ



ଜୀ ସାର୍ଥକରେ ଓଡ଼ିଶାର ସବୁଠାରୁ ବଡ଼ ଡ୍ୟାନ୍ସ ରିଆଲିଟି ଶୋ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ନୂତନ ସିଜିନ ସଫଳତାର ସହ ଗ୍ରାଣ୍ଡ ଫିନାଲେରେ ପହଞ୍ଚିଛି। ଆଜି ସନ୍ଧ୍ୟା ୬ଟା ୩୦ରେ ଏହାର ଗ୍ରାଣ୍ଡ ଫିନାଲେ ପ୍ରସାରିତ ହେବ। ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନେ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ି ହୋଇଥିଲେ। ଟିମ୍ ରଙ୍ଗବତୀ ୨.୦ ଓ ଲଚକମଣି ୨.୦ ଟିମ୍ ନିଜର ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କ ମନ ଜିତିଛନ୍ତି। କେବଳ ଡ୍ୟାନ୍ସ ନୁହେଁ, ଏଥରର ବିଶେଷ ଆକର୍ଷଣ ଭାବରେ ନିଜ କଣ୍ଠର ଯାଦୁରେ ଝୁମାଇବେ ସତ୍ୟଜିତ, ସ୍ୱୟଂ ପାଢ଼ୀ, ବିଷ୍ଣୁମୋହନ ଓ ତାରିକ ଅଜିଜ୍ ପ୍ରମୁଖ ଓଡ଼ିଶାର ଲୋକପ୍ରିୟ ଗାୟକମାନେ। ବିଚାରକ ପ୍ୟାନେଲର ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ରଙ୍କ ପ୍ରଦର୍ଶନ ମଧ ସମ୍ପୂର୍ଣ୍ଣ ବିଶେଷ ଓ ଉଚ୍ଚକୋଟୀର ହେବ ବୋଲି ଟିମ୍ କହିଛି। ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତୈସା ଓ ମାନସୀ ପ୍ରତ୍ୟେକ ଅଧ୍ୟାୟରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ ଯୋଡ଼ିମାନଙ୍କ ସହ ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଥିଲେ ଏକ ନିଆରା ଅନୁଭୂତି। ତେଣୁ ଏହି ଡ୍ୟାନ୍ସ ରିଆଲିଟି ଶୋ'ର ଗ୍ରାଣ୍ଡ ଫିନାଲେ ବି ଆହୁରି ଦମ୍‌ଦାର୍ ଓ ରୋମାଞ୍ଚକର ହେବ। ■

# ବାହା ହେଲେ କରଣ-ତେଜସ୍ୱୀ



ଟିଭିର ଲୋକପ୍ରିୟ ଅଭିନେତା କରଣ କୁନ୍ଦ୍ରା ଏବଂ ଅଭିନେତ୍ରୀ ତେଜସ୍ୱୀ ପ୍ରକାଶ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। କୁହାଯାଉଛି, ଦୁହେଁ କୁଆଡ଼େ ଗୋପନରେ ବିବାହ କରିଛନ୍ତି। ଦୁହିଁଙ୍କ ସାକ୍ଷାତ 'ବିଗ୍ ବସ୍-୧୫'ରେ ହୋଇଥିଲା। ଦୁହେଁ ପାଖାପାଖି ୫ ବର୍ଷ ଏକାଠି ରହିବା ପରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏବେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାହକୁ ନେଇ ଚର୍ଚ୍ଚା ହେଉଛି। ଏକ ଭାଇରାଲ୍ ପୋଷ୍ଟରେ ଦାବି କରାଯାଉଛି ଯେ, ଦୁହେଁ ସାତ ଜନମର ସାଥୀ ହୋଇଛନ୍ତି। ପରିବାର ଲୋକଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଥିବା କୁହାଯାଉଛି। ସେହିପରି କରଣ ଏବଂ ତେଜସ୍ୱୀ ନିଜ ବିବାହକୁ ନେଇ ଏ ଯାଏଁ କିଛି କହି ନାହାନ୍ତି। ଅନ୍ୟପଟେ ଏ ଦୁହିଁଙ୍କୁ 'ଲାଫ୍‌ଟର୍ ଶୋ'ରେ ଦେଖିବାକୁ ମିଳୁଛି। ■

# ନିରବୀ ଗଲା କାବୁଲି ରଥଙ୍କ ଗିଟାର୍‌ର ସ୍ୱର

ସଙ୍ଗୀତ ଜଗତ ହରାଇଛି ଆଉ ଜଣେ ପ୍ରତିଭାଙ୍କୁ। ସୁପ୍ରସିଦ୍ଧ ଗିଟାର୍ ବାଦକ ସ୍ୱର୍ଗତ ଦେବାଂଶୁ (କାବୁଲି) ରଥଙ୍କ ବିୟୋଗ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। କାବୁଲି ରଥ ଜଣେ ଅସାଧାରଣ ପ୍ରତିଭାଶାଳୀ ସଙ୍ଗୀତଜ୍ଞ ଥିଲେ। ସେ ଭାରତୀୟ ସଙ୍ଗୀତରେ ଗିଟାର୍‌ର ନୂତନ ରୂପକୁ ପରିଚୟ କରାଇବା ସହ ଏହାକୁ ଆଧୁନିକ ସଙ୍ଗୀତ ସହିତ ସୁନ୍ଦର ଭାବେ ମିଶାଇଥିଲେ। ଏହା ଛଡ଼ା ସେ ବଲିଉଡ୍, ଓଲିଉଡ୍, ଚେନ୍ନାଇ ଏବଂ ହାଇଦ୍ରାବାଦରେ ଅନେକ ସଙ୍ଗୀତ ନିର୍ଦ୍ଦେଶକ ଓ ସଙ୍ଗୀତ ପ୍ରକଳ୍ପରେ ନିଜର ଗିଟାର୍ ଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କ ସଙ୍ଗୀତ ସୃଜନଶୀଳତା ଓ ଗିଟାର୍ ଶୈଳୀ ତାଙ୍କୁ ଏକ ବିଶେଷ ପରିଚୟ ଦେଇଛି। ନିଜ ଗିଟାର୍ ମାଧ୍ୟମରେ ଦେଶ ବିଦେଶରେ ଦୀର୍ଘ ୪୦ ବର୍ଷ ଧରି ଭାରତୀୟ ସିନେମା ସଂଗୀତରେ ସୁଖ୍ୟାତି ଆଣିଥିଲେ।

କାବୁଲି ରଥ ହେଉଛନ୍ତି ଶ୍ରୀକ୍ଷେତ୍ର ପୁରୀର ବିଖ୍ୟାତ ପଖାୱଜ ବାଦକ ପଣ୍ଡିତ କ୍ଷେତ୍ରମୋହନ କରଙ୍କ ନାତି। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର ଏବଂ ତବଲା ବାଦକ ଉମେଶ କରଙ୍କ ସେ ଭଣଜା। ବାପା ଗଙ୍ଗାଧର ରଥ ପ୍ରଶାସନିକ ସେବାରେ ଥିବାବେଳେ ମାଆ ପ୍ରଭାବତୀ ରଥ ଥିଲେ ଅଲ୍ ଇଣ୍ଡିଆ ରେଡ଼ିଓର ଶାସ୍ତ୍ରୀୟ କଣ୍ଠଶିଳ୍ପୀ। ସେମାନେ ପାଞ୍ଚ ଭାଇ ଏବଂ ଗୋଟିଏ ଭଉଣୀ। ସାନ ଭାଇ ଗୁଡୁଲୀ ରଥ ଓଡ଼ିଶାର ଜଣେ ସୁପ୍ରସିଦ୍ଧ ସଂଗୀତ ନର୍ଦ୍ଦେଶକ। କାବୁଲି ମାଡ୍ରାସରେ ନିଜର ସଂଗୀତ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୁରୀର ତରୁଣ କୁମାର ମିଶ୍ରଙ୍କ ସୁପୁତ୍ରୀ ଶିଳ୍ପୀ ସୁଜାତାଙ୍କ ସହିତ ବିବାହ ପରେ ପ୍ରାୟତଃ ମାଡ୍ରାସ (ଏବେ ଚେନ୍ନାଇ )ରେ ଘର କରି ରହିଗଲେ। ସେ ବିଭିନ୍ନ ଭାଷାରେ ଏ.ଆର୍. ରହମାନଙ୍କର ପ୍ରାୟ ୮୦ ଭାଗ ଚଳଚ୍ଚିତ୍ରରେ ଲିଡ୍ ଗିଟାରିଷ୍ଟ ଭାବେ କାମ କରିଥିଲେ। ସେହିପରି ପ୍ରାୟ ଚାଳିଶରୁ ଅଧିକ ଓଡ଼ିଆ ସିନେମାରେ ପ୍ରଚ୍ଛଦପଟ ସଂଗୀତ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। ମାର୍ଚ୍ଚ ୨୧ ତାରିଖରେ ସେ ଚେନାଇ ସ୍ଥିତ ନିଜ ଘରେ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନରେ ଗିଟାର ଶିଖାଉଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସଙ୍ଗୀତ ପ୍ରତି ତାଙ୍କର ଅପାର ଭଲପାଇବା ଓ ନିଷ୍ଠା ତାଙ୍କୁ ସବୁବେଳେ ସ୍ମରଣୀୟ କରି ରଖିବ। ■



ସାକ୍ଷାତକାର

ସେ ଜଣେ ସଫ୍ଟୱେର୍ ଇଞ୍ଜିନିୟର। ଚାକିରି କରୁଥିଲେ। ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ଚାକିରି କରିବା ସମୟରେ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ଆସିଲା। 'ଶତାବ୍ଦୀ କଳାକାର'ରେ ଅଭିନୟ ପାଇଁ ତାଲିମ ନେଇଛନ୍ତି। 'ରଙ୍ଗଭୂମି' ପକ୍ଷରୁ ଏକାଧିକ ମଞ୍ଚନାଟକରେ ସେ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି। ଧାରାବାହିକ, ଟେଲି ଫିଲ୍ମ ହେଉ କି କ୍ଷୁଦ୍ର ଚଳଚ୍ଚିତ୍ରରେ ସେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକ୍ ହରିପୁର ଗାଁ'ର ମାନବ ରାଉତରାୟ। ତେବେ କୌଣସି କାରଣବଶତଃ ମାନବ ଅଭିନୟ ଜଗତରୁ ଚାରିବର୍ଷ ଦୂରେଇ ଯାଇଥିଲେ। ଏବେ ସେ 'ସୁନୟନା' ଧାରାବାହିକ ଜରିଆରେ ପୁଣି ପରଦାକୁ ଫେରିଛନ୍ତି। ତେବେ ଦୀର୍ଘଦିନର ବ୍ୟବଧାନ ପରେ ପୁଣି ଦର୍ଶକଙ୍କ ସାମ୍ନାକୁ ଆସିବାରେ ସେ କେତେ ଉତ୍ସାହିତ ରହିଛନ୍ତି ଜାଣିବା ତାଙ୍କ ମୁହଁରୁ।



## "ଦୀର୍ଘଦିନ ପରେ ପରଦାକୁ ଫେରିବାର ମଜା ନିଆରା"

**ମାନବ ରାଉତରାୟ, ଅଭିନେତା**

**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପେସାରେ ମୁଁ ଜଣେ ସଫ୍ଟୱେର୍ ଇଞ୍ଜିନିୟର୍। ଚାକିରି ଜୀବନରେ ମଞ୍ଚରେ ଅଭିନୟ କରିବାକୁ ମୋତେ ଏକ ସୁଯୋଗ ମିଳିଥିଲା। ସେହି ସୁଯୋଗକୁ ଉପଯୋଗ କରି ମୁଁ 'ଶତାବ୍ଦୀ କଳାକାର'ରେ ତାଲିମ ନେଲି। 'ରଙ୍ଗଭୂମି' ପକ୍ଷରୁ ଏକାଧିକ ନାଟକରେ ଅଭିନୟ କରୁଥିଲି। ତା' ସହ ଏକାଧିକ ଅଡିସନ୍ ଦେଇଥିଲି। ଅଡିସନ୍‌ରେ ମନୋନୀତ ହୋଇ 'ଦୁର୍ଗା' ଧାରାବାହିକରେ ପ୍ରଥମେ ଅଭିନୟ ଆରମ୍ଭ କରିଥିଲି। ଏହା ପରେ 'ସାବିତ୍ରୀ', 'ମଙ୍ଗଳାଚରଣ', 'ଗୌରୀ' ଆଦି ଧାରାବାହିକରେ କାମ କରିଛି।

**ମଞ୍ଚରେ କାମ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ସହଜ ଲାଗେ କି?**

● ନିଶ୍ଚୟ। ମଞ୍ଚ ଏମିତି ଏକ ପ୍ଲାଟଫର୍ମ, ଯେଉଁଠି ଜଣେ କଳାକାର ସବୁକିଛି ଶିଖିଥାଏ। ଏଠାରୁ ଅଭିନୟ କରି ଧାରାବାହିକକୁ ଫେରିଲେ ସମସ୍ତ ଚରିତ୍ରରେ ଅଭିନୟ କରିବାକୁ ସହଜ ହୁଏ। ତେଣୁ ଗୋଟେ କଥା କହିବି, ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର। କାରଣ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖେ। ଆଜି ବି ମୁଁ ପ୍ରତିଦିନ ଭଏସ୍ ଏକ୍ସରସାଇଜ୍ କରୁଛି। ଅନ୍ୟ କଳାକାରଙ୍କଠାରୁ ସେମାନଙ୍କ ଅଭିନୟ ଶୈଳୀକୁ ଅଭ୍ୟାସ କରେ।

**ଦୀର୍ଘ ବର୍ଷ ପରଦାରୁ ଦୂରେଇ ଯାଇଥିଲେ ଏହାର କାରଣ କ'ଣ ଥିଲା?**

● ଦୁର୍ଭାଗ୍ୟବଶତଃ ଏକ ଦୁର୍ଘଟଣା ଯୋଗୁଁ ମୋର ଶାରୀରିକ ସ୍ଥିତି ଠିକ୍ ନଥିଲା। ଗୁରୁତର ଆହତରୁ ସୁସ୍ଥ ହେବାକୁ ମୋତେ ଦୀର୍ଘ ସମୟ ଲାଗିଯାଇଥିଲା। ମୁଁ ଯେ ଆଉ କେବେ ଅଭିନୟ କରିପାରିବି ଭାବିପାରିନଥିଲି। ହେଲେ ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ମୁଁ ସୁସ୍ଥ ହେଲି ଆଉ କାମ କରିବାକୁ ସୁଯୋଗ ମିଳିଲା। 'ବୋହୂ ଆମର ରଜନୀକାନ୍ତ' ଟେଲି ଫିଲ୍ମ ପରେ ଏବେ 'ସୁନୟନା' ଧାରାବାହିକରେ ପୁନଶ୍ଚ କାମ ଆରମ୍ଭ କରିଛି। ଏଥିରେ ମୁଁ ଆଣ୍ଟି ହିରୋ ଭୂମିକାରେ ଦର୍ଶକଙ୍କ ଭଲପାଇବା ମଧ୍ୟ ପାଉଛି। ଦୀର୍ଘଦିନ ପରେ ପରଦାକୁ ଫେରିବାର ମଜା ନିଆରା।

**ସୁଟିଂ ନଥିଲେ କ'ଣ କରନ୍ତି?**

● ମୋତେ ବିଭିନ୍ନ ପ୍ରକାର ରୋଷେଇ କରିବାକୁ ଭଲ ଲାଗେ। ସିନେମା ଦେଖେ, ନାଚିବାକୁ ଭଲ ପାଏ।

**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି?**

● ୨୦୨୨ ମସିହାରେ ପ୍ରକୃତି ମିଶ୍ର, ଅଭିଷେକ ଗିରିଙ୍କ ସହିତ ମୁଁ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଆଧାରିତ ସିନେମାରେ ଅଭିନୟ କରିଥିଲି। ହେଲେ ଦୁର୍ଭାଗ୍ୟବଶତଃ ସେହି ସିନେମା ଏଯାବତ୍ ରିଲିଜ୍ ହୋଇପାରିନି। ନୀଳ ମାଧବ ପଣ୍ଡାଙ୍କ 'ବକ୍ସି ଜଗବନ୍ଧୁ' କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିବାକୁ ମୋତେ ସୁଯୋଗ ମିଳିଛି। ଆଗକୁ ମଧ ସୁଯୋଗ ମିଳିଲେ କାମ କରିବି।

**ଡ୍ରିମ୍ ରୋଲ୍?**

● ଡ୍ରିମ୍ ରୋଲ୍ ବହୁତ ଅଛି। ତେବେ ନୂଆ ନୂଆ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି।

**ଅଭିନୟରେ ରୁଚି ରଖିଥିବା ଯୁବକଯୁବତୀଙ୍କୁ କ'ଣ କହିବେ?**

● ବର୍ତ୍ତମାନ ଅଡିସନ୍ ପ୍ରକ୍ରିୟା ବହୁତ ସହଜ ହୋଇଯାଇଛି। ପିଲାମାନେ ଗୋଟିଏ ଭିଡିଓ ଜରିଆରେ ଚୟନ ହୋଇ ଏଲାଇନ୍‌କୁ ଆସୁଛନ୍ତି। ଫଳରେ ଏଲାଇନ୍‌କୁ ସେ ସହଜରେ ସିନା ପ୍ରବେଶ କରୁଛନ୍ତି ହେଲେ ପରିଶ୍ରମ କରିବାକୁ ସେମାନଙ୍କ ସମସ୍ୟା ହେଉଛି। ଅଭିନୟ କରିବାରେ ସେମାନେ କେଉଁଠି ନା କେଉଁଠି ପଛରେ ରହୁଛନ୍ତି। ତେଣୁ ଅଭିନୟ କରିବାକୁ କିଛି ଜ୍ଞାନ ନେଇ ଆସନ୍ତୁ। ■

ପରଦା ପଛର କାହାଣୀ

# ସଙ୍ଗୀତ ପାଇଁ ଦେଶବ୍ୟାପୀ ଅନେକ ଗିରଫ



ସଙ୍ଗୀତ ବିନା ଫିଲ୍ମ ଅଧୁରା। ସଙ୍ଗୀତ ହିଁ ଫିଲ୍ମକୁ ଅଧିକ ହୃଦୟସ୍ପର୍ଶୀ କରାଇଥାଏ। ଏହା ଦର୍ଶକଙ୍କ ମନୋରଞ୍ଜନ ସହିତ ଫିଲ୍ମକୁ ଆକର୍ଷଣୀୟ କରିଥାଏ। ୧୯୮୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ତ୍ରିଦେବ'। ଏହି ଫିଲ୍ମରେ ଏକ ସୁପରହିଟ୍ ଗୀତ ଥିଲା। ଯାହା ଖୁବ୍ ଲୋକପ୍ରିୟତା ସାଉଁଟିଥିଲା। ୬ ମିନିଟ ୯ ସେକେଣ୍ଡର 'ଓୟେ ଓୟେ...' ଗୀତଟି ସେତେବେଳେ ସୁପରହିଟ୍ ହୋଇଥିଲା। ଚାର୍ଟବଷ୍ଟରରେ ନମ୍ବର ୱାନ୍ ସଙ୍ଗୀତ ଥିଲା। ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଏହି ଗୀତ ସହ ଜଡ଼ିତ ଏକ ରୋଚକୀୟ କଥା ପ୍ରକାଶ କରିଛନ୍ତି। ଏହି ଗୀତ ପାଇଁ ଦେଶବ୍ୟାପୀ ଅନେକ ଲୋକ ଗିରଫ ହୋଇଥିବା କଥା ସେ କହିଛନ୍ତି। ତାଙ୍କ କହିବାନୁଯାୟୀ, ଏହି ସଙ୍ଗୀତକୁ ନେଇ କୌଣସି ସରକାରୀ ନିଷେଧ ଜାରି କରାଯାଇ ନ ଥିଲା, ତଥାପି ଏହା ଏକ ବଦନାମ୍ ସଙ୍ଗୀତ ଭାବେ ପରିଚିତ ଥିଲା। କାରଣ କିଛି ଲୋକେ ଅପମାନ ଦେବା ଉଦ୍ଦେଶ୍ୟରେ ଏହି ଗୀତକୁ ଗାଉଥିଲେ। ଫଳରେ ଦେଶବ୍ୟାପୀ ଅନେକ ଲୋକଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଏହି ସୁପରହିଟ୍ ଗୀତଟି ଆମେରିକୀୟ ପପ୍ ସିଙ୍ଗର୍ ଗ୍ଲୋରିୟା ଏଷ୍ଟେଫାନ୍‌ଙ୍କ ଅନ୍ତଃରାଷ୍ଟ୍ରୀୟ ହିଟ୍ ସଙ୍ଗୀତ' ରିଦମ୍ ଇଜ୍ ଗୋନା ଗେଟ୍ ୟୁ'ରୁ ଅନୁପ୍ରାଣିତ ହୋଇ ତିଆରି କରାଯାଇଥିଲା। ଏହାକୁ ସୁପ୍ରସିଦ୍ଧ ଯୋଡ଼ି କଲ୍ୟାଣଜୀ-ଆନନ୍ଦଜୀ ପୁନଃସଙ୍ଗୀତରେ ସଜାଇଥିଲେ। ଏହି ଗୀତରେ କବିତା କୃଷ୍ଣମୂର୍ତ୍ତି ଏବଂ ସୁରେଶ ୱାଡକର କଣ୍ଠଦାନ କରିଥିଲେ। ଗୀତ ଏତେ ଲୋକପ୍ରିୟ ହୋଇଥିଲା ଯେ ପ୍ରତି ଗଳି କନ୍ଦିରେ ଗୁଞ୍ଜରିତ ହେଉଥିଲା। ଏହି ଫିଲ୍ମରେ ସାରୁଦ୍ଦିନ୍ ଶାହ, ସନ୍ନି ଦେୱଲ, ଜ୍ୟାକି ଶ୍ରଫ୍, ମାଧୁରୀ ଦୀକ୍ଷିତ, ଅନୁପମ୍ ଖେର, ଅମରୀଶ ପୁରୀ ପ୍ରମୁଖ ପ୍ରଖ୍ୟାତ ଅଭିନେତାଅଭିନେତ୍ରୀ ଅଭିନୟ କରିଥିଲେ। 'ତ୍ରିଦେବ' ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ। ଏହି ଫିଲ୍ମ ତିନୋଟି ଫିଲ୍ମଫେୟାର୍ ଆୱାର୍ଡ ପାଇଥିଲା। ■

### ସନ୍‌ରାଇଜର୍ସ-ଆର୍‌ସିବି ମଧ୍ୟରେ ଆଇପିଏଲ୍ ଉଦ୍‌ଘାଟନୀ ମୁକାବିଲା

# ଡଫିଙ୍କ ଦମ୍‌ଦାର୍ ବୋଲିଂ; ଇଶାନଙ୍କ ଅର୍ଦ୍ଧଶତକ





ବେଙ୍ଗାଲୁରୁ, ୨୮।୩ (ଏଜେନ୍ସି): ଇଶାନ କିଶାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍-୨୦୨୬ର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଉଦ୍‌ଘାଟନୀ ମୁକାବିଲାରେ ସନ୍‌ରାଇଜର୍ସ ହାଇଦରାବାଦ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ୱିକେଟ ହରାଇ ୨୦୧ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଏହି ମ୍ୟାଚ୍‌ରେ ପ୍ରଥମଥର ନେତୃତ୍ୱ ନେଇଥିବା ଇଶାନ ୩୮ ବଲ୍ ଖେଳି ସର୍ବାଧିକ ୮୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିକେତ ବର୍ମା ୧୮ ବଲ୍‌ରେ ୪୩, ହେନ୍‌ରିକ୍ କ୍ଲାସେନ ୩୧ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ତଥା ଡିଫେଣ୍ଡିଂ ଚାମ୍ପିଅନ ଦଳ ବେଙ୍ଗାଲୁରୁ ପକ୍ଷରୁ ଫାଷ୍ଟ ବୋଲର ଜ୍ୟାକବ ଡଫି ଓ ରୋମାରିଓ ସେଫର୍ଡ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଭୁବନେଶ୍ୱର କୁମାର, ଅଭିନନ୍ଦନ ସିଂ, ସୂୟାଶ ଶର୍ମାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଇଶାନଙ୍କ ନେତୃତ୍ୱରେ ପ୍ରଥମଥର ଖେଳୁଥିବା ସନ୍‌ରାଇଜର୍ସ ପ୍ରତିପକ୍ଷ ଜ୍ୟାକବ ଡଫିଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୨୯ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଏହି ୩ଟି ଯାକ ୱିକେଟ ଡଫିଙ୍କୁ ମିଳିଥିଲା। ୨୯ ରନ୍‌ରେ ୩ଟି ୱିକେଟ ହରାଇବା ପରେ ଇଶାନ କିଶାନ ଓ ହେନ୍‌ରିକ୍ କ୍ଲାସେନ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ଚତୁର୍ଥ ୱିକେଟରେ ୫୩ ବଲ୍‌ରୁ ୯୭ ରନ୍ ଉଠାଇବା ଫଳରେ ଦଳ ବିପଦରୁ ରକ୍ଷା ପାଇଥିଲା। ଏହି ସମୟରେ ୨୨ ବଲ୍‌ରେ ୩୧ ରନ୍ କରିଥିବା କ୍ଲାସେନଙ୍କୁ ଆଉଟ କରି ସେଫର୍ଡ ଏହି ଯୋଡି ଭାଙ୍ଗିଦେବା ପରେ ଦଳ କ୍ରମାଗତ ୱିକେଟ ହରାଇଥିଲା। କ୍ଲାସେନଙ୍କ ପରେ ସଲିଲ ଅରୋରା ୯, ହର୍ଷ ଦୁବେ ୩ ଓ ଇଶାନ ୮୦ ରନ୍ କରି ଆଉଟ ହୋଇଥିଲେ। ଇଶାନ ମାତ୍ର ୩୮ ବଲ୍‌ରୁ ୮ ଚୌକା ଓ ୫ଛକା ସହ ୮୦ ରନ୍ କରିଥିଲେ। ଗୋଟିଏ ପଟେ ନିୟମିତ ୱିକେଟ ପଡୁଥିଲେ ମଧ୍ୟ ଅନିକେତ ବର୍ମା ୧୮ ବଲ୍‌ରେ ୩ ଚୌକା ଓ ୪ଛକା ବଳରେ ୪୩ ରନ୍ କରିବା ଫଳରେ ସନ୍‌ରାଇଜର୍ସ ୨୦୦ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ଡଫି ସୁନ୍ଦର ବୋଲିଂ କରିଥିଲେ। ସେ ମାତ୍ର ୪ ଓଭରରେ ୨୨ ରନ୍ ଦେଇ ପ୍ରଥମ ୩ଟି ୱିକେଟ ପାଇଥିଲେ। ରୋମାରିଓ ସେଫର୍ଡ ପରେ ସୁଯୋଗର ଫାଇଦା ଉଠାଇ ୩ଜଣଙ୍କୁ ଆଉଟ କରିଥିଲେ।

### ଅଧିକ ମ୍ୟାଚ୍ ଖେଳି ନେତୃତ୍ୱ ନେବାରେ କିଶାନ ଷଷ୍ଠ

ବେଙ୍ଗାଲୁରୁ: ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ନେତୃତ୍ୱ ନେଇଛନ୍ତି ଇଶାନ କିଶାନ। ସେ ଆଇପିଏଲ୍‌ରେ ପ୍ରଥମଥର ଲାଗି କୌଣସି ଫ୍ରାଞ୍ଚାଇଜ୍ ଟିମ୍‌ର ଅଧିନାୟକ ମନୋନୀତ ହୋଇଛନ୍ତି। ଆଇପିଏଲ୍‌ରେ ୧୧୯ଟି ମ୍ୟାଚ୍ ଖେଳିବା ପରେ ଇଶାନ ଅଧିନାୟକ ଦାୟିତ୍ୱ ନେଇଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବା ପରେ ନେତୃତ୍ୱ ନେବାରେ ଇଶାନଙ୍କ ସ୍ଥାନ ଷଷ୍ଠରେ। ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି ରବୀନ୍ଦ୍ର ଜାଡେଜା। ସେ ୨୦୦ ମ୍ୟାଚ୍ ଖେଳିବା ପରେ ଅଧିନାୟକ ଦାୟିତ୍ୱ ନେଇଥିଲେ। ତାଙ୍କ ପଛକୁ ମନୀଷ ପାଣ୍ଡେ ୧୫୩ ମ୍ୟାଚ୍, ଅକ୍ଷର ପଟେଲ ୧୪୮ ମ୍ୟାଚ୍, କାଇରନ ପୋଲାର୍ଡ ୧୩୭ ମ୍ୟାଚ୍ ଓ ସୂର୍ଯ୍ୟକୁମାର ଯାଦବ ୧୨୬ଟି ଆଇପିଏଲ୍ ମ୍ୟାଚ୍ ଖେଳିବା ପରେ ଦଳର ନେତୃତ୍ୱ ନେଇଥିଲେ। ଇଶାନ କିଶାନ ଏମାନଙ୍କ ମଧ୍ୟରେ ସବୁଠାରୁ କମ୍ ୧୧୯ଟି ମ୍ୟାଚ୍ ଖେଳିବା ପରେ ଦଳର ନେତୃତ୍ୱ ନେଇଛନ୍ତି।

### ଟସ୍ ଜିତିବା ପରେ ବୋଲିଂ

ଏଠାରେ ୨୦୨୫ରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଟସ୍ ଜିତିବା ପରେ ୫ଥର ଅଧିନାୟକ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟରୁ ପଛରେ ବ୍ୟାଟିଂ କରିଥିବା ଦଳ ବା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିବା ଦଳ ୩ଥର ଜିତିଥିଲାବେଳେ ୨ଟିରେ ପରାଜିତ ହୋଇଛି।

■ ୨୦ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ୍

## ସେମିରେ ଭାରତ

ମାଲେ, ୨୮।୩ (ଏଜେନ୍ସି): ମାଳଦୀପରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିଅନସିପ୍‌ରେ ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୧-୧ ଗୋଲ୍‌ରେ ବାଂଲାଦେଶ ବିପକ୍ଷରେ ଡ୍ର ରଖିଛି। ନ୍ୟାସନାଲ ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ୧୬ତମ ମିନିଟ୍‌ରେ ବିଶାଲ ଯାଦବ ଗୋଲ୍‌ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୪୫ତମ+୧୦ମିନିଟ) ରେ ମହମ୍ମଦ ଅବଦୁଲ୍ ରିୟାଦ ବାଂଲାଦେଶ ପାଇଁ ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ୍ ନ ହେବାରୁ ମ୍ୟାଚ୍ ୧-୧'ରେ ବରାବର୍ ରହିଥିଲା। ପୂର୍ବରୁ ଭାରତ ଏହାର ପ୍ରଥମ ମ୍ୟାଚରେ ୩-୦ ଗୋଲରେ ପାକିସ୍ତାନକୁ ହରାଇଥିଲା।

ଜାତୀୟ ସିନିଅର ଶକ୍ତିଉତ୍ତୋଳନ

## ରେକର୍ଡ ସହ ଆକାଂକ୍ଷାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୨୮।୩ (ସମିସ): କର୍ଣ୍ଣାଟକର ମାଙ୍ଗାଲୋରଠାରେ ଶେଷ ହୋଇଥିବା ଜାତୀୟ ସିନିଅର କ୍ଲାସିକ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳ ୨ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ରହିଛି। ମହିଳା ୮୪ କିଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ଆକାଂକ୍ଷା ପରିଡ଼ା ମୋଟ୍ ୪୭୮.୫ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଅବସରରେ ସେ ସ୍କ୍ୱାଟରେ ୨୧୧ କିଗ୍ରା ଭାର ଉଠାଇ ଉଭୟ ଜୁନିଅର ଓ ସିନିଅର ବିଭାଗରେ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି ଆକାଂକ୍ଷା ବେଞ୍ଚପ୍ରେସରେ ୯୫ କିଗ୍ରା ଓ ଡେଡ୍ ଲିଫ୍ଟରେ ୧୭୨.୫ କିଗ୍ରା ଉଠାଇଥିଲେ। ଅପରପକ୍ଷରେ ମହିଳା ୮୪ କିଗ୍ରା ବିଭାଗରେ ରାଜସ୍ମିତା ସାହୁ ସ୍କ୍ୱାଟରେ ୧୭୫ କିଗ୍ରା, ବେଞ୍ଚରେ ୮୨.୫ ଓ ଡେଡ୍‌ଲିଫ୍ଟରେ ୧୯୭ କିଗ୍ରା ସହ ମୋଟ୍ ମୋଟ୍ ୪୨୫ କିଗ୍ରା ଉଠାଇ ଓଭରଅଲ୍ କାଂସ୍ୟ ପଦକ ହାସଲ କରିଥିଲେ। ଏହାବ୍ୟତୀତ ଓଡ଼ିଶା ପ୍ରତିଯୋଗୀମାନେ ଇଣ୍ଡିଭିଜୁଆଲ୍ ଲିଫ୍ଟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ଟି କାଂସ୍ୟ ପଦକ ଲାଭ କରିଛନ୍ତି। ଏହି ସଫଳତା ଲାଗି ରାଜ୍ୟ ପାୱାରଲିଫ୍ଟିଂ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିରଞ୍ଜନ ବେବର୍ତ୍ତା କୋଚ୍ ଭାବେ ଓଡ଼ିଶା ଦଳ ସହ ମାଙ୍ଗାଲୋର ଯାତ୍ରା କରିଥିଲେ।

## ଓସିଏ କ୍ଲବ୍ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ୍ସ, ଷ୍ଟାର୍ ବିଜୟୀ

ଭୁବନେଶ୍ୱର, ୨୮।୩ (ସମିସ): ଓସିଏ କ୍ଲବ ଲିଗ୍‌ରେ ଶନିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ୍ସ, ରାଇଜିଂ ଷ୍ଟାର୍, ଜୁଭେନାଇଲ ଓ ଓଜିପି ଦଳ ବିଜୟୀ ହୋଇଛି। ସନସାଇନ୍ ଗ୍ରାଉଣ୍ଡରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୮ ୱିକେଟରେ ଟାଉନ କ୍ଲବକୁ, ବାରବାଟୀ ଷ୍ଟାଡିୟମରେ ଓଜିପି କ୍ଲବ ୨ ୱିକେଟରେ କିଶୋର କ୍ଲବକୁ, ରେଭେନସା ଗ୍ରାଉଣ୍ଡ-୧ରେ ଜୁଭେନାଇଲ୍ କ୍ଲବ ୬ ୱିକେଟରେ ମଙ୍ଗଳା କ୍ଲବକୁ ଏବଂ ଡ୍ରିମ୍ସ ଗ୍ରାଉଣ୍ଡରେ ରାଇଜିଂ ଷ୍ଟାର୍ ୩ ୱିକେଟରେ ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ଷ୍ଟାର ଦଳର ୱାଲଟର ଟପ୍ପୋ (୪ ୱିକେଟ), ଜୁଭେନାଇଲର ପ୍ରିୟାଂଶୁ ମହାନ୍ତି (୪ ୱିକେଟ), ଓଜିପିର ପାନକଳ ଶଶାଙ୍କ (୪୫ ରନ) ଓ ରାଇଜିଂ ଷ୍ଟୁଡେଣ୍ଟ୍ସର ସୁମିତ କୁମାର (୨ ୱିକେଟ୍ ଓ ୪୩ ରନ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ସନ୍ଦୀପ ସ୍ମାରକୀ ଟେନିସ୍ ୧୩ରୁ




ଭୁବନେଶ୍ୱର, ୨୮।୩ (ସମିସ): ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ଟେନିସ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଟେନିସ ସଂଘର ମାନ୍ୟତାପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଲାଗି ଯୁବ ଅର୍ଥାତ୍ ୧୬ ବର୍ଷରୁ କମ୍ ବୟସବର୍ଗରେ ଖେଳାଯିବ। ଉଭୟ ବାଳକ ଓ ବାଳିକାବର୍ଗର ସିଙ୍ଗଲ୍ସ ଓ ଡବଲ୍‌ସ ଇଭେଣ୍ଟରେ ୫ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ମେଣ୍ଢାଶାଳସ୍ଥିତ ଗୁରୁକୂଳ ରିସୋର୍ଟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥିରେ ବିଜୟୀ ଖେଳାଳିଙ୍କୁ ଆଇଟା ପଏଣ୍ଟ ମିଳିବ ବୋଲି ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମେଜର ସ୍ୱର୍ଗତ ସନ୍ଦୀପ ମହାପାତ୍ରଙ୍କ ପିତା ଜଗଦାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟିର ଚେୟାରମ୍ୟାନ ପ୍ରତାପ କୁମାର ପ୍ରଧାନ, ସନ୍ଦୀପଙ୍କ ଭାଇ ସଞ୍ଜୀବ ମହାପାତ୍ର, ଭଉଣୀ ଅଲୈଖିକା ମହାପାତ୍ର ଓ ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ମେଜର ସନ୍ଦୀପ ୨୦୧୩ରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେ ଭାରତୀୟ ସେନାରୁ ପ୍ରତିନିଧିତ୍ୱ କରି ଟେନିସରେ ଏକାଧିକ ଟ୍ରଫି ଜିତିଥିଲେ।

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ସନ୍ତରଣରେ ଓଡ଼ିଶା ଜିତିଲା ସମସ୍ତ ସ୍ୱର୍ଣ୍ଣ



ଭୁବନେଶ୍ୱର, ୨୮।୩ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ଚତୁର୍ଥ ଦିନରେ ଓଡ଼ିଶାର ପ୍ରତିଯୋଗୀମାନେ ସନ୍ତରଣରେ ସମସ୍ତ ୩ଟିଯାକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେମାନେ ହେଲେ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ରିତିକା ମିଞ୍ଜ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଅଞ୍ଜଳି ମୁଣ୍ଡା ଓ ୪ ଗୁଣା ୪୦୦ ମିଟର ମେଡଲେ ରିଲେ ଟିମ୍। ଦ୍ୱିତୀୟ ଦିନରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ଜିତିଥିବା ଅଞ୍ଜଳି ମୁଣ୍ଡା ଆଜିର ୨ଟି ସ୍ୱର୍ଣ୍ଣକୁ ମିଶାଇ ମୋଟ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୪ଟି ସ୍ୱର୍ଣ୍ଣ ବ୍ୟକ୍ତିଗତ ବିଭାଗରେ ମିଳିଛି। ୪ ଗୁଣା ୧୦୦ ମିଟର ମେଡ୍‌ଲେରେ ଅଞ୍ଜଳି ମୁଣ୍ଡା, ଅଞ୍ଜଳି ମଲ୍ଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ୍ ଅଂଶଗ୍ରହଣ କରିଥିଲେ। ଆଜି ଖେଳାଯାଇଥିବା ଇଭେଣ୍ଟ ମଧ୍ୟରୁ ସନ୍ତରଣ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ କୃଷ୍ଣପ୍ରିୟା ନାୟକ ରୌପ୍ୟ, ପୁରୁଷ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରାଜେଶ ସୋରେନ୍ କାଂସ୍ୟ ଓ ମହିଳା ଭାରୋତ୍ତୋଳନ ୭୭ କିଲୋଗ୍ରାମ୍ କାଟାଗୋରୀରେ ୧୨୬ କେଜି ଓଜନ ଉଠାଇ ଶ୍ରୀମତୀ ଜାନି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

ଏହି ପ୍ରତିଯୋଗିତାର ଚତୁର୍ଥ ଦିନ ଶେଷ ସୁଦ୍ଧା କର୍ଣ୍ଣାଟକ ୧୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ଟି କାଂସ୍ୟ ସହ ୨୪ଟି ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଓଡ଼ିଶା ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ କାଂସ୍ୟ ସହ ୨୩ଟି ପଦକ ଜିତି ପଦକ ତାଲିକାର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ୪ ସ୍ୱର୍ଣ୍ଣ ସହ ଆସାମ ତୃତୀୟ ସ୍ଥାନରେ ରହିଛି।

## ବାଂଲାରେ ଆଇପିଏଲ୍ ପ୍ରସାରଣ ଉପରୁ ବାସନ୍ଦ ଉଠିଲା

ଢାକା, ୨୮।୩ (ଏଜେନ୍ସି): ବାଂଲାଦେଶର କ୍ରିକେଟ ସମର୍ଥକଙ୍କ ଦାବି ଆଗରେ ହାର ମାନିଛନ୍ତି ନୂଆ ସରକାର। ଆଜିଠାରୁ ଭାରତରେ ଆରମ୍ଭ ହେଉଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଉପରୁ ନୂଆ ସରକାର ବାସନ୍ଦ ଉଠାଇଦେଇଛନ୍ତି। ଏହା ଫଳରେ ବାଂଲାଦେଶରେ ଏବେ ଆଇପିଏଲ୍ ପ୍ରସାରଣ ଲାଗି କୌଣସି ପ୍ରତିବନ୍ଧକ ନାହିଁ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ବାସନ୍ଦ ଆଦେଶ ପ୍ରତ୍ୟାହାର ଘୋଷଣା କରିବା ସହ ଷ୍ଟାର ସ୍ପୋର୍ଟ୍ସ କିମ୍ବା ଦେଶର ଅନ୍ୟ କୌଣସି ଚ୍ୟାନେଲ ଆଇପିଏଲ୍ ପ୍ରସାରଣ କରିବାକୁ ଚାହିଁଲେ ସରକାର ଅନୁମତି ଦେବେ ବୋଲି ସ୍ୱପନ କହିଛନ୍ତି। ସୂଚନାଯୋଗ୍ୟ ଆଇପିଏଲ୍‌ରୁ ବାଂଲା ଫାଷ୍ଟ ବୋଲର ମୁସ୍ତାଫିଜର ରହେମାନଙ୍କୁ ବାଦ୍ ଦିଆଯିବାରୁ ବାଂଲାରେ ଆଇପିଏଲ୍ ପ୍ରସାରଣକୁ ପୂର୍ବ ସରକାର ବାସନ୍ଦ କରିଥିଲେ।

## ଦୁଇ ସପ୍ତାହ ଖେଳିପାରିବେନି ଧୋନି



ଚେନ୍ନଇ, ୨୮।୩ (ଏଜେନ୍ସି): ଆଇପିଏଲ୍‌ର ସଫଳ ଟିମ୍ ଚେନ୍ନଇ ସୁପର କିଙ୍ଗ୍‌ସ ଓ ଧୋନିଙ୍କ ସମର୍ଥକଙ୍କୁ ଲାଗିଛି ଶକ୍ତ ଝଟ୍‌କା। ଆଜିଠାରୁ ଆଇପିଏଲ୍ ଆରମ୍ଭ ହୋଇଥିଲାବେଳେ ଆଇକନିକ ଖେଳାଳି ଏମ୍‌ଏସ୍ ଧୋନି ଆଘାତ ଜନିତ କାରଣରୁ ଦୁଇ ସପ୍ତାହ ଖେଳିପାରିବେନି ବୋଲି ଶନିବାର ସିଏସ୍‌କେ ପକ୍ଷରୁ ଘୋଷଣା କରାଯାଇଛି। ଧୋନିଙ୍କ ନେତୃତ୍ୱରେ ଚେନ୍ନଇ ୫ଥର ଆଇପିଏଲ୍ ଟାଇଟଲ ବିଜୟୀ ହୋଇ ସଫଳ ଅଧିନାୟକ ଭାବେ ବିବେଚିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଅନୁଷ୍ଠି ଅଭ୍ୟାସ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ଏବେ ଚେନ୍ନଇରେ ତାଙ୍କ ଚିକିତ୍ସା ଓ ପୁନର୍ବାସ ଚାଲିଛି। ୪୪ ବର୍ଷୀୟ ଧୋନି ୨୦୨୩ରେ ଆଣ୍ଠୁରେ ଅସ୍ତ୍ରୋପଚାର କରିବା ପରେ ପୂରା ଫିଟ୍ ହୋଇପାରୁ ନାହାନ୍ତି। ଏହା ସତ୍ତ୍ୱେ ସେ ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ନୂଆ ଆଘାତ ସମସ୍ୟା ତାଙ୍କୁ ଲକ୍ଷ୍ୟଚ୍ୟୁତ କରିବ ବୋଲି ଆଶା କରାଯାଉଛି। ଧୋନିଙ୍କ ପୂର୍ବରୁ ସିଏସ୍‌କେର ଟପ୍ ଅର୍ଡର ବ୍ୟାଟର ମାଥ୍ୟୁ ସର୍ଟ, ଫାଷ୍ଟ ବୋଲର ନାଥାନ ଏଲିସ୍ ଆଘାତ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

● ମେଜର୍ ଲିଗ୍ କ୍ରିକେଟ୍

## ସାନ୍ ଫ୍ରାନ୍ସିସ୍କୋ ପାଇଁ ଖେଳିବେ ଅଶ୍ୱିନ

ନୂଆଦିଲ୍ଲୀ, ୨୮।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲସି) ଖେଳିବେ। ସାନ୍ ଫ୍ରାନ୍ସିସ୍କୋ ୟୁନିକର୍ନ୍ସ ଦଳ ପକ୍ଷରୁ ଖେଳିବାକୁ ଅଶ୍ୱିନ ଚୁକ୍ତି କରିଛନ୍ତି। ଫଳରେ ୩୯ ବର୍ଷୀୟ ଅଶ୍ୱିନ ପ୍ରଥମ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର୍ ଭାବେ ଆମେରିକା ଟି-୨୦ ଲିଗ୍‌ରେ ଭାଗନେବେ। ଅଶ୍ୱିନଙ୍କ ସମେତ ସାନ୍ ଫ୍ରାନ୍ସିସ୍କୋ ଦଳରେ ଅଷ୍ଟ୍ରେଲିଆର ମାଥ୍ୟୁ ସର୍ଟ, ନ୍ୟୁଜିଲାଣ୍ଡର ଫିନ୍ ଆଲେନ, ହାରିସ ରୌଫଙ୍କ ଭଳି ଅନ୍ତର୍ଜାତୀୟ ତାରକା ରହିଛନ୍ତି। ଫଳରେ ପାକିସ୍ତାନର ହାରିସଙ୍କ ସହ ଅଶ୍ୱିନ ଏବେ ଏକାଠି ଖେଳିବେ। ଉଲ୍ଲେଖଯୋଗ୍ୟ, ଅଶ୍ୱିନ ଉଭୟ ଅନ୍ତର୍ଜାତୀୟ ଓ ଆଇପିଏଲ୍‌ରୁ ଅବସର ନେଇସାରିଛନ୍ତି। ଟି-୨୦ କ୍ରିକେଟ୍‌ରେ ତାଙ୍କର ଢେର ଅଭିଜ୍ଞତା ରହିଛି। ଅନ୍ତର୍ଜାତୀୟ ଓ ଲିଗ୍ କ୍ରିକେଟ୍‌ରେ ସେ ମୋଟ୍ ୩୩୩ ମ୍ୟାଚ୍ ଖେଳି ୩୧୭ଟି ୱିକେଟ୍ ନେଇଛନ୍ତି।

## ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିସନ୍

ସୁଜୁକା, ଜାପାନ, ୨୮।୩ (ଏଜେନ୍ସି): ମର୍ସିଡିଜ୍‌ର ୧୯ ବର୍ଷୀୟ ଇଟାଲୀୟ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ଶନିବାର ଅନୁଷ୍ଠିତ ଜାପାନିଜ୍ ଗ୍ରାଁ ପ୍ରି ଫର୍ମୁଲା-ୱାନ୍ କାର ରେସ୍‌ରେ ପୋଲ ପୋଜିସନ ହାସଲ କରିଛନ୍ତି। ତାଙ୍କ ଟିମ୍ ମେଟ ଜର୍ଜ ରସେଲ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରି ମର୍ସିଡିଜ୍‌କୁ ବିଶ୍ୱଚାମ୍ପିଅନ ହେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଆସନ୍ତାକାଲି ମର୍ସିଡିଜ୍‌ର ଉଭୟ ଡ୍ରାଇଭର ପ୍ରଥମ ଦୁଇଟି ପୋଜିସନରୁ ରେସ୍ ଆରମ୍ଭ କରିବେ। ଏମାନଙ୍କ ପଛକୁ ମ୍ୟାକ୍‌ଲରେନ୍‌ର ଓସ୍କାର ପିଆଷ୍ଟ୍ରି ଓ ଫେରାରିର ଚାର୍ଲସ ଲାକ୍ଲେର୍କ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରିବେ।

ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ

## କ୍ୱାର୍ଟରରେ ରେଡ୍‌ଷ୍ଟାର, ରାମେଶ୍ୱର






ଭୁବନେଶ୍ୱର, ୨୮।୩ (ସମିସ): ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ସ୍ଥାନୀୟ ହାଇଟେକ୍ କଲେଜ୍ ପଡ଼ିଆରେ ଶନିବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ପ୍ରଥମ ଦିନ ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯାଇଥିଲା। ଏହି ଦୁଇଟି ମ୍ୟାଚରେ ଭୁବନେଶ୍ୱରର ଦୁଇ ଦଳ ରେଡ୍‌ଷ୍ଟାର ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାମେଶ୍ୱର ୫ ୱିକେଟରେ ସନ୍‌ସାଇନ୍ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସୁନ୍ଦର ବ୍ୟାଟିଂ କରି ୪୩ ବଲ୍‌ରେ ୫୬ ରନ୍ କରିଥିବା ଲିଓଲିନ୍ ମେହେରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ପ୍ରଦାନ କରିଥିଲେ। ସେହିପରି ଅନ୍ୟ ମ୍ୟାଚ୍‌ରେ ରେଡ୍‌ଷ୍ଟାର ୪ ୱିକେଟରେ ଜୟଦେବ କ୍ରୀଡ଼ା ସଂଘକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସୁନ୍ଦର ବୋଲିଂ କରି ମୃତ୍ୟୁଞ୍ଜୟ ଦାସ ୧୬ ରନ୍‌ରେ ୪ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ସହିଦ୍ ସ୍ପୋର୍ଟିଂର ପୂର୍ବତନ କୋଚ୍ ରାଧେଶ୍ୟାମ ନାୟକଙ୍କଠାରୁ ଗ୍ରହଣ କରିଥିଲେ।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରୀଶ ଚନ୍ଦ୍ର ମହାପାତ୍ର, ବହ୍ଲବ ଚରଣ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ବୋଲି ସଂଘର ସମ୍ପାଦକ ଅମ୍ପାୟାର ଶରତଚନ୍ଦ୍ର ସାହୁ ଜଣାଇଛନ୍ତି।

ଓମ୍‌ଶ୍ରୀ ସାହୁଙ୍କ ଦ୍ୱିଶତକ

## ଫାଇନାଲରେ ରେଡ୍‌ଷ୍ଟାର-ଏଲ୍‌ଏଲ୍‌ସିସି-ଏ'



ଭୁବନେଶ୍ୱର, ୨୮।୩ (ସମିସ): ରେଡ୍‌ଷ୍ଟାର ଓ ଆୟୋଜକ ଏଲ୍‌ଏଲ୍‌ସିସି ମଧ୍ୟରେ ପଞ୍ଚମ ୧୪ ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ରବିବାର ଫ୍ଲଡ୍‌ଲାଇଟ୍‌ରେ ଖେଳାଯିବ। ଆଜି ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଓମ୍‌ଶ୍ରୀ ସାହୁଙ୍କ ଅପରାଜିତ ୨୧୭ ରନ୍ ସହାୟତାରେ ରେଡ୍‌ଷ୍ଟାର ୧୦ ୱିକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ସହିଦ୍ ସ୍ପୋର୍ଟିଂକୁ ୯୪ ରନ୍‌ରେ ପରାସ୍ତ କରି ଆୟୋଜକ ଏଲ୍‌ଏଲ୍‌ସିସି-ଏ' ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ମାତ୍ର ୧୨୪ ବଲ୍ ଖେଳି ୪୯ଚୌକା ସହ ଅପରାଜିତ ଦ୍ୱିଶତକ କରିଥିବା ରେଡ୍‌ଷ୍ଟାରର ଓମ୍‌ଶ୍ରୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆୟୁଷ ତ୍ରିପାଠୀଙ୍କ ଅପରାଜିତ ୯୪, ସୁସଙ୍କେତ ରାଉତରାୟଙ୍କ ୬୬ ଓ ଅଧିନାୟକ ଆୟୁଷ୍ମାନ ପାତ୍ର ୪୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ୫ ୱିକେଟରେ ୨୫୩ ରନ୍ କରିଥିଲେ। ଜବାବରେ ରେଡ୍ ଷ୍ଟାର ୩୨.୩ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ଓମ୍‌ଶ୍ରୀଙ୍କ ସହ ଅମିତ ୩୨ ରନ୍‌ର ଯୋଗଦାନ ଦେଇଥିଲେ। ଆଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଶ୍ରୀ ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ ପ୍ରଥମ ଦ୍ୱିଶତକହାସଲକାରୀ ବିବେଚିତ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ସେ ୧୬୨ ରନ୍‌ର ଇନିଂସ ଖେଳିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS